R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୯୩
ତିଥି: ପ୍ରତିପଦା
୧୮ ଏପ୍ରିଲ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 193
18 April 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସମ୍ବିଧାନ ସଂଶୋଧନ ବିଲ୍ କାଟ ଖାଇଲା



- ଜନଗଣନା ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣ ଲାଗି ହୋଇଥିଲା ପ୍ରଚେଷ୍ଟା
- ବିଲ୍ ସପକ୍ଷରେ ୨୯୮, ବିପକ୍ଷରେ ୨୩୦ ଭୋଟ୍
- ଆବଶ୍ୟକ ଥିଲା ୩୫୨ ସାଂସଦଙ୍କ ସମର୍ଥନ
- ୫୨୮ ସାଂସଦ ଭୋଟ୍ ପ୍ରକ୍ରିୟାରେ ନେଲେ ଭାଗ
- ପ୍ରତ୍ୟାହାର ହେଲା ଆଉ ଦୁଇ ବିଲ୍
- ଭାରତର ରାଜନୈତିକ ନକ୍ସା ପରିବର୍ତ୍ତନ ଲାଗି ଉଦ୍ୟମ : ରାହୁଲ

ନୂଆଦିଲ୍ଲୀ, ୧୭ ।୪ : ମହିଳା ସଂରକ୍ଷଣ ବିଲ୍ ଲାଗୁ କରିବା ପାଇଁ ବିନା ସଦ୍ୟ ଜନଗଣନାରେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ପ୍ରୟାସ ହୋଇଥିଲା ତାହା ବିଫଳ ହୋଇଛି । ଏଥିଲାଗି ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଥିଲା । ତେବେ ଏହି ବିଲ୍ ସପକ୍ଷରେ ଲୋକସଭାରେ ୨୯୮ ସଦସ୍ୟ ଭୋଟ୍ ଦେଇଥିବାବେଳେ ୨୩୦ ସଦସ୍ୟ ବିଲ୍ ବିରୋଧରେ ଭୋଟ୍ ଦେଇଥିଲେ । ଦୁଇ ତୃତୀୟାଂଶ ସଖ୍ୟା ନଥିବାରୁ ବିଲ୍‌ଟି ଖାରଜ ହୋଇଯାଇଥିଲା । ପରେ ସୀମା ନିର୍ଦ୍ଧାରଣ ବିଲ୍ ଓ କେନ୍ଦ୍ରଶାସିତ ଅଞ୍ଚଳ ବିଲ୍ ପ୍ରତ୍ୟାହାର କରିନିଆଯାଇଥିଲା ।

କେନ୍ଦ୍ର ସରକାର ଦର୍ଶାଇଥିଲେ ଯେ ଦୁଇଟି ଏଇ ସମ୍ପର୍କିତ ବିଲ୍ ରହିଛି । ଏହାକୁ ଆଉ ଆଗକୁ ବଢ଼ିବାକୁ ଦିଆଯିବନାହିଁ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍‌କୁ ପ୍ରତ୍ୟାହାର କରିନିଆଗଲା ବୋଲି ସୂଚନା ଦେଇଥିଲେ । ବିଲ୍ ପାରିତ ହେବାପାଇଁ ୩୫୨ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା । ୫୨୮ ସାଂସଦ ଏହି ଭୋଟିଂ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିଥିଲେ । ବିଲ୍‌ର ଲକ୍ଷ୍ୟ ଥିଲା ଯେ ନୂଆ ଜନଗଣନା ପୂର୍ବରୁ ସୀମା ପୁନଃନିର୍ଦ୍ଧାରଣ ବ୍ୟବସ୍ଥା ଲାଗୁ କରାଯିବ । ଯେଉଁଥିରେ ମହିଳାମାନଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ରହିବ । ଏଥିଲାଗି ଗତକାଲି ଠାରୁ ଲୋକସଭାର ପରିବର୍ଦ୍ଧିତ ଅଧିବେଶନ ଆରମ୍ଭ ହୋଇଥିଲା । ନାରୀଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନ ଅଣାଯାଇ ଏହାକୁ ଆଗତ କରାଯାଇଥିଲା । ପ୍ରସ୍ତାବିତ ସଂଶୋଧନରେ ଉଲ୍ଲେଖ ଥିଲା ଯେ ୨୦୨୯ରେ ମହିଳା ସଂରକ୍ଷଣ ଲାଗୁ କରାଯିବ । ତେବେ ଲୋକସଭାର ସଦସ୍ୟଙ୍କ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ । ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଲୋକସଭାରେ ଭାଷଣ ଦେଇ ବିରୋଧୀ ଦଳଗୁଡ଼ିକୁ ଏହି ବିଲ୍‌କୁ ସମର୍ଥନ କରିବାକୁ କହିଥିଲେ । କୌଣସି ରାଜ୍ୟ ଉପରେ ଅନ୍ୟାୟ କରାଯିବନାହିଁ (୯ ପୃଷ୍ଠାରେ)

# ହରମୁଜ ପ୍ରଣାଳୀ ମୁକ୍ତ



ନୂଆଦିଲ୍ଲୀ, ୧୭ ।୪ : ମଧ୍ୟପ୍ରାଚ୍ୟରେ ବଢ଼ି ଚାଲିଥିବା ଯୁଦ୍ଧ ପରିସ୍ଥିତିର ସମାଧାନ ଲାଗି ଏକ କୂଟନୈତିକ ସଫଳତା ମିଳିଛି । ଲେବାନନ-ଇସ୍ରାଏଲ ମଧ୍ୟରେ ୧୦ ଦିନର ଯୁଦ୍ଧ ବିରତି ଘୋଷଣା ପରେ ଗୁରୁତ୍ୱପୂର୍ଣ୍ଣ ଜଳପଥ ହରମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ଇରାନ ରାଜି ହୋଇଛି । ଏହି ପ୍ରଣାଳୀ ଦେଇ ବିଶ୍ୱର ବହୁ ରାଷ୍ଟ୍ରକୁ ତୈଳ ରପ୍ତାନୀ ହୋଇଥାଏ । ଫଳରେ ଅନେକ ରାଷ୍ଟ୍ର ଏବେ ଆଶ୍ୱସ୍ତ ହୋଇଛନ୍ତି ।

ହରମୁଜ୍ ପ୍ରଣାଳୀକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ବିବାଦ ବଢ଼ୁଥିଲା । ହରମୁଜ୍ ପ୍ରଣାଳୀକୁ ମୁକ୍ତ ନ କଲେ ଅନ୍ୟ ଜଳପଥକୁ ଆମେରିକା ଅବରୋଧ କରିଥିଲା । ତେବେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଅରଗାଛି କହିଛନ୍ତି ଯେ ଲେବାନନ (୯ ପୃଷ୍ଠାରେ)

# ତାତି ଲାଗି ବଲାଙ୍ଗିର, ସୁବର୍ଣ୍ଣପୁରରେ ସ୍କୁଲ ଛୁଟି

ବଲାଙ୍ଗିର/ସୋନପୁର, ୧୭ ।୪ (ସବ୍ୟୁ): ପ୍ରବଳ ଖରା ଓ ଅସହ୍ୟ ଗରମକୁ ଦୃଷ୍ଟିରେ ବଲାଙ୍ଗିର ଜିଲ୍ଲାରେ ଶନିବାର ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ର ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ଏହା ସହିତ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବଲାଙ୍ଗିର ଜିଲ୍ଲାପାଳ ଏହି ନିଷ୍ପତ୍ତି ନେଇଛନ୍ତି । ପରେ ସ୍ଥିତିକୁ ଦେଖି ଜିଲ୍ଲା ପ୍ରଶାସନ ଖରାଛୁଟି ନିଷ୍ପତ୍ତି ନେବ ବୋଲି କୁହାଯାଇଛି ।

ସେହିପରି ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ହିଟ୍‌ୱେଭ୍‌କୁ ଦୃଷ୍ଟିରେ ରଖି ୧୮ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୪ ଦିନ ସ୍କୁଲ ସହିତ ଅଙ୍ଗନୱାଡ଼ି , କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବଲାଙ୍ଗିର ଜିଲ୍ଲାପାଳଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ଗ୍ରୀଷ୍ମ ପ୍ରବାହ ସ୍ଥିତିକୁ ଦୃଷ୍ଟିରେ ରଖି ତଥା ବଲାଙ୍ଗିର ଜିଲ୍ଲାକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଥିବାରୁ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ୧୮ ଏପ୍ରିଲରୁ ୨୧ ଏପ୍ରିଲ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଗୁରୁବାର କରାଯାଇଥିବା ଆକଳନ ଅନୁଯାୟୀ, ଏପ୍ରିଲ ୧୮ ଓ ୧୯ ତାରିଖରେ ବଲାଙ୍ଗିରର ଦିନର ତାପମାତ୍ରା ସର୍ବୋଚ୍ଚ ୪୫ ଡିଗ୍ରୀ ରହିପାରେ । ସେହିପରି ଏପ୍ରିଲ ୨୦ ତାରିଖରେ ୪୩ ଡିଗ୍ରୀ ରହିପାରେ । ବଲାଙ୍ଗିର ସହିତ ଟିଟିଲାଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ମଧ୍ୟ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ । ସେହିପରି ୧୯ ତାରିଖରେ ମଧ୍ୟ ଏହି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ରହିପାରେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ (୯ ପୃଷ୍ଠାରେ)

# ୨୧ରେ ରାଉରକେଲା ଆସିବେ ରାଷ୍ଟ୍ରପତି

## ଗସ୍ତ କାର୍ଯ୍ୟକ୍ରମ ତ୍ରୁଟି ଶୂନ୍ୟ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର, ୧୭ ।୪ (ସବ୍ୟୁ): ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଚଳିତମାସ ୨୧ ତାରିଖରେ ରାଉରକେଲା ଗସ୍ତରେ ଆସିବେ । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରସ୍ତୁତି ଯେପରି ତ୍ରୁଟି ଶୂନ୍ୟ ହେବ, ସେଥିପାଇଁ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ତଦାରଖ ଉପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଂପୃକ୍ତ ବିଭାଗର ସଚିବ ତଥା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତ ସଂପର୍କରେ ରାଜ୍ୟ ଗୃହ(ସ୍ୱରାଷ୍ଟ୍ର) ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର କେ ଶର୍ମା ସୂଚନା ପ୍ରଦାନ କରିଥିଲେ । ରାଷ୍ଟ୍ରପତି ଏପ୍ରିଲ ୨୧ ତାରିଖ ସକାଳୁ ନୂଆ ଦିଲ୍ଲୀରୁ ବାୟୁସେନା ବିମାନରେ ବାହାରି ପୂର୍ବାହ୍ନ ୧୦.୨୫ ରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ ସ୍ୱତନ୍ତ୍ର ହେଲିକେପଟର ଯୋଗେ ପୂର୍ବାହ୍ନ ୧୧.୧୦ ସମୟରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚି ସଡ଼କ ପଥରେ ସେକଟର ୧୩ ଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେବା ସହ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଉଦଘାଟନ କରିବେ ।

ରାଷ୍ଟ୍ରପତି ରାଉରକେଲା ଠାରେ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର ଭବନ, ବିଜ୍ଞାନ ପାର୍କ ଓ ପ୍ଲାନେଟୋରିୟମ, କୋଏଲ ନଗର ସ୍ଥିତ ପ୍ରମୋଦ ଉଦ୍ୟାନ ଭଳି ଜନ କଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଉଦଘାଟନ କରିବେ । ସାଧାରଣ ସଭାପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଜନଜାତି ସଂଗ୍ରହାଳୟ ଓ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ରାଉରକେଲାର ପରିଦର୍ଶନ କରିବେ । (୯ ପୃଷ୍ଠାରେ)

## ଖରିଫ ଋତୁରେ ସାରର ସୁକ୍ଷମ ବଣ୍ଟନ, ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ



- ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୭ ନିର୍ଦ୍ଦେଶ
- ପ୍ରମାଣ ମିଳିଲେ ଏତଲା ସହ ଲାଇସେନ୍ସ ବାତିଲ କର
- ବାହାର ରାଜ୍ୟକୁ ଯେପରି ସାର ନଯାଏ ନଜର ରଖ

ଭୁବନେଶ୍ୱର, ୧୭ ।୪ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଖରିଫ ଋତୁ ପାଇଁ ସାର ଉପଲବ୍ଧତା ଓ ସୁକ୍ଷମ ବଣ୍ଟନ ଉପରେ ସମୀକ୍ଷା କରି ସାରର ଲାଷ୍ଟ ମାଇଲ ଡେଲିଭରୀ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରତ୍ୟେକ ଚାଷୀ, କ୍ଷୁଦ୍ର ହୁଅନ୍ତୁ ବା ନାମମାତ୍ର, ସମସ୍ତେ ଯେପରି ଆବଶ୍ୟକତା ଅନୁଯାୟୀ ସାର ପାଇବେ, ତାକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଜନିତ ପରିସ୍ଥିତି ଯୋଗୁ ସାର ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଛି । ତେଣୁ, ଖରିଫ ଋତୁରେ ଯେପରି ଚାଷୀ ଉଚିତ୍ ମୂଲ୍ୟରେ ଆବଶ୍ୟକତା ଅନୁଯାୟୀ ସାର ପାଇବେ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଜି ଜିଲ୍ଲାପାଳ ମାନଙ୍କ ସହିତ ଭିଡିଓ କନ୍‌ଫରେନ୍‌ସିଙ୍ଗ ଜରିଆରେ ଆଲୋଚନା କରି ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଅବସରରେ କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାରର ଉପଲବ୍ଧତା ସମ୍ପର୍କରେ ଉପସ୍ଥାପନା ରଖି କହିଥିଲେ ଚଳିତ ବର୍ଷ କେନ୍ଦ୍ର ସରକାର ବିଭିନ୍ନ ସାର ପାଇଁ ୧୧,୪୨,୯୫୦ ମେଟ୍ରିକ ଟନର ସାର ଯୋଗାଇଦେବେ । ଏପ୍ରିଲ ମାସ ପାଇଁ ୭୯,୬୩୦ ମେଟ୍ରିକ ଟନ ସାର ଆବଶ୍ୟକ ଥିବାବେଳେ, ଏପ୍ରିଲ ୧୫ ସୁଦ୍ଧା ୩,୬୧,୪୯୦ ମେଟ୍ରିକ ଟନ ସାର ଉପଲବ୍ଧ ଅଛି । ରାଜ୍ୟରେ ସାର ହୋଲସେଲର ବିକ୍ରେତା ମାନଙ୍କ ସଂଖ୍ୟା ୧୦୨୯ ଥିବାବେଳେ ଖୁଚୁରା ବିକ୍ରେତାଙ୍କ ସଂଖ୍ୟା ୧୨,୦୯୩ ଅଛି । ବିଭିନ୍ନ ସାର ଯୋଗାଣ କମ୍ପାନୀଙ୍କ ପକ୍ଷରୁ ସାର ଯୋଗାଣ ମଧ୍ୟ ଠିକ୍ ରହିଛି । (୯ ପୃଷ୍ଠାରେ)

# ୨୦ରେ ସିଏମ୍ କିଷାନ ସହାୟତା ରାଶି

ଭୁବନେଶ୍ୱର, ୧୭ ।୪ (ସବ୍ୟୁ) : ଆସନ୍ତା ୨୦ ତାରିଖ ଅକ୍ଷୟ ତୃତୀୟା ଅବସରରେ ରାଜ୍ୟରେ ଅକ୍ଷିମୁଠି କାର୍ଯ୍ୟକ୍ରମ ହେବ । ଏହା ସହ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ ଯୋଗ୍ୟ ଚାଷୀଙ୍କୁ ସିଏମ୍ କିଷାନ ସହାୟତା ରାଶି କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପ୍ରଦାନ କରାଯିବ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବିଧାୟକଗଣ ଉପସ୍ଥିତ ରହିବେ । ରାଜ୍ୟର ୪୧ ଲକ୍ଷ ୬୮ ହଜାର ୫୮୨ ଚାଷୀଙ୍କୁ ଖରିଫ ସହାୟତା ପ୍ରଦାନ କରାଯିବ । ଅନ୍ୟ ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଯୋଗଦେବେ । ପୁରୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାପତି ପରିଡା, ନବରଙ୍ଗପୁରରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଢ଼େଙ୍କାନାଳରେ କୃଷ୍ଣଚନ୍ଦ୍ର ପାତ୍ର, ଖୋର୍ଦ୍ଧାରେ ପୃଥ୍ୱୀରାଜ ହରିଚନ୍ଦନ, ବାଲେଶ୍ୱରରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗଞ୍ଜାମରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୟୂରଭଞ୍ଜରେ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝରରେ ଗଣେଶ ରାମସିଂହ ଖୁଣ୍ଟିଆ, ଭଦ୍ରକରେ ପ୍ରଦୀପ ବଳ ସାମନ୍ତ ଓ ନୟାଗଡରେ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗଦେବେ ।

# ସହଦେବ ସମେତ ୪ ମାଓବାଦୀ ନିପାତ୍

ସୁନ୍ଦରଗଡ଼, ୧୭ ।୪ (ସବ୍ୟୁ): ଝାଡଖଣ୍ଡର ଚତରା ଓ ହଜାରିବାଗ ଜିଲ୍ଲା ସୀମାରେ ବଟୁକାର ଜଙ୍ଗଲରେ ଶୁକ୍ରବାର ସକାଳେ ସୁରକ୍ଷା ବାହିନୀର ଗୁଳିରେ ୪ ଜଣ ମାଓବାଦୀ ନିହତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ସବ୍-ଜୋନାଲ କମାଣ୍ଡର ସହଦେବ ମାହାତୋ ଓ ମହିଳା ମାଓବାଦୀ ନତାଶା । ସହଦେବ ମାହାତୋ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ସେ ଦୀର୍ଘ ବର୍ଷ ଧରି ଚତରା, ହଜାରୀବାଗ ଏବଂ ଲାଟେହାର ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିଲା ।

ଘଟଣାସ୍ଥଳରୁ ସୁରକ୍ଷା ବାହିନୀ ଦୁଇଟି ଏକେ-୪୭ ସହିତ ବହୁ ସଂଖ୍ୟକ କ୍ୟାଟ୍ରିଜ୍ ଓ ନକ୍ସଲଙ୍କ ଦ୍ୱାରା ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଏହା ସହିତ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ବଟୁକାର ଜଙ୍ଗଲରେ ମାଓବାଦୀ ମାନଙ୍କର ଏକ ବଡ଼ ଦଳ ଏକ ବଡ଼ ଅଘଟଣ ଘଟାଇବା ପାଇଁ ଷଡ଼ଯନ୍ତ୍ର କରିବାକୁ ଏକତ୍ରିତ ହୋଇଥିବା ପୁଲିସ ଖବର ପାଇଥିଲା । ଏହି ସୂଚନା ଆଧାରରେ, ଚତରା-ହଜାରୀବାଗ ପୁଲିସ ଓ କୋବ୍ରା ବାଟାଲିୟନ (୯ ପୃଷ୍ଠାରେ)



## 'ଥାର୍' ଦୁର୍ନୀତିର ପର୍ଦ୍ଦାଫାଶ

# ସନ୍ଦେହରେ ଜଙ୍ଗଲ ବିଭାଗ, ଏସ୍ଆର୍‌ସିଙ୍କ ଭୂମିକା

## ଏସ୍‌ଡିଆର୍‌ଏଫ୍‌ରୁ ୧୧.୪୫ କୋଟିର ହିସାବ ଗାଏବ୍

## କାର୍ଯ୍ୟାନୁଷ୍ଠାନ ପାଇଁ ଏଜିଙ୍କ ସୁପାରିଶ

ଭୁବନେଶ୍ୱର, ୧୭ ।୪ (ସବ୍ୟୁ): ରାଜ୍ୟ ଜଙ୍ଗଲ ବିଭାଗର ବହୁଚର୍ଚ୍ଚିତ "ଥାର' ଗାଡ଼ି କିଣାରେ ଅନିୟମିତତା ପଦାକୁ ଆସିବା ପରେ "ଜଙ୍ଗଲ ସୁରକ୍ଷା' ନାଁରେ ଚାଲିଥିବା ସୁସଂଗଠିତ ଆର୍ଥିକ ଜାଲିଆତିର ପର୍ଦ୍ଦାଫାଶ ହୋଇଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ)ରୁ ଜାଲିଆତି କରି ବେଆଇନ ଭାବେ ଟଙ୍କା ଉଠାଣ ସହ ୧୧.୪୫ କୋଟି ଟଙ୍କାର ହିସାବ ଆତ୍ମସାତ ହୋଇଛି ।

ଏହି କୋଟିକୋଟି ଟଙ୍କାର ଆର୍ଥିକ ଅନିୟମିତତାରେ କେବଳ ଜଙ୍ଗଲ ବିଭାଗ ନୁହେଁ, ବରଂ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ ଅଫିସ୍ ମଧ୍ୟ ସମାନ ଭାବେ ଦାୟୀ । ଜଙ୍ଗଲ ସୁରକ୍ଷା ନାଁରେ ବିପର୍ଯ୍ୟୟ ପାଣ୍ଠିରୁ ବିଳାସପୂର୍ଣ୍ଣ ଗାଡ଼ି କିଣିବା ପାଇଁ ଏସଆରସି ନିଜ କ୍ଷମତାର ଅପବ୍ୟବହାର କରିଛନ୍ତି । ସ୍ୱତନ୍ତ୍ର ଅଡିଟ୍ ପରେ ରାଜ୍ୟ ପ୍ରମୁଖ ମହାଲେଖାକାର(ଏଜି)ଙ୍କ ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରେ ଏଭଳି ସଙ୍ଗୀନ ତଥ୍ୟ ଉଜାଗର ହୋଇଛି ।

ଏହି ଘଟଣାରେ ଜଙ୍ଗଲ ବିଭାଗର କିଛି ଅଫିସର ଖୋଲାଖୋଲି ଭାବେ ସରକାରୀ ନିୟମକୁ ଫୁ' କରି ଟ୍ରେଜେରୀକୁ ବିଭ୍ରାନ୍ତ କରି ବିପୁଳ ପରିମାଣର ଅର୍ଥକୁ ବାଟମାରଣା କରିଥିବା ଅଡିଟରୁ ଜଣାପଡ଼ିଛି । ଏଥିରେ ସମ୍ପୃକ୍ତ ଅଫିସରମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ତୁରନ୍ତ ଫ୍ରିଜ୍ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ମଧ୍ୟ ଏଜି ସୁପାରିଶ କରିଛନ୍ତି । ବିଧାନସଭାରେ ହଟ୍ଟଗୋଳ ପରେ ଏହି ଥାର୍ ଗାଡ଼ି କିଣା ଦୁର୍ନୀତିର ସ୍ୱତନ୍ତ୍ର ଅଡିଟ୍ ପାଇଁ ସରକାର ଡିସେମ୍ବର ୨୨ ତାରିଖରେ ଏଜିଙ୍କୁ ଚିଠି ଲେଖିଥିଲେ ।

ମିଳିଥିବା ଅଡିଟ୍ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୨୪ ଜୁଲାଇ ମାସରେ ଓଡ଼ିଶା ସ୍ୱତନ୍ତ୍ର (୯ ପୃଷ୍ଠାରେ)

## ରାହୁଲଙ୍କ ବ୍ରିଟିଶ ନାଗରିକତା ମାମଲା

# ଏତଲା ରୁଜୁ ଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୭ ।୪ : ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବ୍ରିଟିଶ ନାଗରିକତ୍ୱକୁ ନେଇ ତଦନ୍ତ କରିବା ପାଇଁ ଆଲ୍‌ହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଏତଲା କରିବା ପାଇଁ ମଧ୍ୟ କୁହାଯାଇଛି । ଜଣିକିଆ ବିଚାରପତି ସୁବାସ ବିଦ୍ୟାରଥି ଏହି ରାୟ ଦେଇଛନ୍ତି । ରାହୁଲଙ୍କ ପାଖରେ ବ୍ରିଟିଶ ନାଗରିକତ୍ୱ ଅଛି କି ନାହିଁ ତା'ର ତଦନ୍ତ କରାଯାଉ । ଏହି ମାମଲା ଉତ୍ତରପ୍ରଦେଶ ସରକାର କିମ୍ବା କେନ୍ଦ୍ରୀୟ ଏଜେନ୍ସିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ବିଜେପିର ଏକ କର୍ମୀ ବିଘ୍ନେଶ ଶିଶିର ଆବେଦନଟି ପୂର୍ବରୁ ନିମ୍ନ ଅଦାଲତରେ ଖାରଜ ହୋଇଥିଲା । ପରେ ସେ ଆଲ୍‌ହାବାଦ ହାଇକୋର୍ଟକୁ ଯାଇଥିଲେ । କୋର୍ଟ ଏହି ଘଟଣାରେ ପ୍ରାରମ୍ଭିକ କିଛି ପ୍ରମାଣ ପାଇଥିବା ଉଲ୍ଲେଖ କରିଛନ୍ତି । ଏହି ମାମଲାର କେନ୍ଦ୍ରୀୟ ସଂସ୍ଥା ବା ସିବିଆଇ ଦ୍ୱାରା ତଦନ୍ତ କରିବାକୁ କୁହାଯାଇଛି । ଆବେଦନକାରୀ ଦର୍ଶାଇଥିଲେ ଯେ ବ୍ରିଟିଶ ସ୍ଥିତ କମ୍ପାନୀ ବ୍ୟାକ୍‌ପସ୍ ଲିମିଟେଡ୍‌ରେ ରାହୁଲ ନିର୍ଦ୍ଦେଶକ ଅଛନ୍ତି । ସେଠାରେ ତାଙ୍କୁ ବ୍ରିଟିଶ ନାଗରିକ ବୋଲି ଦର୍ଶାଯାଇଛି । ତେବେ ଟ୍ରାଏଲ କୋର୍ଟରେ ମାମଲା ରୁଜୁ କରିନଥିଲା । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାହୁଲ ଗାନ୍ଧୀଙ୍କ ଭାରତୀୟ ନାଗରିକତ୍ୱ ନେଇ ତଥ୍ୟ ଦେବାକୁ କୁହାଯାଇଛି । ଖଣ୍ଡପୀଠ କହିଛନ୍ତି ଯେ ରାହୁଲଙ୍କ ବିରୋଧରେ ମାମଲା ପଞ୍ଜିକରଣ ଲାଗି ରାଇବରେଲି ପୋଲିସ ଷ୍ଟେସନକୁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ଉତ୍ତରପ୍ରଦେଶ ସରକାରଙ୍କ ଦାବିକୁ ମଧ୍ୟ କୋର୍ଟ ଗ୍ରହଣ କରିଛନ୍ତି ।

# ସୋସିଆଲ କୋଟ୍ସ



ମଡେଲରୁ ଅଭିନେତା ହେବାର ଯାତ୍ରା ଖୁବ ସଂଘର୍ଷପୂର୍ଣ୍ଣ ଥିଲା । ମୋତେ ସବୁବେଳେ ନେଗେଟିଭ ଭୂମିକା ସଫଳତା ଦେଇଛି । ଧୁରନ୍ଧର ସିନେମା ମୋ ପାଇଁ ଲକି ଥିଲା ।

**ଅର୍ଜୁନ ରାମପାଲ, ଅଭିନେତା**



ସବୁଠାରୁ ବଡ କାରଣ ଥିଲା ନାଗରାଜ ମଞ୍ଜୁଲେଙ୍କ ସହିତ ସ୍କ୍ରିନ ସେୟାର କରିବା । ମୁଁ ତାଙ୍କ କାମର ସବୁବେଳେ ବଡ ଫ୍ୟାନ ରହିଛି । ତାଙ୍କ ଅଭିନୟ ଖୁବ ଭଲ ଲାଗିଥାଏ ।

**ବିଜୟ ବର୍ମା, ଅଭିନେତା**



ପୁରା ଟିମ ଫିଲ୍ମକୁ ସଫଳ କରିବା ପାଇଁ କାର୍ଯ୍ୟ କରିଛି । ସମସ୍ତ ଷ୍ଟାରକାଷ୍ଟ ଖୁବ ସୁନ୍ଦର କାମ କରିଛନ୍ତି । ସେମାନଙ୍କ ସହିତ କାର୍ଯ୍ୟ କରି ଖୁବ ଭଲ ଲାଗିଲା । ସମସ୍ତଙ୍କ ଅଭିନୟ ସହିତ ବ୍ୟବହାର ଖୁବ ଭଲ ।

**ନାଗରାଜ ମଞ୍ଜୁଲେ, ଫିଲ୍ମମେକର ଓ ଅଭିନେତା**

# ବିଶ୍ୱ ଐତିହ୍ୟ ଦିବସ

ବିଶ୍ୱର ଅମୂଲ୍ୟ ସାଂସ୍କୃତିକ ତଥା ପ୍ରାକୃତିକ ସମ୍ପଦର ସୁରକ୍ଷା ଓ ସଚେତନତା ପାଇଁ ପ୍ରତିବର୍ଷ ଏପ୍ରିଲ ୧୮ ତାରିଖକୁ 'ବିଶ୍ୱ ଐତିହ୍ୟ ଦିବସ' ଭାବେ ପାଳନ କରାଯାଏ । ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଉଛି ଐତିହାସିକ କୀର୍ତ୍ତିରାଜିର ସଂରକ୍ଷଣ ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିବା । ୧୯୮୨ ମସିହାରେ 'ଇଣ୍ଟରନ୍ୟାସନାଲ କାଉନସିଲ୍ ଅନ୍ ମନୁମେଣ୍ଟସ ଆଣ୍ଡ ସାଇଟ୍ସ' ଦ୍ୱାରା ପ୍ରଥମେ ଏହା ପାଳନ ପାଇଁ ପ୍ରସ୍ତାବିତ ହୋଇଥିଲା । ପରବର୍ତ୍ତୀ ସମୟରେ ୧୯୮୩ ମସିହାରେ ୟୁନେସ୍କୋ ଏହାକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲା । ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ବିଭିନ୍ନ ଥିମ୍ ନିର୍ଦ୍ଧାରିତ କରାଯାଇଥାଏ । ସେହିଭଳି ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ "ବିପଦ ଏବଂ ବିପର୍ଯ୍ୟୟ ସମୟରେ ଜୀବନ୍ତ ଐତିହ୍ୟ ପାଇଁ ଜରୁରୀକାଳୀନ ପ୍ରତିକ୍ରିୟା" ରଖାଯାଇଛି । ଏହି ଦିବସ ପାଳନ କାରଣରୁ ବର୍ତ୍ତମାନ ଯୁବପିଢ଼ିଙ୍କୁ ଆମର ଅନେକ ଐତିହ୍ୟ ସମ୍ପର୍କରେ ତଥ୍ୟ ମିଳିଥାଏ ।



## ଇତିହାସ

୧୬୧୨ - ଶାହଜହାଁ ଓ ମୁମତାଜଙ୍କ ବିବାହ ।
୧୮୫୯ - ବିଶିଷ୍ଟ କ୍ରାନ୍ତିକାରୀ ତାନ୍ତିଆ ଟୋପେଙ୍କୁ ଫାଶୀ ।
୧୯୦୨ - ଅପରାଧୀଙ୍କୁ ଚିହ୍ନିବା ଲାଗି ସର୍ବପ୍ରଥମେ ଫିଙ୍ଗରପ୍ରିଣ୍ଟର ପ୍ରଚଳନ କଲା ଡେନ୍‌ମାର୍କ ।
୧୯୧୭ - ସତ୍ୟାଗ୍ରହ ଆନ୍ଦୋଳନର ଶୁଭାରମ୍ଭ ପାଇଁ ବିହାରର ଚମ୍ପାରଣକୁ ଚୟନକଲେ ଗାନ୍ଧିଜୀ ।
୧୯୪୮ - ନେଦରଲାଣ୍ଡସରେ ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ସ୍ଥାପନା ।
୧୯୫୦ - ତେଲେଙ୍ଗାନାର ପଞ୍ଚମପଲ୍ଲୀ ଗାଁରୁ ଭୂଦାନ ଆନ୍ଦୋଳନ ଆରମ୍ଭ କରିଥିଲେ ବିନୋବା ଭାବେ ।
୧୯୫୫ - ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନଙ୍କର ୭୬ ବର୍ଷରେ ପରଲୋକ ।
୧୯୭୧ - ମୁମ୍ବାଇ ପହଞ୍ଚିଲା ସମ୍ରାଟ ଅଶୋକଙ୍କ ନାମରେ ନାମିତ ପ୍ରଥମ ଜମ୍ବୋ ଜେଟ୍ ବୋଇଂ - ୭୪୭ ।
୧୯୭୮ - ଆଧୁନିକ ନୂଆ ଦିଲ୍ଲୀର ନିର୍ମାତା ଶୋଭା ସିଂହଙ୍କର ନିଧନ ।
୧୯୯୧ - ଦେଶର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ହେଲା କେରଳ ।

# ଡାଇନୋସର ଜୀବାଶ୍ମରୁ ବ୍ୟାଗ୍

ଫ୍ୟାଶନ୍ ଏବଂ ବିଜ୍ଞାନର ଏକ ଅଦ୍ଭୁତ ସମନ୍ୱୟରେ ପ୍ରସ୍ତୁତ ହୋଇଛି ଏକ ବିଳାସପୂର୍ଣ୍ଣ ହ୍ୟାଣ୍ଡବ୍ୟାଗ୍ । ବ୍ୟାଗଟି କୋଟି କୋଟି ବର୍ଷ ପୁରୁଣା ଡାଇନାସୋର 'ଟି-ରେକ୍ସ'ର ଜୀବାଶ୍ମରୁ ପ୍ରେରିତ ହୋଇଛି । ଏହି ଅନନ୍ୟ ବ୍ୟାଗ୍‌ଟିକୁ ଫ୍ୟାଶନ୍ ବ୍ରାଣ୍ଡ ଏନ୍ସିନ ଲିଭ୍ ଡିଜାଇନ୍ କରିଛି । ଏଥିରେ ପ୍ରାୟ ୬.୬ କୋଟି ବର୍ଷ ପୂର୍ବେ ବିଲୁପ୍ତ ହୋଇଥିବା ଏହି ଜୀବର ଜୀବାଶ୍ମ ଉପରେ ଆଧାରିତ ଲ୍ୟାବ୍-ନିର୍ମିତ କୋଲାଜେନ୍ ବ୍ୟବହାର କରାଯାଇଛି । ଯାହାକି କୌଣସି ପ୍ରାଣୀକୁ କ୍ଷତି ନପହଞ୍ଚାଇ ଅବିକଳ ଅସଲି ଚମଡ଼ା ଭଳି ଅନୁଭୂତି ଦେଇଥାଏ । ଏହି ବ୍ୟାଗ୍‌ରେ ଷ୍ଟର୍ଲିଂ ସିଲଭର ଏବଂ ବ୍ଲାକ୍ ଡାଇମଣ୍ଡ ଭଳି ଦାମୀ ରତ୍ନର ବ୍ୟବହାର କରାଯାଇଛି । ଏହାର ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଡଲାର ବା ୫ କୋଟି ଟଙ୍କା ରଖାଯାଇଛି । ସମ୍ପ୍ରତି ଏହି ବ୍ୟାଗ୍‌ଟିକୁ ଆମ୍‌ଷ୍ଟରଡାମର ଆର୍ଟ ଜୁ ମ୍ୟୁଜିୟମରେ ପ୍ରଦର୍ଶିତ କରାଯାଉଛି, ଯାହାକି ଆଧୁନିକ ଟେକ୍ନୋଲୋଜି ଜରିଆରେ ଏକ ପ୍ରାଗୈତିହାସିକ ଜୀବର ନୂଆ ରୂପକୁ ପ୍ରତିପାଦିତ କରୁଛି ।







# ହାନିକାରକ ଏକାକୀପଣ

ମାନସିକ ସ୍ୱାସ୍ଥ୍ୟ ଏବଂ ମନୋବିଜ୍ଞାନ କ୍ଷେତ୍ରରେ 'ଇମୋସନାଲ ଲୋନଲିନେସ' ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ, ଯାହା ସାଧାରଣ ଏକଲାପଣଠାରୁ ସମ୍ପୂର୍ଣ୍ଣ ଭିନ୍ନ । ମନୋବିଜ୍ଞାନୀଙ୍କ ଅନୁସାରେ ୧୯୭୩ ମସିହାରେ ହୋଇଥିବା ଏକ ଗବେଷଣା ଅନୁଯାୟୀ, ଏକଲାପଣ ଦୁଇ ପ୍ରକାରର ହୋଇଥାଏ, ଯଥା ସୋସିଆଲ ଲୋନଲିନେସ ଏବଂ ଇମୋସନାଲ ଲୋନଲିନେସ । ଭିଡ଼ ମଧ୍ୟରେ ଏକୁଟିଆ ଅନୁଭବ କରିବା ହେଉଛି ଏହାର ମୁଖ୍ୟ ଲକ୍ଷଣ । ଯଦି ଜଣେ ବ୍ୟକ୍ତି ସମସ୍ତଙ୍କ ଗହଣରେ ଥାଇ ମଧ୍ୟ "ମତେ କେହି ବୁଝନ୍ତି ନାହିଁ" କିମ୍ବା "କେହି ମୋର ନୁହଁନ୍ତି" ବୋଲି ଅନୁଭବ କରେ, ତେବେ ଏହା ଇମୋସନାଲ ଲୋନଲିନେସର ସଙ୍କେତ ହୋଇପାରେ । ଏହାର ସମାଧାନ ପାଇଁ ସମ୍ପର୍କର ସଂଖ୍ୟା ନୁହେଁ ବରଂ ଗୁଣବତ୍ତା ବଢ଼ାଇବା ଜରୁରୀ । ଏହାକୁ ମାପିବା ପାଇଁ ଏକ ସେଲଫ୍ ଆସେସମେଣ୍ଟ ଟେଷ୍ଟ୍ ମଧ୍ୟ ରହିଛି, ଯାହାକୁ ଆପଣାଇ ନିଜେ ନିଜର ମାନସିକ ସ୍ଥିତି ସମ୍ପର୍କରେ ଜାଣିପାରିବେ । ତେବେ ଯଦି ଆପଣ ମାନସିକ ସ୍ତରରେ ଅତ୍ୟଧିକ ଭାବେ ଏକୁଟିଆ ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି ।

# କୁକୁଡାର ଗିନିଜ ରେକର୍ଡ଼




ସୋସିଆଲ ମିଡିଆରେ ଏଭଳି ଅନେକ ଘଟଣା ଭାଇରାଲ ହୋଇଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିଭଳି ଏକ କୁକୁଡା ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆମେରିକାର ଏକ କୁକୁଡ଼ା ସବୁଠାରୁ ଅଧିକ ଦିନ ବଞ୍ଚି ରହି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଛି । 'ଗର୍ଟି' ନାମକ ଏହି କୁକୁଡ଼ାର ବୟସ ୧୫ ବର୍ଷ ୧୦୦ ଦିନ ହୋଇଥିବା ବେଳେ ତାହାକୁ ବିଶ୍ୱର ସବୁଠାରୁ ବୟସ୍କ କୁକୁଡ଼ା ଭାବେ ମାନ୍ୟତା ଦିଆଯାଇଛି । ତା'ର ମାଲିକ ଫ୍ରାଙ୍କ ଟ୍ୟୁରକ୍ ତାକୁ ୨୦୧୦ ମସିହାରେ ଘରକୁ ଆଣିଥିଲେ । ତେବେ ବର୍ତ୍ତମାନ ବୟସାଧିକ୍ୟ କାରଣରୁ ତା'ର ଆଖିର ଦୃଷ୍ଟିଶକ୍ତି କମିଯାଇଥିବାରୁ ୨୦୨୪ ମସିହାରୁ ତାକୁ ଘର ଭିତରେ ଏକ ସୁରକ୍ଷିତ ସ୍ଥାନରେ ରଖାଯାଇଛି । ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଏହି ରେକର୍ଡ ଟେକ୍ସାସର 'ପର୍ଲ' ନାମକ କୁକୁଡ଼ା ନାମରେ ଥିଲା, ଯାହା ଅପେକ୍ଷା ଗର୍ଟି ୬ ମାସ ଅଧିକ ସମୟ ବଞ୍ଚିଛି ।

# ନୂଆ ଅବତାରରେ ବିଦ୍ୟୁତ୍

ପାରାମାଉଣ୍ଟ ପିକ୍ଚର୍ସ ପକ୍ଷରୁ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଷ୍ଟ୍ରିଟ୍ ଫାଇଟର୍'ର ଟ୍ରେଲର୍ ନିକଟରେ ରିଲିଜ ହୋଇଛି । ଏଥିରେ ବଲିଉଡ୍ ଆକ୍ସନ ଷ୍ଟାର୍ ବିଦ୍ୟୁତ୍ ଜମାଲଙ୍କ ହଲିଉଡ୍ ଡେବ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି । ଜାପାନୀ ଭିଡିଓ ଗେମ୍ ଫ୍ରାଞ୍ଚାଇଜ୍ ଉପରେ ଆଧାରିତ ଏହି ଫିଲ୍ମରେ ବିଦ୍ୟୁତ୍ 'ଧାଲସିମ୍' ଭୂମିକାରେ ଏକ ଭିନ୍ନ ଅବତାରରେ ନଜର ଆସିଛନ୍ତି । ଯେଉଁଥିରେ ତାଙ୍କର ଲୁକ ଖୁବ ହଟକେ ହୋଇଛି । ୧୯୯୩ ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରରେ ନୋଆ ସେଣ୍ଟିନିଓ (କେନ୍ ମାଷ୍ଟର୍ସ), ଜେସନ୍ ମୋମୋଆ (ବ୍ଲାଙ୍କା) ଏବଂ ଆଣ୍ଡ୍ର୍ୟୁ କୋଜି (ରୟୁ) ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି । ସେହିଭଳି ଏହାର ନିର୍ଦ୍ଦେଶନା କିତାଓ ସାକୁରାଇ ଦେଇଥିବାବେଳେ ମଲ୍ଟି ଷ୍ଟାରକାଷ୍ଟ ଏହି ଆକ୍ସନ ଡ୍ରାମାକୁ ଅଧିକ ରୋମାଞ୍ଚକର କରିଛି । ଟ୍ରେଲରରେ ୱାର୍ଲ୍ଡ ୱାରିୟର୍ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଲୁଚି ରହିଥିବା ଏକ ଷଡ଼ଯନ୍ତ୍ର ଏବଂ ରୟୁ-କେନ୍‌ଙ୍କ ମଧ୍ୟରେ ସଂଘର୍ଷର ଝଲକ ଦେଖିବାକୁ ମିଳିଛି । ଫିଲ୍ମଟି ଆସନ୍ତା ୧୬ ଅକ୍ଟୋବର ୨୦୨୬ରେ ରିଲିଜ ହେବ ବୋଲି ଜଣା ପଡିଛି ।






ଉତ୍ତର ଆଟଲାଣ୍ଟିକ୍ ଏବଂ ଉତ୍ତର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଭଳି ଶୀତଳ ସାମୁଦ୍ରିକ ଇଲାକାରେ ଦେଖାଯାଉଥିବା 'ନର୍ଦ୍ଦନ ଫୁଲମାର' ନାମକ ଏକ ସାମୁଦ୍ରିକ ପକ୍ଷୀ ନିଜର ଅଭିନବ ଆତ୍ମରକ୍ଷା କୌଶଳ ପାଇଁ ବେଶ୍ ପରିଚିତ । ଦେଖିବାକୁ ସିଗଲ୍ ପରି ଏହି ପକ୍ଷୀଟି ମାଛ, ସ୍କ୍ୱିଡ୍ ଏବଂ ସମୁଦ୍ରର ଅଳିଆ ଆବର୍ଜନା ଖାଇ ସମୁଦ୍ରକୁ ସଫା ରଖୁଥିବାରୁ ଏହାକୁ 'ସଫେଇ କର୍ମୀ' ମଧ୍ୟ କୁହାଯାଏ । ଏହାର ନାସିକା ନଳୀ ଆକାରର ହୋଇଥିବାରୁ ଏହା ଆକାଶରେ ଉଡ଼ିଲା ବେଳେ ମଧ୍ୟ ଗନ୍ଧ ବାରି ନିଜର ଖାଦ୍ୟ ଖୋଜିପାରେ । ଏହାର ସବୁଠାରୁ ବିପଜ୍ଜନକ ଅସ୍ତ୍ର ହେଉଛି ଏହାର 'ବାନ୍ତି' । ଯେତେବେଳେ ଏହା କୌଣସି ଶିକାରୀ ପକ୍ଷୀଙ୍କ ଦ୍ୱାରା ବିପଦ ଅନୁଭବ କରେ, ସେତେବେଳେ ସେ ନିଜ ପେଟରୁ ଏକ ଦୁର୍ଗନ୍ଧଯୁକ୍ତ ତଥା ଚିପଚିପିଆ ତରଳ ପଦାର୍ଥ ଶତ୍ରୁ ଉପରକୁ ଫିଙ୍ଗିଥାଏ । ଏହି ତରଳ ପଦାର୍ଥ ଶତ୍ରୁ ପକ୍ଷୀର ଡେଣାରେ ଲାଗିଯିବା ଫଳରେ ସେମାନେ ଆଉ ଉଡ଼ି ପାରନ୍ତି ନାହିଁ । ଅନେକ ସମୟରେ ସମୁଦ୍ରରେ ବୁଡ଼ି ପ୍ରାଣ ହରାନ୍ତି ।

# ବାନ୍ତି ଦେଇଥାଏ ସୁରକ୍ଷା



**ମେଷ:** ଶତ୍ରୁରେ ବିଜୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଶୁଭଖବର, ଅନୁଷ୍ଠାନେ ଲାଭ, ସନ୍ତାନସୁଖ, ମାନସିକ ଖୁସି, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଭଗବାନ ଶିବ ।

**ବୃଷ:** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ବନ୍ଧୁ ସହଯୋଗ, ଶୁଭଖବର, ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଅପମାନ, ଶରୀର କଷ୍ଟ, ଦୂରଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଶତ୍ରୁ ସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**କର୍କଟ:** ଅର୍ଥଲାଭ, ନୂତନ କାର୍ଯ୍ୟରେ ଖୁସି, ସମ୍ପତ୍ତିବିବାଦ, ଶରୀର ସୁସ୍ଥ, ପାରିବାରିକ ସମସ୍ୟା, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ଦାମ୍ପତ୍ୟ ସୁଖ, ନିଯୁକ୍ତି ଲାଭ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସମ୍ମାନିତ, ପାରିବାରିକ ଦୁଃଖ, ବନ୍ଧୁଦର୍ଶନ, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଦାମ୍ପତ୍ୟ ଖୁସି, ଶୁଭଖବର, ଅନୁଷ୍ଠାନେ ଲାଭ, ଯାତ୍ରାରେ ସାବଧାନ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ବନ୍ଧୁଲାଭ, ଆଶା ସଫଳ, ଅନୁଷ୍ଠାନେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ବିବାଦ ସମାଧାନ, ସନ୍ତାନକଷ୍ଟ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁବିଦ୍ରୋହ, ଯାତ୍ରାରେ ସତର୍କ, ଅର୍ଥଲାଭ, ଗୃହେ ଶାନ୍ତି, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ବନ୍ଧୁଲାଭ, ବିବାଦମୁକ୍ତ, ଶତ୍ରୁସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୯, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କିଛି କାର୍ଯ୍ୟରେ ବିଳମ୍ବ, ଅତିଥି ସତ୍କାର, ସମ୍ମାନଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମା' ଗ୍ରାମଦେବତୀ ।

**ମକର:** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା-ମା' ମଙ୍ଗଳା ।

**କୁମ୍ଭ:** ଅର୍ଥସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିସହାୟତା, ଯାତ୍ରାରେ ସମସ୍ୟା, ଦ୍ରବ୍ୟନଷ୍ଟ, ଶତ୍ରୁସମସ୍ୟା, ବ୍ୟବସାୟିକ କଷ୍ଟ, ସନ୍ତାନଖୁସି, ବିଦ୍ୟାରେ ସଫଳ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ପ୍ରତିକାର-ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତିବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ଆଶାରେ ସଫଳ, ଦ୍ରବ୍ୟଲାଭ, ଦାମ୍ପତ୍ୟ ଖୁସି, ଅର୍ଥ ସମସ୍ୟା, ବନ୍ଧୁସହଯୋଗ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ମା' ଭଗବତୀ ।

**ବୈଶାଖ ଶୁକ୍ଳପକ୍ଷ, ପ୍ରତିପଦା**
**୧୮.୪.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଶିଷ୍ଟ ଅତିଥିମାନେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି

### ୮୦ ବର୍ଷ ବୃଦ୍ଧାଙ୍କୁ ବଳାତ୍କାର ମାମଲା

## ଦଣ୍ଡାଦେଶ କୋହଳ,ଆସାମୀ ୧୦ବର୍ଷ ଜେଲ୍‌ଦଣ୍ଡ ଭୋଗିବ

କଟକ,(ସବ୍ୟୁ): ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ବଳାତ୍କାର କରିବା ଭଳି ଏକ ଜଘନ୍ୟ ଘଟଣାରେ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶରେ ସାମାନ୍ୟ କୋହଳ କରିଛନ୍ତି । ଆସାମୀ ଅନିଲ ନାଥକୁ ନିମ୍ନ ଅଦାଲତ ୧୨ବର୍ଷ ଦଣ୍ଡାଦେଶରେ ଦଣ୍ଡିତ କରିଥିଲାବେଳେ ହାଇକୋର୍ଟ ଏଥିରେ ଦୁଇ ବର୍ଷ କୋହଳ କରି ଆସାମୀ ୧୦ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି । ଆସାମୀ ଅନିଲ୍ ନାଥ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି ।

୨୦୧୭ ସେପ୍ଟେମ୍ବର ୧୧ ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଅନୁଗୁଳ ଜିଲ୍ଲାର ଏକ ଗାଁ ପୋଖରୀରେ ଘଟିଥିଲା । ପୋଖରୀକୁ ଗାଧୋଇବାକୁ ଯାଇଥିବା ୮୦ ବର୍ଷୀୟା ବୃଦ୍ଧାଙ୍କୁ ସେହି ଗ୍ରାମର ୨୫ ବର୍ଷୀୟ ଯୁବକ ଅନିଲ ଜବରଦସ୍ତ ବଳାତ୍କାର କରିବା ସହ ପଥରରେ ଆକ୍ରମଣ କରିଥିଲା । ପୋଖରୀ ନିକଟରେ ରକ୍ତାକ୍ତ ଅବସ୍ଥାରେ ବୃଦ୍ଧାଙ୍କୁ ଦେଖି ଗ୍ରାମବାସୀମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ । ବୃଦ୍ଧାଙ୍କୁ ଉଦ୍‌ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପୁଲିସ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା । ଅନୁଗୁଳ ସେସନ୍ସ ଜଜ୍ ୨୦୧୯ ସେପ୍ଟେମ୍ବର ୧୦ରେ ଏହି ମାମଲାର ଶୁଣାଣି କରି ଅନିଲକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୨ ବର୍ଷର ଜେଲ୍‌ଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ଆସାମୀ ଉପରେ ୧୦ ହଜାର ଟଙ୍କା ଜରିମାନା ହୋଇଥିଲା । ଏହି ଆଦେଶ ବିରୋଧରେ ଆସାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।

ଅଦାଲତ କହିଛନ୍ତି ଯେ ପୀଡ଼ିତାଙ୍କ ବୟାନ ଏବଂ ଡାକ୍ତରୀ ରିପୋର୍ଟରୁ ବଳାତ୍କାର ହୋଇଥିବା ସ୍ପଷ୍ଟ ହୋଇଛି । ପୀଡ଼ିତାଙ୍କ ଶରୀରରେ ଆଘାତର ଚିହ୍ନ ମଧ୍ୟ ମିଳିଥିଲା । ଜଣେ ୮୦ ବର୍ଷୀୟା ବୃଦ୍ଧା ଜଣେ ଯୁବକଙ୍କ ବିରୋଧରେ ମିଛରେ ଏଭଳି ଅଭିଯୋଗ ଆଣିବାର କୌଣସି କାରଣ ନାହିଁ । ତେଣୁ ନିମ୍ନ ଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ରାୟକୁ ଅଦାଲତ କାଏମ୍ ରଖୁଥିଲେ ମଧ୍ୟ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ବୟସକୁ ବିଚାରକୁ ନେଇ ଅଦାଲତ ୧୨ ବର୍ଷର ଜେଲ୍ ଦଣ୍ଡକୁ କୋହଳ କରି ୧୦ ବର୍ଷ କରିଛନ୍ତି ।

## ବେନିୟମ ଗର୍ଭପାତ: ମହିଳା ଉଦ୍ଧାର , ନକଲି ଡାକ୍ତର ଗିରଫ

ବଡ଼ମ୍ବା ,(ସବ୍ୟୁ) : ବେନିୟମ ଭାବେ ବଡମ୍ବା ଥାନା ଅନ୍ତର୍ଗତ ସୁନାପାଳ ବଜାର ନିକଟରେ ଗର୍ଭପାତ କରାଇବା ବେଳେ ନକଲି ଡାକ୍ତର ଜୟନ୍ତ ବସ୍ତିଆଙ୍କୁ ମାଡି ବସିଲା ବଡମ୍ବା ପୋଲିସ । ଏଥିସହ ରକ୍ତପାତ ଅବସ୍ଥାରେ ଜଣେ ମହିଳା ଉଦ୍ଧାର ହୋଇଛନ୍ତି । ନକଲି ଡାକ୍ତରଙ୍କ ନାଆଁ ଜୟନ୍ତ ବସ୍ତିଆ ।ସୁନାପାଳ ନିକଟରେ ଖୋଲିଥିଲେ ବେଆଇନି ଗର୍ଭପାତ କ୍ଲିନିକ । ଆଜକୁ ୧୨ ବର୍ଷ ହେବ ଏଠାରେ ଦିନ ରାତ୍ରି ଓ ଭୋରରୁ ଗରାଖ ରେଡି କରି କରୁଥିଲେ ଗର୍ଭ ନଷ୍ଟ । ଏପରିକି ଏକ ମେସିନ ସାହାଯ୍ୟରେ ଏଠାରେ ଭ୍ରୁଣ ନିରୂପଣ ମଧ୍ୟ କରନ୍ତି । ବଡମ୍ବା ପୋଲିସ ଏସଆଇ ବିଶ୍ୱ ବନ୍ଦିତା ସାହୁ ଗର୍ଭ ନଷ୍ଟ ବାହାନାରେ ଯାଇ ରେଡ଼ କରିଥିଲେ । ବଡମ୍ବା ଥାନା ଅଧିକାରୀ ପରମାନନ୍ଦନାୟକ ଏହି ଘଟଣାର ତଦନ୍ତ କରିବା ସହ ମାମଲା ରୁଜୁ କରିଛନ୍ତି । ବସ୍ତିଆ ଜଣେ ହୋମିଓ ପାଥିକ ଡାକ୍ତର ହୋଇଥିବା ବେଳେ ନିକଟରେ ମେଡିକାଲ ଚଲେଇବା ପାଇଁ ନାହିଁ କୌଣସି ପାଠ୍ୟକ୍ରମ ସାର୍ଟିଫିକେଟ । ବେଆଇନି କ୍ଲିନିକରୁ ଅପରେସନ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ଇଂଜେକସନ, ମେଡ଼ିସିନ ଆଦି ଜବତ କରାଯାଇଛି ।

### ଅନୁଗୋଳ ଜିଲ୍ଲାରେ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ନାରୀଙ୍କ ସମ୍ମାନ ହେଉଛି ସମାଜର ଉନ୍ନତିର ଆଧାର

ଭୁବନେଶ୍ୱର, (ସବ୍ୟୁ): ନାରୀ କେବଳ ପରିବାରର ନୁହେଁ, ସମାଜ ଓ ଜାତିର ମୂଳ ଶକ୍ତି ଭାବେ ପରିଚିତ। ନାରୀଶକ୍ତିର ବିଶାଳ ସମାଗମ ଭବିଷ୍ୟତ ଓଡ଼ିଶାର ଉନ୍ନତି ପାଇଁ ଏକ ସକାରାତ୍ମକ ସଙ୍କେତ ବୋଲି ଅନୁଗୋଳରେ ଆୟୋଜିତ 'ନାରୀଶକ୍ତି ବନ୍ଦନ' କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ନେତୃତ୍ୱ ନେବାକୁ ଆହ୍ୱାନ କରି କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମସ୍ତେ ସମର୍ଥନ କରିବା ଆବଶ୍ୟକ । ସେ କହିଥିଲେ ଯେ ନାରୀଙ୍କ ଉନ୍ନତି ବିନା ଦେଶର ସମ୍ପୂର୍ଣ୍ଣ ବିକାଶ ସମ୍ଭବ ନୁହେଁ ଓ ନାରୀ ସଶକ୍ତିକରଣ ହେଉଛି ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତର ମୂଳ ଆଧାର।



ନାରୀ ଶକ୍ତି ବନ୍ଦନ ବିଲ୍‌କୁ ବିରୋଧ ଅର୍ଥ ନାରୀ ଶକ୍ତିର ଅସମ୍ମାନ। ଏହାର ବିରୋଧ ହେଉଛି ନାରୀ ସଶକ୍ତିକରଣର ବିରୋଧ। ଏହାକୁ ନାରୀ ସମାଜ କେବେ କ୍ଷମା ଦେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକ ପାତ କରି କହିଥିଲେ ଯେ "ସୁଭଦ୍ରା" ଯୋଜନା ମାଧ୍ୟମରେ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା, "ଲକ୍ଷପତି ଦିଦି" ପରି ଉଦ୍ୟମ ମାଧ୍ୟମରେ ଆତ୍ମନିର୍ଭରତା ବୃଦ୍ଧି କରିବା ଓ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" ମାଧ୍ୟମରେ ଅଭାବୀ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଉଛି ବୋଲି କହିଥିଲେ । ସୁଭଦ୍ରା ହିତାଧିକାରୀ ବଅଁରପାଳ ବ୍ଲକ୍ ର ଅଧିବାସୀ ତିଳୋତ୍ତମା ସାମନ୍ତ ଙ୍କ ସହ ବାର୍ତ୍ତାଳାପ କରି ସୁଭଦ୍ରା ଯୋଜନା ରୁ ଗୋପାଳନ କରି କିପରି ଆତ୍ମନିର୍ଭର ହୋଇପାରିଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଅନୁଗୋଳ ଜିଲ୍ଲାରେ ୯୦ ହଜାରରୁ ଅଧିକ ଲକ୍ଷପତି ଦିଦି ଥିବାବେଳେ ସମଗ୍ର ରାଜ୍ୟରେ ୧୭ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଏହାଛଡ଼ା "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା"ରେ ୩୮୮ ଜଣ କନ୍ୟାଙ୍କ ବିବାହ ପାଇଁ ୧.୭୧ କୋଟି ଟଙ୍କାରୁ ଅଧିକ ସହାୟତା ଦିଆଯାଇଛି ଏବଂ ଆଗାମୀ ବର୍ଷ ପାଇଁ ୧୧.୮୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କହିଥିଲେ। ଏହି ଅବସରରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଜୋନ ୨୮ ଜିଲ୍ଲା ପରିଷଦ ମୀରା ଗଡ଼ନାୟକ, ଏନଏସି ଭାଇସ୍ ଚେୟାରମ୍ୟାନ୍ ଅନୁପମା ସାହୁ, ଅନୁଗୋଳ ଜିଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତର ପ୍ରମୁଖ ଉପସ୍ଥିତ ଥିଲେ।

## ଫତେଗଡ଼ ଥାନା ଅଞ୍ଚଳରେ ଦୁଇ ଅପମୃତ୍ୟୁ

ଭାପୁର ,(ସବ୍ୟୁ): ଫତେଗଡ଼ ଥାନା ଅଞ୍ଚଳରେ ୨ ଅପମୃତ୍ୟୁ ହୋଇଛି । , ଫତେଗଡ଼ ପଞ୍ଚାୟତ ମଣିପୁର ଗ୍ରାମର ବୈକୁଣ୍ଠ ନାଥ ଖଟେଇ ଙ୍କ ବଡପୁଅ ଅମର ଖଟେଇ (୨୧) ଗତ ବୁଧବାର ସନ୍ଧ୍ୟାରେ ଗାଁ ପୋଖରୀକୁ ଗାଧୋଇ ଯାଇଥିବାବେଳେ ପାଣିରେ ବୁଡି ଅମୃତ୍ୟୁବରଣ କରିଥିଲେ । ସେହିପରି, କରବର ଗ୍ରାମର ଜୈନିକ ଦିବ୍ୟାଙ୍ଗ ଯୁବକ ପ୍ରେମ ବ୍ୟାପାରକୁ ନେଇ ବୁଧବାର ରାତ୍ରିରେ ଆତ୍ମହତ୍ୟା କରିଥିବା ନେଇ ଗ୍ରାମବାସୀ ମାନଙ୍କ ଠାରୁ ପ୍ରକାଶ । ଏହି ଦୁଇ ଅପମୃତ୍ୟୁ ଖବର ଦୁଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

## ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଜନସ୍ୱାର୍ଥ ମାମଲାକୁ ବ୍ୟବହାର କରାଯାଇ ପାରିବନି : ହାଇକୋର୍ଟ

କଟକ,(ସବ୍ୟୁ): ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ଜନସ୍ୱାର୍ଥ ମାମଲାକୁ ବ୍ୟବହାର କରାଯାଇ ପାରିବ ନାହିଁ । ତେବେ ସମୂହ ସ୍ୱାର୍ଥର ସୁରକ୍ଷା ପାଇଁ ଜନସ୍ୱାର୍ଥ ମାମଲା କରାଯାଇ ପାରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ମତଦେବା ସହ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଅଞ୍ଚଳର ବିକାଶ ସାହୁ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପରିପ୍ରେକ୍ଷୀରେ ଆବେଦନକାରୀଙ୍କ ଉପରେ ୧୦ ହଜାର ଟଙ୍କାର ଜରିମାନା କରିଛନ୍ତି । ଏହି ଜରିମାନା ଅର୍ଥ ରାଜ୍ୟ ଆଇନସେବା ପ୍ରାଧିକରଣ (ଜୁଭେନାଇଲ୍ ଜଷ୍ଟିସ୍ ଫଣ୍ଡ) ରେ ଦୁଇ ସପ୍ତାହ ମଧ୍ୟରେ ଜମା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଆଇନସେବା ପ୍ରାଧିକରଣ ଏହି ଅର୍ଥକୁ ପିଲାଙ୍କ ମଙ୍ଗଳ( ୱେଲ୍‌ଫେୟାର ଅଫ ଚିଲ୍‌ଡ୍ରେନ୍ ଇନ୍ ନିଡ୍ ଅଫ କେୟାର ଆଣ୍ଡ ପ୍ରୋଟେକ୍ସନ) (ସିଏନ୍‌ସିପି) ପାଇଁ ଖର୍ଚ୍ଚ କରିବ ।

ଆବେଦନକାରୀମାନେ ଅଭିଯୋଗ କରିଥିଲେ ଯେ, ଗାଁର ଏକ ଜମି ଗ୍ରାମ୍ୟ ଜଙ୍ଗଲ ଜମିକୁ ଜଣେ ବ୍ୟକ୍ତି ନିଜ ନାମରେ କରାଇ ନେଇଛନ୍ତି । ତେଣୁ ଏହି ଜମିକୁ ତାଙ୍କଠାରୁ ଉଦ୍ଧାର କରାଯାଉ । ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଜବାବରେ ଦର୍ଶାଇଥିଲେ ଯେ, ଏହି ଜମି କେବେ ପର୍ଯ୍ୟନ୍ତ ଗ୍ରାମ୍ୟ ଜଙ୍ଗଲ ଥିଲା ସେ ସଂକ୍ରାନ୍ତରେ ଆବେଦନକାରୀଙ୍କ ନିକଟରେ କୌଣସି ସୂଚନା ନାହିଁ । ଦ୍ୱିତୀୟରେ ପ୍ରତିପକ୍ଷ ଏହି ଜମିକୁ ୧୯୯୮ ମସିହା ଚକବନ୍ଦୀ ସମୟରେ ନିଜ ନାମରେ କରାଇ ନେଇଛନ୍ତି। ସେବେଠାରୁ ଆଜି ପର୍ଯ୍ୟନ୍ତ ଆବେଦନକାରୀମାନେ କ'ଣ ପାଇଁ ଚୁପ୍ ହୋଇ ବସି ରହିଥିଲେ। ଆଜି ପର୍ଯ୍ୟନ୍ତ କ'ଣ ପାଇଁ ସେମାନେ ଏହା ଉପରେ ପ୍ରଶ୍ନ କରିନଥିଲେ। ତୃତୀୟରେ ଆବେଦନକାରୀଙ୍କ ମଧ୍ୟରେ ପ୍ରତିପକ୍ଷଙ୍କ ଜଣେ ସମ୍ପର୍କୀୟ ରହିଛନ୍ତି। ଯିଏ କି ବ୍ୟକ୍ତିଗତ ସ୍ୱାର୍ଥ ସାଧାନ ପାଇଁ ଜାଣିଶୁଣି ଏଭଳି ଅଭିଯୋଗ ଆଣିଛନ୍ତି ବୋଲି ଶ୍ରୀ ତ୍ରିପାଠୀ ଯୁକ୍ତି ରଖିଥିଲେ। ଉଭୟପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଆଦେଶରେ କହିଛନ୍ତି ଯେ, କିଛି ଲୋକ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ନିଜକୁ ଗ୍ରାମବାସୀଙ୍କ ପରିଚୟ ଦେଇ ଏଭଳି ଜନସ୍ୱାର୍ଥ ମାମଲା ରୁଜୁ କରୁଛନ୍ତି । ଜନସ୍ୱାର୍ଥ ମାମଲାକୁ କେବବି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲାଗି ଅନୁମତି ଦିଆଯାଇ ପାରିବ ନାହିଁ । କିଛି ଲୋକ ନିଜକୁ ଗ୍ରାମବାସୀ ବୋଲି ଦର୍ଶାଇ ଗୋଟିଏ ମାମଲା କରିଦେଲେ ତାହାକୁ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରାଯାଇ ପାରିବ ନାହିଁ । ଅପରପକ୍ଷରେ ଯେଉଁମାନେ ଆର୍ଥିକ ଅନଗ୍ରସର ଅବା ଅଦାଲତକୁ ଆସିବାକୁ ଅକ୍ଷମ ସେହିଭଳି ଲୋକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହିଭଳି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ହୋଇପାରିବ। କିନ୍ତୁ ଏହି ମାମଲାକୁ ଯଦି ଦେଖାଯାଏ ଏହା ସମୂହ ସ୍ୱାର୍ଥ ଅପେକ୍ଷା କେବଳ ଦେଖେଇ ହେବା ଲାଗି ଏକ ମାମଲା ରୁଜୁ କରାଯାଇଛି ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀଙ୍କ ଉପରେ ୧୦ ହଜାର ଟଙ୍କାର ଜରିମାନା କରିଛନ୍ତି।

## ଯାତ୍ରୀ ପରିବହନ ଆଳରେ ନିଶା ଚାଲାଣ, ୧୪ ଲକ୍ଷର ବ୍ରାଉନ୍‌ସୁଗର ଜବତ: ଅଟୋ ଚାଳକ ଗିରଫ

କଟକ,(ସବ୍ୟୁ): ନିଶାଦ୍ରବ୍ୟ ଚାଲାଣ ବେଳେ ଜଣେ ବେପାରୀ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ହାତରେ ଧରାପଡିଛି । ଅଭିଯୁକ୍ତ ହେଉଛି ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଭୁଇଁପୁର ଗାଁର ରାଜେଶ କୁମାର ସାହୁ(୨୯) । ତା' ପାଖରୁ ୧୦୭ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଶୁକ୍ରବାର ଅଭିଯୁକ୍ତ ରାଜେଶ ନିଶାଦ୍ରବ୍ୟ ଧରି ଏକ ପାସେଞ୍ଜର ଅଟୋରେ କଟକ ଅଭିମୁଖେ ଆସୁଥିଲା । ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ତାର ପିଛା କରିଥିଲା । ଶେଷରେ ରାଜପଥର କଟକ ମଧୁପାଟଣା ଥାନା ନିକଟ ସମ୍ରାଟ ସିନେମା ହଲ ସମ୍ମୁଖରେ ଅଭିଯୁକ୍ତର ଅଟୋକୁ ଚିହ୍ନଟ କରିଥିଲା । ସେଠାରେ ତଲାସି ବେଳେ ଗାଡି ଭିତରୁ ଏକ ଜରି ପୁଡିଆ ମିଳିଥିଲା । ସେଥିରେ ୧୦୭ ଗ୍ରାମର ବ୍ରାଉନସୁଗର ରହିଥିଲା । ଯାହାର ବଜାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୨୦ ହଜାର ଟଙ୍କା ହେବ । ଏହାପରେ ନିଶାଦ୍ରବ୍ୟ ଓ ଚାଲାଣରେ ବ୍ୟବହୃତ ଅଟୋ ସହିତ ଅଭିଯୁକ୍ତ ରାଜେଶକୁ ଗିରଫ କରାଯାଇଥିଲା । ସେ ଯାତ୍ରୀ ପରିବହନ ସହିତ ନିଶାଦ୍ରବ୍ୟ ଚାଲାଣ କରୁଥିବା ଜଣାପଡିଛି । ଦୀର୍ଘ ଦିନ ହେବ ସେ ଏଭଳି କାରବାରରେ ସଂପୃକ୍ତ ଥିବା ତଦନ୍ତରୁ ଜଣାପଡିଛି । ଅଭିଯୁକ୍ତକୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ଏସଆଇ ଅମିତ କୁମାର ବିଶ୍ୱାଳ, ଏସକେ. ସାକିର ଉଲ୍ଲା, ଏଏସଆଇ କର୍ଣ୍ଣ ଓରାମ, ଅଜୟ ସାହୁ, କନଷ୍ଟେବଳ ଦିଲଜିତ ସାହୁ, ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ଶଙ୍କର୍ଷଣ ରାଉତ, ଜଗନ୍ନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ଶିବାନନ୍ଦ ଷଡଙ୍ଗୀ, କୃଷ୍ଣମୋହନ ଦାସ ପ୍ରମୁଖ ଚଢଉରେ ସାମିଲ ଥିଲେ ।

## ବାଇକ ଧକ୍କାରେ ସାଇକେଲ ଆରୋହୀ ମୃତ

ଭାପୁର,(ସବ୍ୟୁ): ଭାପୁର ପଞ୍ଚାୟତ ଭାଲୁଖାଇ ଗ୍ରାମର ଆନନ୍ଦ ନାୟକ (୫୮)ବୁଧବାର ସକାଳ ସମୟରେ ଭାପୁର ବଜାର କୁ ସାଇକେଲ ରେ ଆସୁଥିଲେ । ଭାପୁର - କଳାପଥର ବଜାରକୁ ସଂଯୋଗ କରୁଥିବା ବାଇପାସ ରାସ୍ତାର ମଧ୍ୟ ଭାଗରେ ଏକ ବାଇକ ଚାଳକ ଆନନ୍ଦ ଙ୍କ ପଛପଟୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଫଳରେ,ଆନନ୍ଦ ସେଠାରେ ପଡି ଛଟପଟ ହେଉଥିବାବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି ଭାପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ସେ ଚିକିତ୍ସା ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ନେଇ ତାଙ୍କର ଝିଅ ମମତା ନାୟକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବର ପାଇ ପୋଲିସ ଶବ କୁ ଜବତ କରିବା ସହିତ ଏକ ମାମଲା ଊଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ପଠେଇଥିଲେ ।

### ପ୍ରବାଦ ପୁରୁଷ ଦିବସ ପାଳନ କଲା ବିଜେଡି

## ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ସମ୍ମିଳିତ ସ୍ୱର ଉତ୍ତୋଳନ ହିଁ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି: ନବୀନ

ଭୁବନେଶ୍ୱର, (ସବ୍ୟୁ): ଭାରତର ଗୌରବ, ସାହସ ସଂକଳ୍ପର ଜୀବନ୍ତ ପ୍ରତୀକ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସରେ ବିଜୁ ଜନତା ଦଳ ତରଫରୁ ଶ୍ରଦ୍ଧା ଓ ଗରିମାମୟ ଭାବରେ "ପ୍ରବାଦ ପୁରୁଷ ଦିବସ" ଭାବେ ପାଳିତ ହୋଇଯାଇଛି । ଦଳର ନେତୃବୃନ୍ଦଙ୍କ ଉପସ୍ଥିତିରେ ଶଙ୍ଖ ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀରୁ ଥାଇ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ନିଜର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନବୀନ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ, ଦେଶରେ ମହିଳା ମାନଙ୍କୁ ସଶକ୍ତିକରଣ କରିବା ଲକ୍ଷ୍ୟରେ ସେମାନଙ୍କୁ ସାମ୍ବିଧାନିକ ପଦରେ ସ୍ଥାପିତ କରିବା ପାଇଁ ୯୦ ଦଶକରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପଦକ୍ଷେପ ନେଇଥିଲେ । ସଂଯୋଗ ବଶତଃ ବିଜୁ ବାବୁଙ୍କ ତିରୋଧାନ ଦିବସରେ ସଂସଦରେ ମହିଳା ସଂରକ୍ଷଣ ବିଲ୍ ବିଷୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଉଛି । ତେଣୁ ବିଜୁ ଜନତା ଦଳ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରୁଛି ।

ଓଡ଼ିଆ ସ୍ୱାଭିମାନ ଆଜି ବିପଦରେ । ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯାଉଥିବା ଆଶଙ୍କା ଉପୁଜିଥିବାରୁ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖି ବିଧାନସଭାର ଏକ ବିଶେଷ ଅଧିବେଶନ ଡାକି, ଓଡ଼ିଶାର ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲି । କିନ୍ତୁ ଏବେ ଲାଗୁଛି ରାଜ୍ୟ ବିଜେପି ସରକାର ଏହିଭଳି ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀରବଦ୍ରଷ୍ଟା ସାଜିବାକୁ ପସନ୍ଦ କରୁଛି । ତେଣୁ ଏଥିରୁ ସ୍ପଷ୍ଟ ହେଉଛି, ରାଜ୍ୟ ବିଜେପି ସରକାର ଓଡ଼ିଆ କି ଓଡ଼ିଶାର ସ୍ୱାର୍ଥ ନୁହେଁ ବରଂ ବିଜେପିର ସ୍ୱାର୍ଥ ପୂରଣ ପାଇଁ ଗୁରୁତ୍ୱ ଦେଉଛି । ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ଆଉ ଏକ ଚିଠି ମାଧ୍ୟମରେ ମୁଁ ଏହି ପ୍ରସଙ୍ଗରେ ରାଜ୍ୟର ସମସ୍ତ ସାଂସଦ ମାନଙ୍କୁ ଅବଗତ କରିବା ସହିତ ରାଜ୍ୟର ହିତ ଦୃଷ୍ଟିରୁ ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି, ଏ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଛି । ବିଜୁ ବାବୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ । ଆଜି ତାଙ୍କ ତିରୋଧାନ ଦିବସରେ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଆମର ସମ୍ମିଳିତ ଉଦ୍ୟମ ହେବ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।



ତିରୋଧାନ ଦିବସ ଅବସରରେ, ସକାଳେ ବିନ୍ଦୁ ସାଗର ଠାରେ ତିଳତର୍ପଣ ଅର୍ପଣ କରାଯାଇଥିଲା । ଏହାପରେ ଫରେଷ୍ଟ ପାର୍କରେ ଓ ଏୟାରପୋର୍ଟ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଶଙ୍ଖ ଭବନରେ ଆୟୋଜିତ "ପ୍ରବାଦ ପୁରୁଷ ଦିବସ" କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସଂଯୋଜନା କରିଥିବା ବେଳେ ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଧାୟକ କଳିକେଶ ନାରାୟଣ ସିଂଦେଓ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଇତ୍ୟାଦି ନିଜର ବକ୍ତବ୍ୟ ରଖିବା ସହିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭୁବନେଶ୍ୱର ମେୟର ସୁଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ ନାୟକ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ମିହିର ରାୟ, ମନ୍ମଥ ରାଉତରାୟ, ସୁମିତ୍ରା ଜେନା, ବିପ୍ଳବ ପାତ୍ର, ଅମରେଶ ପତ୍ରି, ଦୁର୍ଗା ସାମନ୍ତରାୟ, ତନ୍ମୟ ସ୍ୱାଇଁ, ଡେପୁଟି ମେୟର ମଞ୍ଜୁଲତା କହଁର, ପୂର୍ବତନ ବିଧାୟକ ଆୟୁବ ଖାନ୍, ଶୁଭମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ନଗର କଂଗ୍ରେସ କମିଟି ପକ୍ଷରୁ

## ଖୋର୍ଦ୍ଧା ବିଧାୟକଙ୍କ ନାଁରେ ସାଇବର ଥାନାରେ ଅଭିଯୋଗ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ନଗର କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ସାଇବର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏକ ସାକ୍ଷାତକାରରେ ବିଧାୟକ ଶ୍ରୀ ଜଗଦେବ କଂଗ୍ରେସ ର ବିଧାୟିକା ପ୍ରାର୍ଥୀ ତଥା କଂଗ୍ରେସ ନେତ୍ରୀ ସୋନାଲୀ ସାହୁଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ଧର୍ମ ଆଧାରିତ ବିବାହକୁ ନେଇ ଆପତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ବିଧାୟକ ଜଗଦ୍ଦେବ କହିଥିଲେ ଯେ ଶ୍ରୀମତୀ ସାହୁ ଜଣେ ଓଡ଼ିଆ ହୋଇ ମୁସଲମାନ ବ୍ୟକ୍ତିଙ୍କୁ ବିବାହ କରିଥିବାରୁ ତାଙ୍କର ଚରିତ୍ର ଭଲ ନୁହେଁ। ଏହା ସହ ତାଙ୍କୁ ନଷ୍ଟ ଚରିତ୍ର ବୋଲି ସମ୍ବୋଧନ କରାଯାଇଥିବା ଅଭିଯୋଗରେ କୁହାଯାଇଛି। ଏଭଳି ମନ୍ତବ୍ୟ ମହିଳା ବିରୋଧୀ, ସାମ୍ପ୍ରଦାୟିକ ଏବଂ ମାନହାନିକର ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାର ବାସିନ୍ଦା ଅଟନ୍ତି। ବିଧାୟକଙ୍କ ଏଭଳି ମନ୍ତବ୍ୟ ଶ୍ରୀମତୀ ସାହୁ ଙ୍କର ସାମାଜିକ ପ୍ରତିଷ୍ଠା, ମାନସିକ ଚାପ ଏବଂ ଗୌରବ ଉପରେ ଆକ୍ରମଣ ବୋଲି କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ଏହି ମନ୍ତବ୍ୟ ମହିଳା ଓ ଆନ୍ତର୍ଧର୍ମୀୟ ବିବାହ ପ୍ରତି ଭୁଲ ସନ୍ଦେଶ ଦେଉଥିବା ବେଳେ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ତେଣୁ ଅଭିଯୋଗ ଉପରେ ବିଧାୟକ ଶ୍ରୀ ଜଗଦେବଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ କରି ତଦନ୍ତ କରିବାକୁ ନଗର କଂଗ୍ରେସ କମିଟି ଦାବି କରିଛି । ସାକ୍ଷାତକାରର ଭିଡିଓ, ସୋସିଆଲ ମିଡିଆ ଲିଙ୍କ୍ ଏବଂ ଡିଜିଟାଲ ପ୍ରମାଣ ସଂରକ୍ଷଣ କରାଯାଉ ବୋଲି ନଗର କଂଗ୍ରେସ କମିଟି ପକ୍ଷରୁ ସାଇବର ପୁଲିସକୁ ଅନୁରୋଧ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍) ୨୦୨୩ ର ଧାରା ୩୫୬ (ମାନହାନି), ଧାରା ୭୯ (ମହିଳାଙ୍କ ଲଜ୍ଜାରେ ଆଘାତ), ଧାରା ୩୫୨ (ଉଦ୍ଦେଶ୍ୟମୂଳକ ଅପମାନ), ଧାରା ୧୯୬ (ଧର୍ମ ଆଧାରରେ ଶତ୍ରୁତା ସୃଷ୍ଟି), ଧାରା ୩୫୧ (ଅପରାଧିକ ଭୟଦେଖାଇବା) ଓ ଧାରା ୩୫୩ (ଜନସ୍ୱାର୍ଥ ବିରୋଧୀ ବୟାନ) ଅନ୍ତର୍ଭୁକ୍ତ କରାଯାଇପାରେ ବୋଲି ନଗର କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି। ଏଥିସହିତ ଅଭିଯୋଗପତ୍ରରେ ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା), ୧୫ (ଧର୍ମ ଓ ଲିଙ୍ଗ ଆଧାରରେ ଭେଦଭାବ ନୁହେଁ), ୨୧ (ଗୌରବ ଓ ପ୍ରତିଷ୍ଠାର ଅଧିକାର) ଏବଂ ୧୯(୨) (ମାନହାନିକର ବାକ୍ ସ୍ୱାଧୀନତା ନୁହେଁ) ଉଲ୍ଲଙ୍ଘନ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି।



ତେଣୁ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଶ୍ରୀମତୀ ସୋନାଲୀ ସାହୁଙ୍କୁ ନ୍ୟାୟ ଦିଆଯାଉ ବୋଲି ଦଳ ପକ୍ଷରୁ କୁହାଯାଇଛି। ଅଭିଯୋଗ ପତ୍ର ପ୍ରଦାନବେଳେ ଖୋର୍ଦ୍ଧା ନଗର ସଭାପତି ରଣଜିତ ମହାପାତ୍ରଙ୍କ ନେତୃତ୍ୱରେ ଟାଙ୍ଗି ବ୍ଲକ ସଭାପତି ଶିଶିର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଶେଖ ସାଜିଦ, ସାଦିକ ଖାନ, ବୁଲୁ ରାଉତ ପ୍ରମୁଖ କର୍ମୀମାନେ ଉପସ୍ଥିତଥିଲେ।

## ବିଜୁଙ୍କ ଶ୍ରାଦ୍ଧ ଦିବସରେ ଜନ୍ମ ନେଲା ଓଡ଼ିଶା ନାଗରିକ ମଞ୍ଚ

# ରାଜ୍ୟବାସୀଙ୍କ ସ୍ୱର ଭାବେ ମଞ୍ଚ କାର୍ଯ୍ୟ କରିବ

ଭୁବନେଶ୍ୱର(ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସରେ ଜନ୍ମ ନେଇଛି ଓଡ଼ିଶା ନାଗରିକ ମଞ୍ଚ। ବିଜୁ ନିବାସୀର ନେତୃବୃନ୍ଦ ଏକାଠି ହୋଇ ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି। ବିଜୁ ବାବୁଙ୍କର ନୀତି ଆଦର୍ଶ ଓ ସ୍ୱପ୍ନକୁ ଆଗକୁ ବଢ଼ାଇବା ନେଇ ଏହି ମଞ୍ଚ ଗଠନ ହୋଇଛି ବୋଲି ଏହାର ପ୍ରମୁଖ ସଂଯୋଜକ ବିଜୟ ମହାପାତ୍ର ମତ ରଖିଛନ୍ତି।



ଓୟୁଏଟି ଅଡିଟୋରିୟମରେ ହୋଇଥିବା ଏହି ବିଶାଳ ସମାରୋହରେ ବହୁ ନେତା ଓ ବିଜୁପ୍ରେମୀ ଏକାଠି ହୋଇଥିଲେ। ଉପସ୍ଥିତ ନେତୃବୃନ୍ଦ ବିଜୁ ବାବୁଙ୍କର ସ୍ମୃତି ପ୍ରତିଥିବା ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ବିଜୁ ବାବୁ କେଉଁ ଭଳି କାର୍ଯ୍ୟ କରନ୍ତି ଓ ଓଡ଼ିଶା ପାଇଁ ସ୍ୱପ୍ନ ଥିଲା ତାହା ମଧ୍ୟ ବଖାଣିଛନ୍ତି। ନାଗରିକ ମଞ୍ଚ ସମାବେଶରେ ବିଜୟ ମହାପାତ୍ର କହିଛନ୍ତି ଯେ ବିଜୁ ବାବୁଙ୍କର ଜାତୀୟ ସମ୍ପତ୍ତି ଟ୍ରଷ୍ଟ କରି କେହି ଜଣେ ନେଇ ଯିବ ଏଥିପାଇଁ ମୁଁ ଚିନ୍ତିତ। ବିଜୁ ବାବୁ କିଭଳି କାର୍ଯ୍ୟ କରୁଥିଲେ କେଉଁ ଭଳି ଭାବରେ ଓଡ଼ିଶାର ବିକାଶ ଚାହୁଁଥିଲେ ତାହା ସେ ଉଲ୍ଲେଖ କରିଥିଲେ। ସ୍ୱର୍ଗତଃ ବିଜୁ ବାବୁଙ୍କ ଅମରଗାଥାକୁ ସେ ମନେ ପକାଇଥିଲେ। ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାଙ୍କର ଏକ ଅଫିସ ଥିଲା। ଯାହା କେବେ କେଉଁ ରାଜ୍ୟର ମୁଖ୍ୟମନ୍ତ୍ରୀ ପାଇଁ ନଥିଲା। ବିଜୁ ବାବୁଙ୍କର ମରଶରୀରରେ ୩ ଦେଶର ପତାକା ପଡିଥିଲା। ଜାତୀୟ ପତାକା ଅର୍ଦ୍ଧନିର୍ମିତ ହୋଇଥିଲା। ଜାତୀୟସ୍ତରର ଏଭଳି କୌଣସି ନେତା ନଥିଲେ ଯେ କି ବିଜୁ ବାବୁଙ୍କର ମରଶରୀରର ଶୋଭାଯାତ୍ରାରେ ସାମିଲ ହୋଇନଥିଲେ। ଏହାଥିଲା ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ। ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଧ୍ୟ ବିଜୁ ବାବୁଙ୍କ ସମ୍ପର୍କରେ ତାଙ୍କର ମତ ରଖିଥିଲେ। ଯେଉଁମାନେ ବିଜୁ ବାବୁଙ୍କ ବିଚାର ଧାରାରେ ବିଶ୍ୱାସ କରନ୍ତି ସେମାନେ ଏକାଠି ହୋଇଛନ୍ତି । ଆଜିର କାର୍ଯ୍ୟକ୍ରମ ଫ୍ୟାମିଲ ଗେଟ ଟୁ ଗେଦର ଭଳି ଲାଗିଲା। ବିଜୁ ନିବାସୀ କଥା ଗଣମାଧ୍ୟମରେ ପ୍ରସାରିତ ହେଉଛି। ବିଜୁଙ୍କ କାର୍ଯ୍ୟର ଆଦର୍ଶ କେତେ ପ୍ରଭାବ ପକାଇଛି ତାହା ପ୍ରକୃତ ନିବାସୀ, ବିଜୁ ବାବୁଙ୍କ ସ୍ନେହ ଉପଦେଶ ଓ ରାଗ ସବୁ ଦେଖିଛି। ବିଜୁ ବାବୁଙ୍କ ଶେଷ ଦେଢ଼ ବର୍ଷ ତାଙ୍କ ସେବା କରିବାର ସୁଯୋଗ ପାଇଛି ବୋଲି ଶ୍ରୀ ରାୟ କହିଥିଲେ।

ପୂର୍ବତନ ମନ୍ତ୍ରୀ ଅମର ଶତପଥୀ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ସେହିଭଳି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜୁ ବାବୁଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ, ବିଜୁ ବାବୁଙ୍କ ଅବଦାନକୁ ଆଜିର ଯୁବପୀଢ଼ୀକୁ ସ୍ମରଣ କରାଇବାକୁ ପଡିବ। ତାଙ୍କର କାର୍ଯ୍ୟଧାରାକୁ ଆଗକୁ ନେବାକୁ ପଡିବ। ଏହି କାର୍ଯ୍ୟକ୍ରମରେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରବି ପାଣି, ନିରଞ୍ଜନ ପଟ୍ଟନାୟକ, ଏମ ଭାସ୍କର ରାଓ, ପୂର୍ବତନ ଆଇପିଏସ୍ ଅଫିସର ସଞ୍ଜୀବ ମାରିକ୍, ପୂର୍ବତନ ଆଇଏଏସ୍ ଅଫିସର ପ୍ରସନ୍ନ ମିଶ୍ର, ଲାଲ ବିହାରୀ ହିମରେକା, ବିକାଶ ଗିରିଙ୍କ ସମେତ ବହୁ ସାମ୍ବାଦିକ, ସାହିତିକ୍ୟ ଓ ପ୍ରଶାସକ ଉପସ୍ଥିତ ଥିଲେ। ବିଜେଡିରୁ ନିଲମ୍ବିତ ହୋଇଥିବା ବିଧାୟକ ଅରବିନ୍ଦ ମହାପାତ୍ର, ରମାକାନ୍ତ ଭୋଇ, ଦେବୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକଙ୍କ ଡ୍ରାଇଭର ତାଙ୍କର ରୋଷେୟା ପରିବାରରୁ ଜଣଙ୍କୁ ସମ୍ମାନୀତ କରାଯିବା ସହ ତାଙ୍କର ଟାଇପିଷ୍ଟଙ୍କୁ ସମ୍ମାନୀତ କରାଯାଇଥିଲା।

## ରାଜ୍ୟରେ ଦଣ୍ଡବିଧାନ ହାରରେ ଓଡ଼ିଶା ପୁଲିସର ସଫଳତା

# ୬୮ ଜଣ ପୁଲିସ ଅଧିକାରୀ ଓ ସରକାରୀ ଓକିଲ ସମ୍ମାନିତ

କଟକ,(ସବ୍ୟୁ): ରାଜ୍ୟରେ ନୂତନ ଆଇନର ସଫଳ ପ୍ରୟୋଗ ଆଧାରରେ ଓଡ଼ିଶା ପୁଲିସ ରାଜ୍ୟରେ ଦଣ୍ଡବିଧାନ ହାରରେ ସଫଳତା ଆଣିଥିବା ନେଇ ଏକ ରିପୋର୍ଟ ପ୍ରକାଶ କରିଛି । ଏହି ଅବସରରେ କଟକ ପୁଲିସ ମୁଖ୍ୟାଳୟ ସ୍ଥିତ ଆର.କେ. ପାଢ଼ୀ ମେମୋରିଆଲ ହଲ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଏଥିରେ ମୋଟ ୬୮ ଜଣ ପୁଲିସ ଅଧିକାରୀ ଓ ସରକାରୀ ଓକିଲଙ୍କୁ ସମ୍ମାନିତ କରାଯାଇଛି । ଏହି ତାଲିକାରେ ୧୦ ଜଣ ଏସପି, ୧୫ ଜଣ ତଦାରଖ ଅଧିକାରୀ, ୧୭ ଜଣ ସରକାରୀ ଓକିଲ ଓ ୨୬ ଜଣ ତଦନ୍ତକରି ପୁଲିସ ଅଧିକାରୀ ଥିଲେ ।"ରାଜ୍ୟରେ ୨୦୨୪ ଜୁଲାଇ ୧ରୁ ୨୦୨୫ ଡିସେମ୍ବର ୩୧ ଯାଏ ନୂତନ ଆଇନ ବଳରେ ଯେଉଁଥିରେ ଅଭିଯୁକ୍ତଙ୍କୁ ୭ ବର୍ଷରୁ ଅଧିକ କାରାଦଣ୍ଡ ମିଳିଛି, ସେଥିମଧ୍ୟରୁ ୨୭ ଟି ସମ୍ବେଦନଶୀଳ ମାମଲାରେ ତଦନ୍ତକାରୀ ଦଳକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି । ଏଥିରେ ୨୧ ଟି ପୋକସୋ ମାମଲା, ୩ ଟି ହତ୍ୟା ଉଦ୍ୟମ, ଗୋଟିଏ ଦୁଷ୍କର୍ମ ଓ ୨ ଟି ଗଣଦୁଷ୍କର୍ମ ମାମଲା ରହିଛି । ଏହି ମାମଲା ଗୁଡ଼ିକରେ ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନଏ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ଇ-ସାକ୍ଷ୍ୟ ପଦ୍ଧତି ଇତ୍ୟାଦି ବ୍ୟବହାର କରାଯାଇଛି । ତଦନ୍ତ ଶେଷରେ ବିଚାର ପ୍ରକ୍ରିୟାକୁ କୁଶଳତାର ସହିତ ତଦାରଖ କରାଯାଇଛି । ନୂତନ ଆଇନ ପୁଲିସର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସାକ୍ଷ୍ୟ ପ୍ରମାଣ ସଂଗ୍ରହ ଶୈଳୀରେ ବ୍ୟାପକ ସୁଧାର ଆଣିଛି । ଏହି ଅବସରରେ ପୁଲିସ ଡିଜି ୱାଇ. ବି. ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତମ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀମାନଙ୍କୁ ନଗଦ ୫ ହଜାର ଟଙ୍କାର ଅର୍ଥରାଶି ସହିତ ପ୍ରଶଂସାପତ୍ର ପ୍ରଦାନ କରିଥିବା ବେଳେ ଏସପି, ତଦାରଖକାରୀ ଅଧିକାରୀ ଏବଂ ସରକାରୀ ଓକିଲଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି । "ପୁଲିସ ମୁଖ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଚନ୍ଦକା ଥାନାରେ ଏକ ପୋକସୋ ମାମଲାରେ ୩୭ ଦିନରେ ମାମଲାର ବିଚାର କରାଯାଇ ଦୋଷୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି । କଟକ ସହରାଞ୍ଚଳ ବାରଙ୍ଗ ଥାନାରେ ଏକ ପୋକସୋ ମାମଲାରେ ୮୮ ଦିନରେ ତ୍?ରିତ ବିଚାର କରାଯାଇ ଦୋଷୀକୁ ୧୦ ବର୍ଷ ସଜା ସହିତ ୨୦ ହଜାର ଟଙ୍କା ଦଣ୍ଡବିଧାନ କରାଯାଇଛି । ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ଲିଙ୍ଗରାଜ ଥାନାରେ ଏକ ପୋକସୋ ମାମଲାରେ ୮୯ ଦିନ ମଧ୍ୟରେ ମାମଲାର ବିଚାର କରାଯାଇ ଦଣ୍ଡବିଧାନ କରାଯାଇଛି । ମୟୁରଭଞ୍ଜ ଉଦଳା ଥାନା ଏକ ଗଣ ଦୁଷ୍କର୍ମ ମାମଲାରେ ୧୪୯ ଦିନରେ ମାମଲାର ବିଚାର କରି ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି । ମୟୁରଭଞ୍ଜ ଶରତ ଥାନା ପୁଲିସ ଏକ ପୋକସୋ ମାମଲାରେ ୧୫୩ ଦିନରେ ମାମଲାର ବିଚାର କରି ଦୋଷୀକୁ ଦଣ୍ଡିତ କରାଯାଇଛି । କଟକ କଟକ ଗ୍ରାମାଞ୍ଚଳ ନିଆଳି ଥାନା ଏକ ପୋକସୋ ମାମଲା ଅନୁସାରେ ୧୫୪ ଦିନରେ ମାମଲାର ବିଚାର କରାଯାଇ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କାରେ ଦଣ୍ଡିତ କରାଯାଇଛି ।

# ଯୁବକ ଏବଂ ଶିଶୁଙ୍କ ପାଇଁ ଜାତୀୟ ଉଦ୍ୟମିତା ଗ୍ରୀଷ୍ମକାଳୀନ ଶିବିର ଘୋଷଣା କଲା ଇଡିଆଇଆଇ

ଭୁବନେଶ୍ୱର (ସବ୍ୟୁ): ପ୍ରେନ୍ୟୁରଶିପ ଡେଭେଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ), ଅହମଦାବାଦ, ଯାହା ଉଦ୍ୟମିତା ବିକାଶ, ଶିକ୍ଷା ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଅଗ୍ରଗାମୀ ସଂସ୍ଥା, ସେହି ସଂସ୍ଥା ୧୯୯୨ ମସିହାରୁ ଜାତୀୟ ଗ୍ରୀଷ୍ମକାଳୀନ ଶିବିରଗୁଡ଼ିକ ଆୟୋଜନ କରୁଛି। ୧୨–୧୬ ବର୍ଷ ବୟସର ଶିଶୁମାନେ ଏବଂ ୧୬–୨୨ ବର୍ଷ ବୟସର ଯୁବମାନଙ୍କ ପାଇଁ ଆୟୋଜିତ ଏହି ବିଶେଷ ଗ୍ରୀଷ୍ମକାଳୀନ ଶିବିରମାନଙ୍କର ଲକ୍ଷ୍ୟ ହେଉଛି ତାଙ୍କ ମଧ୍ୟରେ ଆରମ୍ଭିକ ଅବସ୍ଥାରୁ ଉଦ୍ୟମୀ ମନୋଭାବ ଗଢ଼ି ତୋଳିବା ସହିତ ସଫଳତା ପାଇଁ ଆବଶ୍ୟକ କୌଶଳଗୁଡ଼ିକୁ ବିକଶିତ କରିବା। ଏହି ବର୍ଷ 'ଏଣ୍ଟର ପ୍ରେନ୍ୟୁରିଆଲ୍ ଷ୍ଟିମ୍ୟୁଲେସନ୍ ଫର୍ ଚିଲ୍ଡ୍ରେନ୍ ଶିବିରର ୪୬ତମ ଏବଂ ୪୭ତମ ସଂସ୍କରଣ କ୍ରମଶଃ ୩–୮ ମେ ଏବଂ ୨୪–୨୯ ମେ ତାରିଖରେ ସଂସ୍ଥାର କ୍ୟାମ୍ପସ୍‌ରେ ଆୟୋଜିତ ହେବ। ସେହିପରି 'ଏଣ୍ଟର ପ୍ରେନ୍ୟୁରିଆଲ୍ ଏଡଭେଞ୍ଚର୍ସ ଫର୍ ୟୁଥ୍' ଶିବିରର ୪୯ତମ ଏବଂ ୫୦ତମ ସଂସ୍କରଣ କ୍ରମଶଃ ୧୧–୨୦ ମେ ଏବଂ ୧–୧୦ ଜୁନ୍ ତାରିଖରେ ଆୟୋଜିତ ହେବ।

# ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହେବେ ୪ ବରିଷ୍ଠ ବ୍ୟକ୍ତିତ୍ୱ

ଭୁବନେଶ୍ୱର, (ସବ୍ୟୁ) : ଭାରତର ପ୍ରମୁଖ ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ସଂଗଠନ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ପ୍ରତିଷ୍ଠାନ ପକ୍ଷରୁ



ଚଳିତ ବର୍ଷ ମହାପ୍ରଭୁଙ୍କ ସେବା ପୂଜା ଓ ଉତ୍କଳ ର ଆତିଥ୍ୟ, ଆଧ୍ୟାତ୍ମିକ ସାହିତ୍ୟ ର ସାରସ୍ୱତ ସାଧକ ରୂପେ ଚାରିଜଣ ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯିବ । ଭୁବନେଶ୍ୱର ସ୍ଥିତ ରାଧାବଲ୍ଲଭ ମଠ ପରିସରରେ ଅନୁଷ୍ଠାନ ର ସଭାପତି ଦିଲ୍ଲୀପ କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକ ରେ ନିଷ୍ପତି ଅନୁଯାୟୀ ବରିଷ୍ଠ ଦଇତାପତି ସେବକ ତଥା ମା' ସୁଭଦ୍ରା ଙ୍କର ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ରତ୍ନ ସମ୍ମାନ, ବରିଷ୍ଠ ଚିକିତ୍ସକ ତଥା ଐତିହ୍ୟ ବିଶାରଦ ଡାକ୍ତର ଇନ୍ଦ୍ରମଣି ଜେନାଙ୍କୁ ଆନ୍ତର୍ଜାତିକ ଉତ୍କଳ ରତ୍ନ ସମ୍ମାନ, ବରିଷ୍ଠ ସାରସ୍ୱତ ସାଧକ ଙ୍କ ରଶ୍ମି ରଞ୍ଜନ ରାୟ ଙ୍କୁ ଆନ୍ତର୍ଜାତିକ ଉତ୍କଳ ବ୍ୟାସ ରତ୍ନ ସମ୍ମାନ ଏବଂ ବାରିପଦା ଜଗନ୍ନାଥ ମନ୍ଦିରର ବରିଷ୍ଠ ପୂଜାପଣ୍ଡା ସେବକ ପଣ୍ଡିତ ଅରୁଣ କୁମାର ମିଶ୍ରଙ୍କୁ ଆନ୍ତର୍ଜାତିକ ଶ୍ରୀଜଗନ୍ନାଥ ସେବା ଶିରୋମଣି ଉପାଧି ରେ ଭୂଷିତ କରାଯିବ । ଅନୁଷ୍ଠାନ ପକ୍ଷରୁ ମଇ ମାସ ବାର ତାରିଖ ଦିନ ଭୁବନେଶ୍ୱର ରେ ପ୍ରଥମ ରାଜ୍ୟ ସ୍ତରୀୟ ଶ୍ରୀଜଗନ୍ନାଥ ମନ୍ଦିର ଅଯାକ୍ୟ ସମ୍ମେଳନ ଅବସରରେ ରାଜ୍ୟର ବିଭିନ୍ନ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତା ଏବଂ ଅର୍ଚ୍ଚକ ମାନେ ଅଂଶ ଗ୍ରହଣ ପୂର୍ବକ ଇସ୍କନ ପକ୍ଷରୁ ଅଦିନରେ ତଥା ଅ ତିଥିରେ ପାଳନ କରୁଥିବା ରଥଯାତ୍ରା ସମ୍ପର୍କ ରେ ଆଲୋଚନା କରାଯିବ । ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କୁ ଆର୍ଥିକ ପୁରସ୍କାର ରାଶି, ସନନ୍ଦ, ପ୍ରମାଣପତ୍ର, ମହାପ୍ରଭୁ ଙ୍କର ଲାଗି ଗୀତଗୋବିନ୍ଦ ଖଣ୍ଡୁଆ ପାଟବସ୍ତ୍ର ଇତ୍ୟାଦି ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ର ମହା ନିର୍ଦ୍ଦେଶକ ଡକ୍ଟର ଭାସ୍କର ମିଶ୍ର ସୂଚନା ପ୍ରଦାନ କରିଛନ୍ତି । ଏହି ବୈଠକରେ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ, ମାର୍ଗଦର୍ଶକ ସ୍ୱାମୀ ଶୁଭାନନ୍ଦ ପୁରୀ ମହାରାଜ, ନିର୍ଦ୍ଦେଶକ ମନୋଜ କୁମାର ରଥ, ଡ଼କ୍ଟର ଜଗବନ୍ଧୁ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଉପଦେଷ୍ଟା ରାଧାବଲ୍ଲଭ ସିଂହ, ଇଂ ବିଶ୍ୱରଂଜନ ନାୟକ, ଦୀପକ କୁମାର ମିଶ୍ର, ଦିଲ୍ଲୀପ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଲାଗି ପାଟ, ରଥ ଦଉଡି, ରଥ କଣ୍ଟା ଓ ଅନ୍ୟାନ୍ୟ ଉପକରଣ ମାନ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି ।

# ଡିଜିପିଙ୍କ ଦ୍ୱାରା ପୁରୀ ଏସ୍‌ପି ପ୍ରତୀକ ସିଂ ସମ୍ମାନିତ

ପୁରୀ, (ସବ୍ୟୁ): ବିଭିନ୍ନ ମାମଲାର ତ୍ୱରିତ ବିଚାର, ବୈଜ୍ଞାନିକ ତଦନ୍ତ ପଦ୍ଧତି ଡିଏନଏ ଓ ଇ-ସହାୟକର ସଫଳ ପ୍ରୟୋଗ ଏବଂ ସମନ୍ୱିତ ପର୍ଯ୍ୟବେକ୍ଷଣ ଦ୍ୱାରା ପୁରୀ ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରି ଥିବାରୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ପୁରୀ ଏସ୍‌ପିଙ୍କୁ ସମ୍ମାନିତ କରିଛନ୍ତି। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ କଟକ ବକ୍ସି ବଜାର ରାଜ୍ୟ ପୋଲିସ ମୁଖ୍ୟାଳୟ ସ୍ଥିତ ଆର.କେ.ପାଢୀ ମେମୋରିଆଲ ହଲ୍ ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏସପି ପ୍ରତୀକ ସିଂ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଛି। ଏହା ସହିତ ଡିଏସପି ପୁରୀ ମିସ କଳ୍ପନା କାଉଁରୀ ଓ କୃଷ୍ଣପ୍ରସାଦ ଥାନା ଅଧିକାରୀ ବିଚିତ୍ର ପ୍ରଧାନଙ୍କୁ ମଧ୍ୟ ଉତ୍କୃଷ୍ଟ ତଦନ୍ତ ଓ ବିଚାର ପ୍ରକ୍ରିୟା ପାଇଁ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଅପରାଧ ଅନୁସନ୍ଧାନର ସଫଳତା ଓ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦିଆ ଯାଇ ପ୍ରଦାନ କରା ଯାଇଛି। ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ମାମଲାରେ ତ୍ୱରିତ ତଦନ୍ତ ଓ ବିଚାର ପ୍ରକ୍ରିୟା ମାଧ୍ୟମରେ ପୀଡ଼ିତ/ପୀଡ଼ିତାଙ୍କୁ ସମୟୋପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇଛି। ଏହି ସଫଳତାକୁ ସମ୍ମାନ ଜଣାଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଆର.କେ. ପାଢୀ ମେମୋରିଆଲ ହଲ୍ ଠାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କେସ ଗୁଡିକର ତଦନ୍ତ ସମୟରେ ବୈଜ୍ଞାନିକ ପଦ୍ଧତି, ଡିଏନଏ , ସହାୟକ, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଓ ପଦ୍ଧତିର ସଫଳ ବ୍ୟବହାର କରାଯାଇଥିଲା। ତଦନ୍ତ ଶେଷରେ ବିଚାର ପ୍ରକ୍ରିୟାକୁ ମଧ୍ୟ ଅତ୍ୟନ୍ତ କୁଶଳତାର ସହିତ ପରିଚାଳନା କରାଯାଇଥିଲା। ନୂତନ ଆଇନ ପୋଲିସର ବୃତ୍ତିଗତ ଦକ୍ଷତା, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏବଂ ସାକ୍ଷ୍ୟ ପ୍ରମାଣ ସଂଗ୍ରହ ପ୍ରଣାଳୀରେ ମହତ୍ୱପୂର୍ଣ୍ଣ ସୁଧାର ଆଣିଛି ବୋଲି କହିଛନ୍ତି ପୋଲିସ ଡିଜି ଶ୍ରୀ ଖୁରାନିଆ।

# ନୂତନ ଶିଶୁ ମଙ୍ଗଳ କମିଟିଙ୍କ ଦାୟିତ୍ୱ ଗ୍ରହଣ

ପୁରୀ, (ସବ୍ୟୁ): ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା ସରକାର ଙ୍କ ନିର୍ଦ୍ଦେଶ କ୍ରମେ ପୁରୀରେ ନୂତନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟ ଭାର ଗ୍ରହଣ କରିଛନ୍ତି। ନୂତନ ସିଡବ୍ଲୁସିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ପୂର୍ବତନ ଅଧ୍ୟକ୍ଷ ଡଃ ଅଜିତ କୁମାର ମହାପାତ୍ର ଙ୍କ ଠାରୁ ଶୁକ୍ରବାର ଦିନ ଶିଶୁ ମଙ୍ଗଳ କମିଟି କାର୍ଯ୍ୟାଳୟ ଠାରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଶ୍ରୀ ସାହୁଙ୍କ ସହିତ ଅନ୍ୟ ସଦସ୍ୟ ସଦସ୍ୟା ଶକ୍ତିପାଦ ମିଶ୍ର, ଦୀପ୍ତି ଦାସ, ବିଜୟଲକ୍ଷ୍ମୀ ମହାନ୍ତି, ସୌଭାଗ୍ୟ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି ପୂର୍ବତନ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସଦସ୍ୟା ଲକ୍ଷ୍ମୀପ୍ରିୟା ପାତ୍ର, ଦେବଯାନୀ ହିମାଂଶୁ ଉପସ୍ଥିତ ରହି ବିଗତ ବର୍ଷ ଗୁଡିକର କାର୍ଯ୍ୟ, ଅଭିଜ୍ଞତା ପରିପ୍ରକାଶ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ



ଦାୟିତ୍ୱ ହସ୍ତାନ୍ତର, ସ୍ୱାଗତ ଓ ବିଦାୟ କାଳିନ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ରୋଜାଲିନ ପାତ୍ର, ସନ୍ତୋଷ କୁମାର ସାହୁ, ସ୍ନିଗ୍ଧାରାଣୀ ସାହୁ, ହରେକୃଷ୍ଣ ସାହୁ, ଚାଇଲଡ ହେଲ୍ପ ଲାଇନ କାର୍ଯ୍ୟକର୍ତ୍ତା କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନୂତନ ଭାବେ ଅବସ୍ଥାପିତ ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ କହିଥିଲେ ଯେ, ପ୍ରତ୍ୟେକ ଶିଶୁ କୁ ଯତ୍ନ, ସୁରକ୍ଷା ଏବଂ ପରିବାର ଯୋଗାଇଦେବା କମିଟି ର ପ୍ରାଥମିକତା ହେବ। ବିପରୀତ ପରିସ୍ଥିତିରେ ଥିବା ଶିଶୁ ମାନଙ୍କ ଥଇଥାନ ପାଇଁ ମୋବାଇଲ ନଂ -୬୩୭୨୨୨୨୬୭୪ ରେ ତୁରନ୍ତ ଯୋଗାଯୋଗ କରିବାକୁ ଜନସାଧାରଣ ଙ୍କୁ ନିବେଦନ କରିଥିଲେ।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ହେଲା ବିଜ୍ଞପ୍ତି

# ସ୍ଥଗିତ ୩ଟି ବାର୍‌ର ନିର୍ବାଚନ ମେ' ୨୩ରେ

କଟକ,(ସବ୍ୟୁ): ବିଭିନ୍ନ କାରଣରୁ ନବରଙ୍ଗପୁର, ଜଟଣୀ ଏବଂ ସୁନ୍ଦରଗଡ଼ ଜିଲ୍ଲା ବାର ଆସୋସିଏସନ୍‌ର ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା । ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଏହି ସ୍ଥଗିତାଦେଶକୁ ହଟାଇ ଦିଆଯାଇ ଏହି ତିନୋଟି ବାରର ନିର୍ବାଚନ ଆସନ୍ତା ମେ' ୨୩ରେ କରାଯିବ ବୋଲି ଆଜି ବିଜ୍ଞପ୍ତି ଜାରି କରାଯାଇଛି। ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ପ୍ରତିବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ତାରିଖରେ ରାଜ୍ୟର ସମସ୍ତ ବାରର ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି ଆଧାରରେ ଗତ ମାର୍ଚ୍ଚ୨୮ ତାରିଖରେ ହାଇକୋର୍ଟ ବାର୍ ଆସୋସିଏସନ୍ ସମେତ ରାଜ୍ୟର ପ୍ରାୟ ଅଧିକାଂଶ ବାରରେ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ନବରଙ୍ଗପୁର ବାର୍ ଆସୋସିଏସନ୍, ଝଟଣୀ ଲୟର୍ସ ଆସୋସିଏସନ୍ ଏବଂ ସୁନ୍ଦରଗଡ଼ ଜିଲ୍ଲା ବାର୍ ଆସୋସିଏସନ୍‌ର ନିର୍ବାଚନକୁ ବିଭିନ୍ନ କାରଣ ପାଇଁ ସ୍ଥଗିତ ରଖାଯାଇଥିଲା। ଏବେ ପୁନର୍ବାର ନିଷ୍ପତ୍ତି ନିଆଯାଇ ଏହି ତିନୋଟି ବାର୍ ଆସୋସିଏସନ୍‌ରେ ନିର୍ବାଚନ ପାଇଁ ଏହି ସବୁ ବାରର ସଭାପତି ଏବଂ ସମ୍ପାଦକମାନଙ୍କୁ ଅବଗତ କରାଯାଇଛି । ସଭାପତି, ସମ୍ପାଦକମାନେ ସେମାନଙ୍କ ବାର୍‌ର ସାଧାରଣ ପରିଷଦ ବୈଠକ ଡାକି ନିର୍ବାଚନ ଅଧିକାରୀ ନିଯୁକ୍ତ କରିବେ। ଏହି ନିଷ୍ପତ୍ତି ସଂକ୍ରାନ୍ତରେ ପରିଷଦକୁ ଆସନ୍ତା ୨୭ତାରିଖ ପୂର୍ବରୁ ଅବଗତ କରିବାକୁ କୁହାଯାଇଛି।

# ନଦୀରେ ବୁଡ଼ିଗଲେ ବୃଦ୍ଧା

କଟକ,(ସବ୍ୟୁ): ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଧୋବାସାହିର ସୁରେନ୍ଦ୍ର କୁମାର ସେଠୀଙ୍କ ପତ୍ନୀ ପ୍ରମିଳା ସେଠୀ(୬୫) ଆଜି ନଦୀରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକ ଓ ଅଗ୍ନିଶମ କର୍ମଚାରୀଙ୍କ ମିଳିତ ପ୍ରୟାସରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ସେ ପ୍ରତିଦିନ ଭଳି ଆଜି ସକାଳ ପ୍ରାୟ ୯ଟା ବେଳେ ମହାନଦୀର ଚହଟାଘାଟ ପାଖକୁ ଗାଧୋଇବାକୁ ଯାଇଥିଲେ । ଶନିମନ୍ଦିର ପଛପଟ ଘାଟରେ ସେ ଗାଧୋଉଥିଲେ । ତେବେ ଗାଧୋଇବା ବେଳେ ସେ କୂଳରୁ ସାମାନ୍ୟ ଭିତରକୁ ଯାଇଥିଲେ । ଭିତରେ ଗଭୀର ଜଳ ମଧ୍ୟ ଥିଲା । ଗାଧୋଇବା ଶେଷ ସମୟରେ ହଠାତ୍ ତାଙ୍କୁ ବାତ ମାରିଲା । ପାଣି ଭିତରେ ଥିବା ବେଳେ ତାଙ୍କ ପାଖରେ ଆଉ କିଛି ବାଟ ନାହିଁ । ସେ ପାଣିରେ ବୁଡ଼ିବାକୁ ଲାଗିଲେ, ମାତ୍ର ଧୈର୍ଯ୍ୟହରା ହୋଇନଥିଲେ । କିଭଳି ପାଣିରୁ ବାହାରିବେ ଓ ତାଙ୍କର ଏହି ଅବସ୍ଥା ପାଖରେ ଥିବା ଅନ୍ୟମାନେ ଦେଖିପାରିବେ ସେଥିପ୍ରତି ଉଦ୍ୟମ କଲେ । ପାଣିରେ ବୁଡ଼ି ମଧ୍ୟ ହାତକୁ ହଲାଉଥାନ୍ତି । ଯେମିତି ପୁରା ପାଣିରେ ବୁଡ଼ିବେ ନାହିଁ ସେଥିପ୍ରତି ଜୋରଦାର ଉଦ୍ୟମ କରିଥିଲେ । ଏହି ବିଷୟକୁ ପାଖ ଲୋକ ଦେଖିନେଇଥିଲେ । ପାଖଲୋକ ତୁରନ୍ତ ଚିତ୍କାର କରିବା ସହିତ ୧୧୨କୁ ଖବର ଦେଇଥିଲେ । ତେବେ ସେଠାରୁ ମାତ୍ର ଅଳ୍ପଦୂରରେ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ର ହୋଇଥିବାରୁ ତୁରନ୍ତ ଅଗ୍ନିଶମ କର୍ମଚାରୀ ଆସି ପହଞ୍ଚିଥିଲେ । ତିନି ଜଣ ଅଗ୍ନିଶମ କର୍ମଚାରୀ ରବର ଟ୍ୟୁବ୍ ସାହାଯ୍ୟରେ ପାଣିରେ ପଶିଥିଲେ ।

# ଏସ୍‌ବିଆଇ ପ୍ରଧାନ କାର୍ଯ୍ୟାଳୟରେ ଫାୟାର ଇଭାକ୍ୟୁଏସନ୍ ଡ୍ରିଲ ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଭୁବନେଶ୍ୱର




ଦ୍ୱାରା ନ୍ୟାସନାଲ ବିଲ୍ଡିଂ କୋଡ୍ ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଫାୟାର ସେଫ୍ଟି ନିୟମ ଅନୁଯାୟୀ ଫାୟାର ଇଭାକ୍ୟୁଏସନ ଡ୍ରିଲର ଆୟୋଜନ କରାଯାଇଥିଲା। ଏଥିରେ ଫ୍ଲୋର ମାର୍ଶାଲ ଏବଂ ରେସ୍କ୍ୟୁ ଟିମ୍ ସଦସ୍ୟଙ୍କ ସାହାଯ୍ୟରେ ମକ୍ ଡ୍ରିଲ୍ କରାଯାଇଥିଲା। ସମସ୍ତ ସଦସ୍ୟ ନିର୍ଦ୍ଧାରିତ ସ୍ଥାନରେ ଏକାଠି ହୋଇଥିଲେ। ଏହି ଅବସରରେ ମହାପ୍ରବନ୍ଧକ ବନ୍ଦନା ଅଗ୍ରୱାଲ ଷ୍ଟାଫ୍‌ମାନଙ୍କୁ ସମ୍ବୋଧିତ କରି ଅଗ୍ନି ନିରାପତ୍ତା ପଦକ୍ଷେପ ଓ ଇଭାକ୍ୟୁଏସନ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଲ୍ଡିଂରେ କାର୍ଯ୍ୟରତ ସମସ୍ତ ଷ୍ଟାଫ୍‌ମାନଙ୍କ ପାଇଁ ଏହି ଡ୍ରିଲ୍ ଅତ୍ୟନ୍ତ ଉପଯୋଗୀ ବୋଲି ସେ କହିଥିଲେ। ବ୍ୟାଙ୍କର ଉପ ମହାପ୍ରବନ୍ଧକ ତଥା ମଣ୍ଡଳ ବିକାଶ ଅଧିକାରୀ ଶ୍ୟାମଦେନ୍ ଦୋର୍ଜୀ ଲାମା ଏବଂ ସହାୟକ ମହାପ୍ରବନ୍ଧକ ଆଲୋକ କୁମାର ନାଗ, ମଣ୍ଡଳ ଅଗ୍ନିଶମ ଅଧିକାରୀ କୁଳଦୀପ ଶ୍ରୀବାସ୍ତବ (ଏସ୍‌ବିଆଇ) ଙ୍କ ମାର୍ଗଦର୍ଶନରେ ଫାୟରମ୍ୟାନ୍‌ଙ୍କ ଦ୍ୱାରା ଫାୟାର ଫାଇଟିଂ ଏକ୍ସିଙ୍ଗୁଇସର ହାଇଡ୍ରେଣ୍ଟ ପ୍ରଣାଳୀ ଓ ଉପକରଣ ଉପଯୋଗ ପ୍ରଦର୍ଶିତ ହୋଇଥିଲା। ଏଥିରେ ଭୁବନେଶ୍ୱର ସହରର ଫାୟାର ବିଗ୍ରେଡ୍ ଅଧିକାରୀ ଏବଂ ଫାୟାରମ୍ୟାନ୍ ଉପସ୍ଥିତ ରହି ଆପାତକାଳୀନ ପରିସ୍ଥିତିରେ ଇଭାକ୍ୟୁଏସନ ମକ୍ ଡ୍ରିଲରେ ଉପକରଣର ପ୍ରଦର୍ଶନ ଏବଂ ଉପଯୋଗ ଉପରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ।

## ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ : ୨ ଗିରଫ

ବାଲୁଗାଁ ,(ସବ୍ୟୁ) : ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗ କ୍ରମେ ବାଲୁଗାଁ ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସ୍ଥାନୀୟ ଭଗବତୀ ପାଟଣା ଗ୍ରାମର ବିଘ୍ନେଶ୍ୱର ବେହେରା ଏବଂ ପ୍ରଭାତ ବେହେରା । ଗୁରୁବାର ପୂର୍ବାହ୍ନ ସମୟରେ ସ୍କୁଲ ଛୁଟି ହେବା ପରେ ଛାତ୍ରୀ ଜଣକ ଘରକୁ ଫେରୁଥିଲେ । ବାଲୁଗାଁ ବଜାର ନିକଟରେ ୨ ଅଭିଯୁକ୍ତ ଯୁବକ ଛାତ୍ରୀଙ୍କୁ ଏକାକୀ ଦେଖି କମେଣ୍ଟ ପାସ କରିବା ସହ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ । ଘରକୁ ଫେରି ନାବାଳିକା କାନ୍ଦି କାନ୍ଦି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲା । ପରବର୍ତ୍ତୀ ସମୟରେ ଏ ନେଇ ବାଲୁଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୧୪୩/୨୬ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା । ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ

ପୁରୀ, (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ତାଳବଣିଆ ଆଇଟିଆଇ ପଡିଆ ଠାରେ ମେଗା ବା ବୃହତ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା ।ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଉଦଘାଟନ କରିବା ସହ ଏହି ନିଯୁକ୍ତି ମେଳା ମାଧ୍ୟମରେ ବେରୋଜଗାର ଯୁବକ ଯୁବତୀ ଙ୍କୁ ନିଯୁକ୍ତି ସୁଯୋଗ ସହ ସେମାନଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇଁ ସହାୟକ ହେଉଛି ବୋଲି କହିଥିଲେ ।ସରକାରଙ୍କ ଲକ୍ଷ୍ୟ ଯୁବବର୍ଗ ସେମାନଙ୍କ ଯୋଗ୍ୟତା ଅନୁସାରେ ଆତ୍ମ ନିର୍ଭର ହୁଅନ୍ତୁ ।ବର୍ତ୍ତମାନ ସମୟରେ ଯୁବବର୍ଗ ଙ୍କ ପାଇଁ ଅନେକ ସୁବିଧା ସୁଯୋଗ ରହିଛି ।ସେମାନେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇ ପାରିବେ ବା ନିଜେ ତାଲିମ ନେଇ ଜଣେ ସଫଳ ଉଦ୍ୟୋଗପତି ହୋଇ ଅନ୍ୟ ମାନଙ୍କୁ ନିଯୁକ୍ତି ଦେଇ ପାରିବେ ବୋଲି ସେ ସୂଚନା ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପୁରୀ ର ଅଧ୍ୟକ୍ଷ ପ୍ରମୋଦ କୁମାର ସାମଲ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର କୃଷ୍ଣ ପ୍ରସାଦର ଅଧ୍ୟକ୍ଷ ଚନ୍ଦ୍ର ଶେଖର ସୁନ୍ଦରାୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ରୁଆ ର ଅଧ୍ୟକ୍ଷ ଦିପ୍ତୀ ମିଶ୍ର ପ୍ରମୁଖ ଯୋଗ ଦେଇ ନିଯୁକ୍ତି ମେଳା ଯୁବବର୍ଗ ପାଇଁ ଏକ ଭଲ ସୁଯୋଗ ।ଏଥିରେ ଯୋଗ ଦେଇ ନିଜ ଯୋଗ୍ୟତା ଓ ଦକ୍ଷତା ଆଧାର ରେ ନିଜକୁ ପ୍ରତିପାଦିତ କରିବାକୁ ପରାମର୍ଶ ଦେଇଥିଲେ ।ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ସେକ୍ସନ ଅଫିସର ପୁଷ୍ପ ଲତା ପ୍ରଧାନ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ନିଯୁକ୍ତି ମେଳା ପରିଚାଳନା ରେ ସହଯୋଗ କରିଥିଲେ । ନିଯୁକ୍ତି ମେଳାରେ ୩୯ ଗୋଟି ବେସରକାରୀ ସଂସ୍ଥା ଓ ୧୦ ଗୋଟି ପିଆଇଏ ଅଂଶଗ୍ରହଣ କରିଥିଲେ। ଏଥିରେ ୧୮୭୨ ଜଣ ପଞ୍ଜିକରଣ କରିଥିବା ବେଳେ ବିଭିନ୍ନ କମ୍ପାନୀ ୧୧୮୯ ଜଣ ଙ୍କୁ ସର୍ଟଲିଷ୍ଟ କରିଥିଲେ ।ସେମାନଙ୍କ ମଧ୍ୟରୁ ତତକ୍ଷଣାତ ୧୦୧ ଜଣ ଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ୫୪୭ ଜଣ ଙ୍କୁ ଦକ୍ଷତା ବିକାଶ ତାଲିମ ପାଇଁ ପିଆଇଏ ମାନେ ମନୋନୀତ କରିଥିଲେ।



# ପଞ୍ଚମା ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ସହ ମହିଳା ଗିରଫ



ରଙ୍ଗେଇଲୁଣ୍ଡା, (ସବ୍ୟୁ): ରଣ୍ଡା ପଞ୍ଚାୟତର ପଞ୍ଚମା ଗ୍ରାମ ନିକଟରେ ଥିବା ଏକ ଆମ୍ବ ତୋଟାରେ ଜଣେ ୬୫ବର୍ଷୀୟ ବୃଦ୍ଧ ଏକାଦଶୀ ନାହାକଙ୍କୁ ଅତି ନିର୍ମମ ଭାବେ ବେକକୁ ହାଣି ହତ୍ୟା କରାଯାଇଥିଲା । ସେତେବେଳେ ଏହି ହତ୍ୟାକାଣ୍ଡକୁ ନେଇ ଗ୍ରାମରେ ଉତ୍ତେଜନା ସହ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡା. ଶ୍ରବଣ ବିବେକ. ଏମଙ୍କ ନିର୍ଦ୍ଦେଶକ୍ରମେ ଗୋଲନ୍ଥରା ଥାନା ଅଧିକାରୀ ଟୁନା ଶାସମଲ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଘଟଣାର ଅନୁସନ୍ଧାନ କରୁଥିଲେ।

ପ୍ରକାଶ ଯେ, ଗୁଣିଆ ସନ୍ଦେହରେ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରକାଶ । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଉକ୍ତ ଗ୍ରାମର ଘନ ପ୍ରଧାନ ହୋଇଥିବା ବେଳେ ତାଙ୍କ ଭାଇ ବୋହୂ ପଙ୍କଜା ପ୍ରଧାନ ବୋଲି ଜଣା ପଡିଛି । ପ୍ରକାଶ ଯେ, ମୃତକ ଜଣକ ପାନ ବ୍ୟବସାୟୀ ହୋଇଥିବା ବେଳେ ଗ୍ରାମରେ ଝଡା ଫୁଙ୍କା ବା ଦାସେରୀ କାର୍ଯ୍ୟ କରୁଥିଲେ । କୌଣସି ପରିସ୍ଥିତି କ୍ରମେ ମୁଖ୍ୟ ଅଭିଯୁକ୍ତ ଘନ ପ୍ରଧାନର ମା, ସ୍ତ୍ରୀ, ନାତି ଏବଂ ପାଞ୍ଚ ଗୋଟି ଗାଈ ମରି ଯାଇଥିଲେ । ଫଳରେ ଅଭିଯୁକ୍ତ ଘନ ପ୍ରଧାନ ଏବଂ ତା ଭାଇ ବୋହୁ ପଙ୍କଜା ପ୍ରଧାନଙ୍କ ସନ୍ଦେହ ହେଲା ଯେ, ଗୁଣିଆ କରି ଏମାନଙ୍କୁ ମାରି ଦିଆଯାଇଛି । ତେଣୁ ଦୀର୍ଘ ଛ ମାସ ହେଲା ଅଭିଯୁକ୍ତ ଘନ ପ୍ରଧାନ ମାରିବା ପାଇଁ ଯୋଜନା କରି ଶେଷରେ ସଫଳ ହେଲା । ମୁଖ୍ୟ ଅଭିଯୁକ୍ତ ଘନ ପ୍ରଧାନ ଏବଂ ପଙ୍କଜା ପ୍ରଧାନଙ୍କୁ ଥାନା କେଶ ନମ୍ବର ୧୪୪/୨୬ରେ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ବିଜେଡିର ମୟୂରଭଞ୍ଜ ବନ୍ଦ ଡାକରା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ : ବିଜେପି

ବାରିପଦା, (ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲା ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ, ଜିଲ୍ଲା କୋଷାଧ୍ୟକ୍ଷ ପରେଶ ଚନ୍ଦ୍ର ମହାନ୍ତ ଓ ଜିଲ୍ଲା ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡି ପକ୍ଷରୁ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରାକୁ ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପ୍ରକାଶ କରାଯାଇଥିଲା।

ଏଥିସହ ବିଜେଡିର କୌଣସି କାରଣ ନଥାଇ ନିଜର ନିଶ୍ଚିହ୍ନ ହୋଇଯାଉଥିବା ଦଳକୁ ବଞ୍ଚେଇବାକୁ ଯାଇ ଏହି ମୟୂରଭଞ୍ଜ ବନ୍ଦ ଡାକରା ଦେଇ ହୀନ ପ୍ରୟାସ କରୁଅଛି ବୋଲି ଦଳ ପକ୍ଷରୁ କୁହାଯାଇଥିଲା। ଏଥିସହ ମୟୂରଭଞ୍ଜ ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ଛାତ୍ରୀ ମାନେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପିଆରଏମ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏପରିକି ଜିଲ୍ଲା ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ହସ୍ପିଟାଲରେ ପହଞ୍ଚି ପିଲାମାନଙ୍କୁ ଓ ଅଭିଭାବକ ମାନଙ୍କୁ ଭେଟି ଛାତ୍ରୀ ମାନଙ୍କର ଚିକିତ୍ସା ବ୍ୟବସ୍ଥା କରାଇଥିଲେ।



ବିଜେପିପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପିଲାଟି ମୃତ୍ୟୁବରଣ କରିଥିବାବେଳେ ସରକାରଙ୍କ ପକ୍ଷରୁ ଶବ ସକାର ପାଇଁ ସମସ୍ତ ପ୍ରକାରର ବନ୍ଦୋବସ୍ତ କରାଯାଇଥିବାବେଳେ ପରିବାର ଲୋକେ କିମ୍ବା ତାଙ୍କ ଗ୍ରାମବାସୀ ନହୋଇ କେଉଁ ଦଳ ଗୋଷ୍ଠୀ କିମ୍ବା ସଂଗଠନ ଲୋକେ ସେ ଆମ୍ବୁଲାନ୍ସକୁ ଦୀର୍ଘ ୧୭ଘଣ୍ଟା ଧରି ଅଟକ ରଖିଥିଲେ, ପୋଡାଜଳା କରିଥିଲେ ଓ ଆମ୍ବୁଲାନ୍ସକୁ ନିଆଁ ଲଗାଇବାକୁ ଚେଷ୍ଟା କରିଥିଲେ ବୋଲି ଏହି ଘଟଣାକୁ ପୋଲିସ ବିରୋଧ କରିବାରୁ ପୋଲିସକୁ ମଧ୍ୟ ଆକ୍ରମଣ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ୭ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଓ ମୁଖ୍ୟମନ୍ତ୍ରୀ ଦେଇଥିବା ଆରଡିସି ତଦନ୍ତ ଓ କଟକ ବଡ ଡାକ୍ତରଖାନାର ଏକ ସ୍ପେସାଲ ଡାକ୍ତରୀ ତଦନ୍ତ ଟିମ୍ ତଦନ୍ତ କରି ଫେରିଥିଲେ। ମାତ୍ର ୨୪ବର୍ଷର ସରକାର କୌଣସି ଦୁର୍ଘଟଣା ଘଟିବାର ୨୪ଘଣ୍ଟା ମଧ୍ୟରେ କୌଣସି ପଦକ୍ଷେପ ନେବାର ସାରା ମୟୂରଭଞ୍ଜ କଣ ସାରା ଓଡିଶାରେ ମଧ୍ୟ ନଜିର ନାହିଁ କେବଳ ଗୋଟେ କଥା ଶୁଣାଯାଉଥିଲା ଆଇନ୍ ତା ବାଟରେ ଯିବ ବୋଲି ଦଳ ପକ୍ଷରୁ ସମାଲୋଚନା କରାଯାଇଥିଲା। ମୃତକଙ୍କ ପରିବାର ଭାଙ୍ଗିପଡିଥିବାବେଳେ ବିଜେଡି ପକ୍ଷରୁ ମୟୂରଭଞ୍ଜ ବନ୍ଦ ଡାକରା ଏକ ଅଯୌକ୍ତି ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେପି ପକ୍ଷରୁ ସମାଲୋଚନା କରାଯିବା ସହ ଏହାକୁ ମୟୂରଭଞ୍ଜବାସୀ କେବେ କ୍ଷମା ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ପ୍ରବୀଣ ପାତ୍ର, ଶୋଭାବତୀ ଓତା, ସୁମନ ସିଂ, ମମତା ମଣ୍ଡଳ, ସୁରଜ ଲୋହାର, ବୀରକିଶୋର ପଟ୍ଟନାୟକ ଓ ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ସରଳ ଉପାୟ ହେଉଛି 'ମଧ୍ୟସ୍ଥତା'

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସିଭିଲ କୋର୍ଟ ବ୍ରହ୍ମପୁର, ପରିସରରେ 'ବିବାଦ ସମାଧାନରେ ମଧ୍ୟସ୍ଥତାର ଭୂମିକା ଓ ଲାଭ' ବିଷୟକୁ ନେଇ "ମିଡିଏସନ୍ ଡ୍ରାଇଭ୍-୨.୦ ଅଭିଯାନ' ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ମଧ୍ୟସ୍ଥତାର ଭୂମିକା ଓ ଏହାର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାର ନେଇ ଗୁରୁତ୍ୱାରୋପ କରାଯାଉଛି । ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ଏକ ସରଳ ଉପାୟ ହେଉଛି ମଧ୍ୟସ୍ତତା ।ଏହି ମଧ୍ୟସ୍ଥତା ଦ୍ୱାରା ଶୀଘ୍ର ସମାଧାନ, ଖର୍ଚ୍ଚ କମ, ସମ୍ପର୍କ ଅତୁଟ, ଗୁପ୍ତ ଓ ସ୍ୱ-ଇଚ୍ଛାମୂଳକ, ମନୋଭାବନାର ସନମାନ ଲାଭ ହୁଏ । ପାରିବାରିକ ବିବାଦ, ବିବାହ/ବିଚ୍ଛେଦ ସମ୍ପର୍କିତ ମାମଲା, ଜମି ଓ ସମ୍ପତ୍ତି ବିବାଦ, ଟଙ୍କା ଲେନଦେନ ମାମଲା, ପଡୋଶୀ ବିବାଦ, ଛୋଟ ଦେଓଣା ମାମଲା ଆଦି ମଧ୍ୟସ୍ଥତା ହୋଇପାରିବ । ତେବେ ମଧ୍ୟସ୍ଥତା ପ୍ରକିୟା ମଧ୍ୟରେ ଦୁଇ ପକ୍ଷର ସମ୍ମତି, ନିଷ୍ପକ୍ଷ ମଧ୍ୟସ୍ଥଙ୍କ ନିୟୋଜନ, ଆଲୋଚନା ଓ ସମାଧାନ ପ୍ରସ୍ତାବ, ସମ୍ମତି ମାଧ୍ୟମରେ ଚୁକ୍ତି ରହିଛି । ମଧ୍ୟସ୍ଥତା ବାଛିବାର ମୂଳ ଉଦ୍ଦେଶ୍ୟ ହେଉଛି ଯେ, ଯେକୌଣସି ମାମଲାକୁ ଦାୟର ନକରି ସମାଧାନ କରିବା, ବିବାଦ ନୁହେଁ ବରଂ ସମ୍ମତି ଆବଶ୍ୟକ କରିବା ଏବଂ ଦ୍ୱେଷ-ଶାନ୍ତି ଆବଶ୍ୟକ କରିବା । ସାଧାରଣ ଜନତାଙ୍କ ବିବାଦକୁ ଏହି ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରି ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରାଧିକରଣ ପକ୍ଷରୁ ନିବେଦନ କରିବା ସହ "ମିଡିଏସନ୍ ଡ୍ରାଇଭ୍ ୨.୦" ମାଧ୍ୟମରେ ସମାଜରେ ସମ୍ମତି ଓ ସମନ୍ୱୟର ପରିବେଶ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

# ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରଞ୍ଜନ କୁମାର ତରେଇ, ଜିଲ୍ଲା ଓକିଲ ସଙ୍ଘର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ



କୁମାର ବାରିକ ଓ ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ।

ସହ ସମ୍ପାଦକ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ, ପଣ୍ଡିତ ଭାଗବତ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ। ଏହି ଅବସରରେ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାର ମାନଙ୍କର ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ। ଓଡିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା।

ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାଣ୍ଡି, ରୋହିତ ବେହେରା ଓ ମନୋରଞ୍ଜନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଟୋ ଚାଳକ ସଂଘ ସଭାପତିଙ୍କୁ ଆକ୍ରମଣ

ବ୍ରହ୍ମପୁର, (ସବ୍ୟୁ): ଢୁଢୁମା କଲୋନୀ ଅଟୋ ଚାଳକ ସଂଘ ସଭାପତି ଉଦୟ ସେଠୀ ଓ ତାଙ୍କ ପୁଅକୁ ଆକ୍ରମଣ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ଜଣେ ଅଟୋ ଚାଳକଙ୍କୁ ବଡବଜାର ଥାନା ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ଢୁଢୁମା କଲୋନୀ ବସଷ୍ଟାଣ୍ଡରେ ଆଜି ଯାତ୍ରୀ ଭଡାକୁ ନେଇ ୨ ଅଟୋ ଚାଳକଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜଣେ ଅଟୋ ଚାଳକ ସଂଘ ସଭାପତି ଉଦୟଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଉଦୟଙ୍କ ପୁଅ ପ୍ରତିବାଦ କରିବାରୁ ସେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ବାପା-ପୁଅ ଆହତ ହୋଇଥିଲେ। ଘଟଣାକୁ ନେଇ ଉଦୟ ନିଜ ସଂଘର କିଛି ସଦସ୍ୟଙ୍କୁ ଧରି ଥାନାକୁ ଯାଇ ଅଭିଯୋଗ କରିଥଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣ କରିଥିବା ଅଟୋ ଚାଳକଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା।

# କୂଅକୁ ଖସିପଡିଲେ ମହିଳା

ଭଞ୍ଜନଗର, (ସବ୍ୟୁ): କୂଅରୁ ପାଣି ଟାଣୁଥିବା ବେଳେ, କୂଅ ଭିତରକୁ ଖସି ପଡ଼ିଲେ ମହିଳା । ଗାଙ୍ଗପୁର ଥାନା ଅନ୍ତର୍ଗତ ବଡସାଦରା ଗାଁରେ ଶୁକ୍ରବାର ଅପରାହ୍ନରେ ଘଟିଛି ଏଭଳି ଘଟଣା । ଗ୍ରାମବାସୀଙ୍କ ସହଯୋଗରେ କୂଅ ଭିତରେ ଫସି ରହିଥିବା ସଂପୃକ୍ତ ମହିଳାଙ୍କୁ ଉଧାର କରାଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ଭଂଜନଗର ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ଉଧାର ମହିଳାଙ୍କୁ ନିକଟସ୍ଥ ଗୋବରା ମେଡିକାଲରେ ଭର୍ତ୍ତି କରିଥିଲେ । ଆହତ ମହିଳା ଜଣକ ବଡସାଦରା ଗ୍ରାମର ପଞ୍ଜାଲୀ ଗୌଡ (୩୫) । ସବୁଦିନ ଭଳି ଗାଁ ନିକଟରେ ରହିଥିବା କୂଅକୁ ପିଇବା ପାଣି ସଂଗ୍ରହ କରିବା ପାଇଁ ଯାଇଥିବାବେଳେ, ଆକସ୍ମିକ ଭାବେ ଗୋଡ ଖସିଯିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିଲା । ଗୋବରା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭଂଜନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ହତ୍ୟା ମାମଲାରେ ଦମ୍ପତି ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରେଡିକା ସାହିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଛୁରା ମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଛି । ହତ୍ୟାର ଶିକାର ବ୍ୟକ୍ତି ଜଣଙ୍କ ହେଲେ କେ. ଭଗବାନ ରେଡ୍ଡୀ । ଏହି ମାମଲାରେ ଅଭିଯୁକ୍ତ ତଥା ସାହିର କେ. ଲିଙ୍ଗା ରେଡ୍ଡୀ ଓ ତାଙ୍କ ସ୍ତ୍ରୀ କେ. ଲକ୍ଷ୍ମୀ ରେଡ୍ଡୀଙ୍କୁ ପୋଲିସ ମାମଲା ନଂ ୨୫୯/୨୬ ରେ ଗିରଫ କରିଛି ।

ବ୍ରହ୍ମପୁର ଏସପି ଡ଼ା ସର୍ବନା ବିବେକ ଏମ୍ ଦେଇଥିବା ସୂଚନା ଅନୁସାରେ, ରେଡିକା ସାହିର କେ. ଲିଙ୍ଗା ରେଡ୍ଡୀ ନିଜ ସ୍ତ୍ରୀ କେ. ଲକ୍ଷ୍ମୀ ରେଡ୍ଡୀ, ବୃଦ୍ଧା ମା' ପାରୁ ରେଡ୍ଡୀ ଓ ତିନି ଝିଅଙ୍କ ସହ ରହୁଥିଲେ । ତେବେ ପଡୋଶୀ ଭାବେ ରହୁଥିବା କେ. ଭଗବାନ ରେଡ୍ଡୀ ଓ ତାଙ୍କ ସ୍ତ୍ରୀ ଜ୍ୟୋତି ରେଡ୍ଡୀ ରହୁଥିଲେ । ଲିଙ୍ଗା ତାଙ୍କ ବୃଦ୍ଧା ମା'ଙ୍କୁ ଖରାପ ବ୍ୟବହାର କରିବା ସହ ଅବହେଳା କରୁଥିବା ନେଇ ସେମାନେ ବିରୋଧ କରିଆସୁଥିଲେ । ଏପରିକି ବୃଦ୍ଧାଙ୍କୁ ନିର୍ଯାତନା ଦିଆଯାଉଥିବା ଭିଡିଓ ଓ ଫଟୋ ଉତ୍ତୋଳନ କରି କେ. ଭଗବାନ ଦୂରରେ ରହୁଥିବା ପାରୁ ରେଡ୍ଡୀଙ୍କ ଅନ୍ୟ ଜଣେ ଝିଅ ପାଖକୁ ପଠାଇଥିଲେ । ଏହାକୁ କେନ୍ଦ୍ର କରି ଗୁରୁବାର ମଧ୍ୟରାତ୍ରିରେ ଉଭୟ ପରିବାର ମଧ୍ୟରେ ପ୍ରବଳ ଯୁକ୍ତିତର୍କ ଓ ଝଗଡା ହୋଇଥିଲା । ପାଟିତୁଣ୍ଡ ପରେ ହିଂସାର ରୂପ ନେଇଥିଲା । ଲିଙ୍ଗା ରେଡ୍ଡୀ ଏକ ଛୁରା ସାହାଯ୍ୟରେ ଭଗବାନ ରେଡ୍ଡୀଙ୍କୁ ବାରମ୍ବାର ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଗବାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଆଇସିୟୁରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବଡ଼ବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ବୁଗୁଡ଼ାରେ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ବ୍ଲକ କାର୍ଯ୍ୟାଳୟ ଏବଂ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ ସାଙ୍ଗକୁ ତାଙ୍କର ବିଚାରଧାରା, ତ୍ୟାଗ, ସେବା, ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହେବାକୁ ବିଜେଡି ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଏଥିସହ ଅନେକ ଦଳୀୟ ନେତା ଓ କର୍ମୀ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ, ସମ୍ପାଦକ ହରିହର ବିଷୋୟୀଙ୍କ ସମେତ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ୍ ରହିଥିଲେ ।

# ବାଣିଜ୍ୟ ଶିକ୍ଷାର ସର୍ବକାଳୀନ ନିୟୋଜନୀୟତା ରହିଛି




ବ୍ରହ୍ମପୁର, (ସବ୍ୟୁ): ବାଣିଜ୍ୟ ପାଠ ଏକ ବୈଶ୍ୱିକ ଶିକ୍ଷା । କୌଣସି ଏକ ରାଷ୍ଟ୍ରର ବିତ୍ତୀୟ ବିକାଶରେ ବାଣିଜ୍ୟ ଶିକ୍ଷା ମହ%୦ପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି । ପଣ୍ୟ ଉତ୍ପାଦନ, ରପ୍ତାନି ଓ ଆମଦାନୀ କ୍ଷେତ୍ରରେ ଏହି ପାଠର ଉପଯୋଗିତା ଅପରିହାର୍ଯ୍ୟ । ବୈଶ୍ୱିକ ସ୍ତରରେ ବାଣିଜ୍ୟଶିକ୍ଷାର ଯେହେତୁ ସାର୍ବକାଳିକ ନିୟୋଜନୀୟତା (ଏମ୍ପ୍ଲୟବିଲିଟି) ରହି ଆସିଛି । ସେହି ପ୍ରେକ୍ଷାପଟରେ ବାଣିଜ୍ୟ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ବିଶ୍ୱବ୍ୟାପୀ ବିବିଧ କର୍ମନିଯୁକ୍ତିର ସ୍ୱର୍ଣ୍ଣିମ ଅବକାଶ ରହିଛି ବୋଲି ବିନାୟକ ଆଚାର୍ଯ୍ୟ ବିଏର ସରକାରୀ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏକ ସମାରୋହରେ ମୁଖ୍ୟବକ୍ତା ଭାବେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଯୋଗଦେଇ ମତବ୍ୟକ୍ତ କରିଥିଲେ । ଶୁକ୍ରବାର ପୂର୍ବାହ@ରେ ମହାବିଦ୍ୟାଳୟ ପରିସରସ୍ଥ ମୁକ୍ତମଞ୍ଚରେ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ସମାରୋହରେ ବିଭାଗୀୟ ମୁଖ୍ୟ କମଳାକାନ୍ତ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁ ସ୍ନାତକୋତ୍ତର ଇଂରାଜୀ ବିଭାଗ ମୁଖ୍ୟ ଡ଼. ଆନନ୍ଦ ସେଠୀ ଓ ହିନ୍ଦୀ ବିଭାଗ ମୁଖ୍ୟ ଗଙ୍ଗାଧର ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ ।ବାଣିଜ୍ୟ ବିଭାଗ ସହକାରୀ ପ୍ରଫେସର୍ ଡ. ମଧୁମିତା ନାୟକ, ସହକାରୀ ପ୍ରଫେସର୍ ଶଙ୍କର ପ୍ରସାଦ ମହାପାତ୍ର, ଡ. କାଳିପଦ ମୁଣ୍ଡା, ଅତିଥି ଅଧାପକ କିରଣମୟ ଦେବ ଓ ଅତିଥି ଅଧାପିକା ସୋନାଲି ସାହୁ ପ୍ରମୁଖ ବାଣିଜ୍ୟ ବିଭାଗର ବିଦାୟୀ ଛାତ୍ରଛାତ୍ରୀଙ୍କୁ ଆଶୀର୍ବଚନ ପ୍ରଦାନ ପୂର୍ବକ ବୃତ୍ତି ଚୟନରେ ବାଣିଜ୍ୟ ଶିକ୍ଷାର ଉପଯୋଗିତା ବିଷୟରେ ନାନା ପରାମର୍ଶ ପ୍ରଦାନ କରିଥିଲେ । ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର ଆକାଶ ପ୍ରଧାନ ଓ ମୀରା ପାତ୍ର ସମାରୋହର ସଂଯୋଜନା କରିଥିଲେ । ଶିବାନୀ ମହାପାତ୍ରଙ୍କ ସମେତ ବିଦାୟୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନାର ଉତ୍ତର ଦେବା ସହ ମହାବିଦ୍ୟାଳୟ ସ୍ମୃତିଚାରଣ କରିଥିଲେ ।

# ଜିଲ୍ଲାସ୍ତରୀୟ ୮ମ ପୋଷଣ ପକ୍ଷ ପାଳିତ

ବାରିପଦା, (ସବ୍ୟୁ) : ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମୟୂରଭଞ୍ଜ ଦ୍ୱାରା ଜିଲ୍ଲାସ୍ତରୀୟ ୮ମ ପୋଷଣ ପକ୍ଷ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁଷମ ଖାଦ୍ୟର ସେବନ ତଥା ବାଡ଼ି ବଗିଚାରେ ମିଳୁଥିବା ପୋଷକଯୁକ୍ତ ପନିପରିବା ପ୍ରଭୃତିକୁ ଖାଦ୍ୟରେ ବ୍ୟବହାର ସାଙ୍ଗକୁ ଶିଶୁଙ୍କ ଖାଦ୍ୟପେୟରେ ଉପଯୁକ୍ତ ଖାଦ୍ୟ ଦେବାକୁ ଯନିବାନ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାଃ କିଶୋର କୁମାର ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, କୃଷି ବିଜ୍ଞାନ କେନ୍ଦ୍ର, ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ଅବସରରେ ପୋଷକତତ୍ତ୍ୱ ସମ୍ମିଳିତ ବିଭିନ୍ନ ଖାଦ୍ୟ ପଦାର୍ଥ, ସୁଷମ ଖାଦ୍ୟ ଓ ଶିଶୁର ମସ୍ତିଷ୍କ ବିକାଶ ସାମଗ୍ରୀର ଷ୍ଟଲ୍ ତଥା ସବୁଜ ପନିପରିବା ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ଖାଦ୍ୟ ପସରାର ପ୍ରଦର୍ଶନୀ ଜିଲ୍ଲାର ୨୬ଟି ବ୍ଲକର ଶିଶୁବିକାଶ ପ୍ରକଳ୍ପ ଅଧୀନରେ ଥିବା ଅଙ୍ଗନଓ୍ୱାଡି କର୍ମୀ, ସହକର୍ମୀ ତଥା ମାମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଏହି ସମାରୋହରେ ଜିଲ୍ଲାର ସମସ୍ତ ସିଡିପିଓ, ମହିଳା ସୁପରଭାଇଜର, ଅଙ୍ଗନଓ୍ୱାଡି କର୍ମୀମାନେ ଉପସ୍ଥିତ ଥିଲେ ।

# ଯୋଗମାୟା କ୍ଲବ୍ ପକ୍ଷରୁ ଜଳସେବା

କଟକ, (ସ୍ୱପ୍ର) : ସ୍ଥାନୀୟ ଗଣ୍ଡରପୁର ଯୋଗମାୟା କ୍ଲବ୍ ପକ୍ଷରୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏକ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅରୁଣ କୁମାର ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଜଳସେବା କାର୍ଯ୍ୟକ୍ରମରେ ପଥଚାରୀମାନଙ୍କୁ ଜଳ ବଣ୍ଟନ କରାଯାଇଥିଲା ।




ଏଥିରେ ଗଣ୍ଡରପୁରର ମୁରବୀ ଉମାକାନ୍ତ ନନ୍ଦ, ଲୋକନାଥ ବେହେରା, ଭାରତ ଭୂଷଣ ସ୍ୱାଇଁ, ସମିକାନ୍ତ ଶର୍ମା, ପୂର୍ଣ୍ଣଚନ୍ଦ୍ର ଭୋଳ, ରାକେଶ ଦାସ, ଜଗଦୀଶ ରାଓ, ପବିତ୍ର ସ୍ୱାଇଁ, ରୁପେଶ ଦାସ, ସୁରଜ୍ ଗିରି, ଅଜୟ ସାହୁ, ରଞ୍ଜନ ଦେହୁରୀ, ସୁରେନ୍ଦ୍ର ଦେହୁରୀ, ଶିବାଶିଷ ଦାସ ପ୍ରମୁଖ ଉପସ୍ଥିତ ରହି ଜଳ ଦାନ କରିଥିଲେ ।

# ସାପ କାମୁଡ଼ାରେ ଶିକ୍ଷୟିତ୍ରୀ ଗୁରୁତର

ଭଂଜନଗର, (ସବ୍ୟୁ): ଜନଗଣନା କାର୍ଯ୍ୟ କରୁଥିବା ବେଳେ, ସାପ କାମୁଡ଼ାରେ ଜଣେ ଶିକ୍ଷୟିତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତ ଶିକ୍ଷୟିତ୍ରୀ ଜଣକ ଗାଙ୍ଗପୁର ଥାନା ଅନ୍ତର୍ଗତ ମୁନିଗାଡ଼ି ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ମଧୁସ୍ମିତା କହଁର (୩୨) । ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ଜନଗଣନା କାର୍ଯ୍ୟରେ ସେ ନିୟୋଜିତ ଥିଲେ । ସବୁଦିନ ଭଳି ସେ ଘରକୁ ଘର ବୁଲି ଜନଗଣନା କରୁଥିଲେ । ଶୁକ୍ରବାର ଅପରାହ୍ନରେ ମୁନିଗାଡି ଗାଁ ରାସ୍ତାରେ ସେ ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଯାଉଥିବା ବେଳେ, ରାସ୍ତାରେ ତାଙ୍କୁ କୌଣସି ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ସେଠାରେ ସେ ଗୁରୁତର ହୋଇ ପଡ଼ିଥିଲେ । କିଛି ସହଯୋଗୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ଗୋବରା ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଂଜନଗର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ତାଙ୍କର ଅବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି ।

# ବିଜୁ ଭବନଠାରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ

ବାରିପଦା, (ସବ୍ୟୁ) : ପ୍ରବାଦ ପୁରୁଷ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କର ଶ୍ରାଦ୍ଧ ଦିବସ ବାରିପଦା ନିର୍ବାଚନମଣ୍ଡଳୀ ତରଫରୁ ପାଳନ କରାଯାଇଛି। ଆଜିର ଦିବସଟି ବିଜୁ ଜନତା ଦଳ ତରଫରୁ ୨୯ତମ ପ୍ରବାଦ ପୁରୁଷ ଦିବସ ଭାବେ ପାଳନ କରାଯାଇଛି। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡିଙ୍କ ନେତୃତରେ ଆୟୋଜିତ ଏହି ଶ୍ରାଦ୍ଧ ଦିବସରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ବିଜୁ ବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡିଶାର ସେବା ଏବଂ ସ୍ୱାଭିମାନ ପାଇଁ ବିଜୁ ଜନତା ଦଳର ପ୍ରତେକଟି କର୍ମୀ ସଂକଳ୍ପବଦ୍ଧ ବୋଲି ସନନ୍ଦ ମାର୍ଣ୍ଡି ଅଭିମତ ରଖିଥିଲେ, ଏହି ଦିନଟି ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ସ୍ମରଣୀୟ ଦିବସ ସହ ପ୍ରବାଦପୁରୁଷ ବିଜୁବାବୁଙ୍କ ଆଦର୍ଶରେ ସବୁ କ୍ଷେତ୍ରରେ ଓଡିଶାକୁ ଶ୍ରେଷ୍ଠ କରିବା ପାଇଁ ସମସ୍ତେ ସମର୍ପିତ ହେବା ପାଇଁ ସୁଦାମ ମାର୍ଣ୍ଡି ବ୍ୟକ୍ତବ୍ୟ ରଖିଥିଲେ। ଆଜି ବିଜୁ ଗୋଲେଇ ଠାରେ ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ।

ତତ୍‌ପରେ ବିଜୁ ଭବନ ଠାରେ ବିଜୁ ବାବୁଙ୍କ ପ୍ରେରଣାରେ ଏବଂ ଓଡ଼ିଶା ବିକାଶରେ ଅବଦାନ ଶୀର୍ଷକ ଆଲୋଚନା ଚକ୍ରରେ ବକ୍ତାମାନେ ବିଜୁ ବାବୁଙ୍କ ସ୍ମରଣ ଲିଗାସୀ ତାଙ୍କ ସୁପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ହାତ ମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସ୍ମୃତି ସଭାରେ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦାଃ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସୁବ୍ରମଣ୍ୟମ୍ ମହାନ୍ତି, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୀମା ଦାସ, ସୁନିଲ କୁମାର ନାୟକ, ସୁଧନ୍ୟା ନାଏକ, ପ୍ରଭାତ ମହାନ୍ତି, ସୁଖେସେନୀ ସେଠୀ, କୃଷ୍ଣ ଦାସ, କାଶିନାଥ ରଣା, ଲଲାଟେନ୍ଦୁ ବେହେରା, ଦର୍ପ ନାରାୟଣ ପାଲ, ସୋରଜ ବୋଷ, ଅମର ସେଠୀ, ତପନ ଦାସ, ଛତିଶ ମହାକୁଡ, ପ୍ରଭାତ ନାରକି, ରାଜିବ ଜେନା, ଅନୁରାଧା ମହାନ୍ତି, ଅନନ୍ତ ଦାସ, ଜୀତା ସିଂ, ପ୍ରଭାତୀ ପୃଷ୍ଟି, ନିରୁପମା ମହାପାତ୍ର, ବିଜୟଲକ୍ଷ୍ମୀ ନାଏକ, ଦେବାଶିଷ ପାତ୍ର, ସବୀତା ବେହେରା, ସନ୍ଧ୍ୟାରାଣୀ ଦାସ, ସମ୍ପା ମଜୁମଦାର, ଶ୍ରବଣୀ ଦାସ, ଦ୍ରୌପଦୀ ସାହୁ, ସୋରଜ ମହାକୁଡ, ନନ୍ଦନ ଭଞ୍ଜ, ଭବାନୀ ଶଙ୍କର ଧଡା, ପୁଷ୍ପାଲତା ମାର୍ଣ୍ଡୀ, ସୁଶାନ୍ତ ପାଶା, ହୃଦାନନ୍ଦ ମୁର୍ମୁ, ସୁଜିତ ମହାନ୍ତ, ଦୀଲିପ ପାତ୍ର, ଅଜିତ ଭଞ୍ଜା, ଦ୍ରୌପଦୀ ସାହ, ଅମ୍ବିକା ରାଉତ, ଗୀତାରାଣୀ ବେହେରା, ରନିାକର ବେହେରା, ଅଭାୟ ସିଂ, ସୋରଜ ମହାପାତ୍ର, ଗୋବିନ୍ଦ ବେହେରା, ଲିଟନ ମହାପାତ୍ର, ଆଭାସ ଦେ, ଜୀତ ପଟ୍ଟନାୟକ, ଦେବାଶିଷ ଦାଶ, ନରେନ୍ଦ୍ର ହାଁସଦାଃ, ଅମିତ୍ କୁମାର ବୈଠା, ଦୀପକ ମତୁଆଲ, ଦେବବ୍ରତ ସେନାପତି, ଅମିତ୍ ମହାକୁଡ, ଭୀଷ୍ମ ନାଏକ, ରାଧାକୃଷ୍ଣ ହାଁସଦାଃ, ଗାୟାତ୍ରୀ ଦାସ ଗୁପ୍ତା, ଅମିତ ପରିଡା, ଅଭିଜିତ କଲିଆ, ରବିନ ପାତ୍ର ଓ ତରୁଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀଙ୍କ ସୁରକ୍ଷା ପାଇଁ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭଞ୍ଜନଗର, (ସବ୍ୟୁ): ଏସ.ୟୁ ସି.ଆଇ କମ୍ୟୁନିଷ୍ଟ, ସିପିଆଇ (ଏମଏଲ ) ରେଡ ଷ୍ଟାର, ସିପିଆଇ (ଏମଏଲ), ସିପିଆଇ(ଏମଏଲ) ନିଉ ଡେମୋକ୍ରାସୀ ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି । ବେଦାନ୍ତ କମ୍ପାନୀର ସ୍ୱାର୍ଥରେ ରାୟଗଡା ଜିଲ୍ଲାର ସିଜିମାଳୀ, କୁଟ୍ରି ମାଳି ଜଙ୍ଗଲକୁ ଟେକିଦେବା ପାଇଁ ଷଡଯନ୍ତ୍ର ଚାଲିଛି । ବିନା ଗ୍ରାମ ସଭାରେ ଜାଲିଆତି କରିବାର ଅଭିଯୋଗ ଆସିଛି । କମ୍ପାନୀର ସ୍ୱାର୍ଥରେ ଆଦିବାସୀ ମାନଙ୍କୁ ରାତି ଅଧରେ ଲୁହବୁହା ଗ୍ୟାସ ପ୍ରୟୋଗ କରି ଆହତ କରାଯାଉଛି । ଘର ଦ୍ୱାର ଭାଙ୍ଗି ନଷ୍ଟ କରାଯାଉଛି ।

ଜଙ୍ଗଲ ଅଧିକାର ଆଇନ ୨୦୦୬, ପେସା ଆଇନ ୧୯୯୬ ର ଖୋଲା ଖୋଲି ଉଲଙ୍ଘନ କରାଯଉଛି, ପଞ୍ଚମ ଅନୁସୂଚିତ




ଅଂଚଳରେ ବିନା ସୂଚନା ଓ ଗ୍ରାମ ସଭାରେ କିଭଳି ପ୍ରକଳ୍ପ କରାଯାଉଛି କି? ସିଜିମାଳୀ ଅଂଚଳରେ ଆଦିବାସୀ ଉପରେ ପ୍ରାୟୋଜିତ ହିଂସା ବନ୍ଦ କରିବା, ଜାଲିଆତି କରି ଗ୍ରାମ ସଭା କରାଇ ଥିବାରୁ ନ୍ୟାୟିକ ତଦନ୍ତ କରିବା, ସମସ୍ତ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ଲାଗିଥିବା ମିଥ୍ୟା କେସ ପ୍ରତିହାର କରିବା, ସିଜିମାଳୀରେ ବେଦାନ୍ତ ବକ୍ସାଇଟ ଖଣି ପ୍ରକଳ୍ପ ବାତିଲ କରିବା ଆଦି ଦାବି ନେଇ ରାଜ୍ୟପାଳଙ୍କ ଉଦେଶ୍ୟରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ଏହି ପ୍ରତିବାଦ ରେ ସିପିଆଇ (ଏମଏଲ)ର ଗଞ୍ଜାମ ଜିଲ୍ଲା ସମ୍ପାଦକ ନିରାକାର ନାୟକ, ସିପିଆଇ (ଏମଏଲ) ରେଡ ଷ୍ଟାର ଗଞ୍ଜାମ ଜିଲ୍ଲା କମିଟି ଟୁନା ମଲିକ, ପ୍ରଗତିଶୀଳ ମହିଳା ମଞ୍ଚର ସଭାପତି ମିନାକ୍ଷୀ ମାଳି, ଚାଷୀ ମୂଲିଆ ସଂଘ, ଓଡ଼ିଶାର ବ୍ଲକ କମିଟି ଗନ୍ଧର୍ବ ନାଇକ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଡିକି ଭାଙ୍ଗି ୪ ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ଲୁଟ୍

ସାଲେପୁର, (ସବୁ) : ଦିନ ଦ୍ୱିପ୍ରହର ରେ ପଞ୍ଚାୟତ କାର୍ଯ୍ୟାଳୟରୁ ସାମ୍ନାରୁ ସ୍କୁଟି ଡିକିଭାଙ୍ଗି ବଣ୍ଟା ହେବାକୁ ଆସିଥିବା ଭତ୍ତା ଟଙ୍କା ଦୁର୍ବୃତ୍ତ ଲୁଟ କରି ନେଇଯାଇଥିବା ସରପଞ୍ଚ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା କୋଲଣପୁର ପଞ୍ଚାୟତ କାର୍ଯ୍ୟାଳୟରେ । ତିନି ଜଣ ଦୁର୍ବୃତ୍ତ କଳା ପଲସରରେ ଆସି ପଞ୍ଚାୟତ କାର୍ଯ୍ୟାଳୟ ସାମ୍ନାରୁ ସରପଞ୍ଚଙ୍କ ଗାଡ଼ି ଡିକି ଭାଙ୍ଗି ୪ ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ସରକାରୀ ଭତ୍ତା ଟଙ୍କା ଲୁଟି ନେବା ଅଭିଯୋଗ ହୋଇଛି । କୋଲଣପୁର ପଞ୍ଚାୟତର ସରପଞ୍ଚ ଗୋପବନ୍ଧୁ ସେଠୀ ଓ ପଞ୍ଚାୟତ ପି.ଇ.ଓ ନିକଟସ୍ଥ କେନ୍ଦୁପାଟନା ପଞ୍ଜାବ ନେସନାଲ ବ୍ୟାଙ୍କରୁ ଭତ୍ତା ଟଙ୍କା ଉଠାଇ ଏକ ସ୍କୁଟି ଯୋଗେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ । ବ୍ୟାଙ୍କ ପାଖରୁ ତିନି ଯୁବକ କଳା ପଲସରରେ ପିଛା କରିଥିଲେ । ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସରପଞ୍ଚ ଗୋପବନ୍ଧୁ ସେଠୀ ଗାଡି ରଖି ପାଣିପିଇବା ସମୟରେ ହଠାତ ପିଛା କରୁଥିବା ସେହି ତିନି ଜଣ ଯୁବକ ଆସି ଗାଡ଼ି ଡିକି ଭାଙ୍ଗି ୪ ଲକ୍ଷ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଗାଡ଼ିରେ ଦ୍ରୁତ ଗତିରେ ଫେରାର ହୋଇ ଯାଇଥିଲେ । ଯାହାର ଚିତ୍ର ସି.ସି.ଟିଭି ରେ କଏଦ ହୋଇଛି । ଅନ୍ୟ ପଟେ ଭତ୍ତା ଟଙ୍କା ପାଇଁ ଅପେକ୍ଷା କରିଥିବା ବୃଦ୍ଧବୃଦ୍ଧା ଲୋକେ ନିରାଶ ହୋଇଛନ୍ତି । ଖବର ପାଇ ସାଲେପୁର ପୋଲିସ ପହଞ୍ଚି ପଞ୍ଚାୟତ ଅଫିସ ସହ ବିଭିନ୍ନ ସ୍ଥାନ ରେ ଥିବା ସି ସି ଟିଭି କୁ ଆଧାର କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ




ଜଗତସିଂହପୁର, (ସବ୍ୟ): ପ୍ରବାଦ ପୁରୁଷ ମହାନ ଜନନାୟକ ଝଡର ଇଗଲ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟନାୟକଙ୍କ ୨୯ ତମ ତିରୋଧାନ ଦିବସ ଜଗତସିଂହପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଶାରଦା ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲ୍ଲା ବିଜେଡି ଉପସଭାପତି ଦୀପ୍ତି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ବିଜେଡ଼ି ରାଜ୍ୟ ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବିଜୁ ବାବୁ କେବଳ ଓଡ଼ିଶାର ନୁହଁନ୍ତି, ସାରା ଭାରତ ବର୍ଷ ସମେତ ଅନ୍ୟ ଦେଶ ଗୁଡିକରେ ମଧ ବିଜୁ ବାବୁଙ୍କ ପ୍ରତି ଭଲ ପାଇବା ଓ ସମ୍ମାନ ରହିଥିଲା । ସେଭଳି ଜଣେ ବିରଳ ବ୍ୟକ୍ତିତ୍ୱଙ୍କ ପାଇଁ ଓଡିଶା ସାରା ବିଶ୍ୱରେ ମଧ ନିଜର ପରିଚୟ ସୃଷ୍ଟି କରିଛି । ତାଙ୍କ ନାମରେ ଗଠିତ ବିଜୁ ଜନତା ଦଳ ଓଡିଶାକୁ ୨୫ ବର୍ଷ ସୁଶାସନ ଦେଇ ଲୋକମାନଙ୍କର ଆସ୍ଥା ଭଜନ ହୋଇଥିଲା । ସରକାର ବଦଳି ଥିଲେ ସୁଦ୍ଧା ଲୋକମାନଙ୍କ ମନରେ ଆଜି ବି ବିଜୁ ଜନତା ଦଳ ପ୍ରତି ମୋହ ରହିଛି । ତୃଣମୂଳ ସ୍ତରରେ ମଧ ବିଜୁ ଜନତା ଦଳ ମଜବୁତ ରହିଛି ବୋଲି ଶ୍ରୀ ବିଶ୍ୱାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ଜଗତସିଂହପୁର ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ନାଉଗାଁ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଦିଲ୍ଲୀପ ଲେଙ୍କା, ଉଭୟ ବ୍ଲକ ବିଜେଡ଼ି ସଭାପତି କାଳନ୍ଦୀ ପତି, ନିରଞ୍ଜନ ବେଉରା, ପୌରପରିଷଦ ବିଜେଡ଼ି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ବିବେକାନନ୍ଦ ବେହେରା, ଚିତ୍ତ ରଞ୍ଜନ ରାଉଳ, କନକ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା , ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ, ବ୍ଲକ ମହିଳା ସଭାପତି ପ୍ରଭାତୀ ମହାନ୍ତି, ଆମ୍ବ ଅଧକ୍ଷ ବାବୁଲି ସାହୁ, ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ ପ୍ରଶାନ୍ତ ମଲ୍ଲିକ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସମି ଲେଙ୍କା, ରାଜ୍ୟ ଛାତ୍ର ବିଜେଡ଼ି ଉପସଭାପତି ସୁନିଲ ମାଟିଆ, ସମ୍ବିତ ମହାନ୍ତି, ଦିଲ୍ଲୀପ ସିଂ, ସୁବାସ ସାହୁ, ଲୋକନାଥ ସ୍ୱାଇଁ, ନିର୍ଲିପ୍ତ ବେହେରା, ସମସ୍ତ କାଉନସିଲର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ସାମିଲ ହୋଇଥିଲେ ।

## ଝିଅକୁ ଭୟଭୀତ କରାଇ ଅପହରଣ : ମାମଲା ଥାନାରେ



ମହାକାଳପଡ଼ା, (ସବୁ) : ମହାକାଳପଡ଼ା ଥାନା ବାରଡାଙ୍ଗ ପଂଚାୟତ ଅନ୍ତର୍ଗତ ଜଗତି ଗାଁର ଦୁଃଶାସନ ପରିଡାଙ୍କ ସାବାଳିକା ଝିଅକୁ ଗତ ମାସ ୧୯ରେ କୋଚିଳା ଗାଁର ମକରା ଓରଫ ଅନନ୍ତ ନାୟକ ବଳପୂର୍ବକ ଭୟଭୀତ କରାଇ ଘରୁ ଉଠାଇ ନେଇଥିବାର ଖୋଦ ଅପହୃତା ଥାନାରେ ଅଭିଯୋଗ କରିଛନ୍ତି । ନିଜେ ଅନନ୍ତ ଝିଅକୁ ଘରୁ ଟେକି ନେଇ ବୋଲେରୋରେ ଛାଡିଥିଲା । ଯୋଜନା ମୁତାବକ ବୋଲେରୋରେ ବାହାର ସୁବଳା ଗାଁ ର ୨ ଜଣ ଓ କୋଚିଳା ଗାଁ ର ୩ ଜଣ ସହଯୋଗୀ ଗାଡ଼ିରେ ଆଗରୁ ଅପେକ୍ଷାରେ ଥିଲେ ।

ସେହିପରି ଗାଁରୁ ନେଇଯାଇ ଯଅଁରାଗଡା ନିକଟରେ ଆହୁରି ପାଞ୍ଚ ଜଣ ସହଯୋଗୀ ବାଇକ ଧରି ଅପେକ୍ଷାରେ ଥିଲେ । ଆମ୍ଭେ ସେଠାରେ ପହଂଚିବା ପରେ ମୋତେ ରାସାୟନିକ ଯୁକ୍ତ କପଡା ସୁଂଘାଇ ଅଚେତ କରାଇ ଦୂରକୁ ନେଇଯାଇଥିଲେ । ଝିଅର ଚେତା ଫେରିଲା ବେଳକୁ ଟ୍ରେନରେ ବସିଥିବାର ଦେଖିଥିବାର ଅଭିଯୋଗକାରିଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଟ୍ରେନରେ ଯିବା ବାଟରେ ଅନନ୍ତଙ୍କ ସହଯୋଗୀ ଭାବେ ମନୋଜ ଓ ସୁକାନ୍ତ ଟ୍ରେନରେ ସାଥିରେ ଥିଲେ । ଯେଉଁ ଦୁଇଜଣଙ୍କୁ ଅନନ୍ତ ମାମୁଁ ବୋଲି ଡାକୁଥିବାର ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ହାଇଦ୍ରାବାଦ ପହଂଚିବା ପରେ ଅନନ୍ତଙ୍କ ମାମୁଁ ମାଇଁ ଘରେ ରଖି ଥିଲେ । ଇତି ମଧ୍ୟରେ ତାଙ୍କର ମାମୁଁ ମାଇଁ ମାଡ଼ ମାରିବା ଓ ବହୁ ନିର୍ଯାତନା ଦେଇଥିବାର ଉଲ୍ଲେଖ ରହିଛି । ଏଭଳି ୯ଦିନ କଟିବା ପରେ ଝିଅକୁ ମାଡ଼ ମାରି ଶାଢ଼ି ପିନ୍ଧାଇ ବ୍ରାହ୍ମଣ ଅନୁପସ୍ଥିତିରେ ଏକ ଫଟୋ ଉଠାଇ ଥିଲେ । ନିର୍ଯାତନା ଫାଶରୁ ମୁକୁଳିବା ଲକ୍ଷ୍ୟରେ ଗାଁରେ ଯାଇ କୋର୍ଟ ବିବାହ ପାଇଁ ପ୍ରସ୍ତାବ ଦେବାରୁ ପୁଅ ରାଜି ହୋଇ ହାଇଦ୍ରାବାଦରୁ ଧରି ଘରକୁ ଫେରୁଥିଲା । ଏ ନେଇ ଝିଅ ଅଲଗା ଫୋନରୁ ଘରକୁ ଫୋନ କରିବାରୁ ଘର ଲୋକେ ଭୁବନେଶ୍ୱରରୁ ଉଭୟ ଝିଅ ଓ ପୁଅକୁ ଧରି ଗାଁକୁ ଆଣି ପୋଲିସ ଜିମା ଦେଇଥିଲେ। ପୋଲିସ ଅଭିଯୋଗ ମୁତାବକ ୧୧୨/୨୦୨୬ ମୂଳେ ମାମଲା ରୁଜୁ କରି ଅନନ୍ତଙ୍କୁ କୋର୍ଟ ଚାଲାଣ କରିଥିବାର ଜଣାପଡିଛି ।

## କନିଷ୍ଠ ସହାୟକଙ୍କ ବଦଳିକୁ କେନ୍ଦ୍ରକରି ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅସନ୍ତୋଷ

ନିଶ୍ଚିନ୍ତକୋଇଲି ,(ସବ୍ୟ) : ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅଭିଜ୍ଞ କନିଷ୍ଠ ସହାୟକଙ୍କୁ ବଦଳୀ କରାଯାଇଥିବା ଘଟଣାକୁ ନେଇ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ତାଙ୍କର ବଦଳୀ ଆଦେଶକୁ ବାତିଲ କରାଯିବା ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାବି କରିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅଭିଜ୍ଞ କନିଷ୍ଠ ସହାୟକ ଅଭିରାମ ଦାସ କାର୍ଯ୍ୟ କରିଆସୁଥିଲେ । ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟପକ୍ଷରୁ ଚିଠି ନଂ ୪୪୯୫ ତା ୧୫/୪/୨୦୨୬ରିଖରେ ଶ୍ରୀ ଦାସଙ୍କୁ ସାନ୍ତପୁରସ୍ଥିତ ଜୟନ୍ତୀଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳୀ କରାଯାଇଛି । ପ୍ରକାଶ ଥାଉକି ଶ୍ରୀ ଦାସ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସୂଚାରୁରୂପେ କରିବା ସହ ଶିକ୍ଷକମାନଙ୍କର ଦରମା ଓ ଅନ୍ୟାନ୍ୟ କାର୍ଯ୍ୟକୁ ସଠିକ୍ ରୂପେ ପରିଚାଳନା କରିଆସୁଥିଲେ । ତାଙ୍କର ବଦଳୀ ଦ୍ୱାରା ଶିକ୍ଷକ ମାନଙ୍କ ଏସମସ୍ତ କାର୍ଯ୍ୟାରେ ବ୍ୟାଘାତ ସୃଷ୍ଟି ହେବ ବୋଲି ବହୁ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ନାମ ଗୋପନ ରଖି ମତବ୍ୟକ୍ତ କରିଛନ୍ତି । ଏହି ବ୍ଲକର ବରାଦୋ ପଂଚାୟତର ଏକ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କନିଷ୍ଠ ସହାୟକ ଜିଲ୍ଲା ଶିକ୍ଷାଧିକାରୀଙ୍କ ହାତବାରିସି ସାଜି ବ୍ଲକ ଶିକ୍ଷାଧିକାରୀଙ୍କୁ ଅସୁବିଧାରେ ପକାଇବା ନିମନ୍ତେ ଏହି ଚକ୍ରାନ୍ତ କରିଥିବାର ଶିକ୍ଷକ ମହଲରେ ଆଲୋଚନା ହେଉଛି । ଏଭଳି କାର୍ଯ୍ୟକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିନ୍ଦା କରିବା ସହ ତାଙ୍କର ବଦଳୀକୁ ବାତିଲ କରିବା ନିମନ୍ତେ ଦୃଢ ଦାବି କରିଛନ୍ତି ।

## ସ୍ୱଜଳ ଧାରା ପ୍ରକଳ୍ପ ଅଚଳ

## ପାଣି ପାଇଁ ଗ୍ରାମବାସୀ ଡହଳବିକଳ



ମଙ୍ଗଳପୁର, (ସବ୍ୟ) : ବର୍ତ୍ତମାନ ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବା ବେଳେ ପ୍ରଚଣ୍ଡ ଖରାରେ ଲୋକ ମାନେ ଆଉଟୁପାଉଟୁ ହେଉଥିବା ବେଳେ କିଛି ସ୍ଥାନରେ ପାଣି ମୁନ୍ଦେ ପାଇଁ ଗ୍ରାମବାସୀ ମାନେ ଡହଳ ବିକଳ ହେଉଥିବା ଦେଖିବାଁ ମିଳିଛି । ଏମିତି ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ଚାରିବାଟିଆ ଗ୍ରାମରେ । ଘଣ୍ଟେ କି ଦୁଇ ଘଣ୍ଟା ନୁହେଁ ଦୀର୍ଘ ୩ଦିନ ଧରି ପାଣି ବୁନ୍ଦେ ପାଇଁ ଗ୍ରାମରେ ହାହାକାର ପଡିଛି । ଗ୍ରାମରେ ବସିଥିବା ସ୍ୱଜଳ ଧାରା ପ୍ରକଳ୍ପଟି ୪ ଦିନ ହେବ ଅଚଳ ହୋଇପଡିଥିବା ବେଳେ ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି ପରିସ୍ଥିତିରେ ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି ।

## ସାହିତ୍ୟ ସଂସ୍କୃତି ପରିଷଦର ବିଷୁବ ବନ୍ଧୁମିଳନ

ରାଜନଗର,(ସବୁ) : ମା ମାଟିଆ ମଙ୍ଗଳାଙ୍କ ମନ୍ଦିର ପରିସରରେ ଓଡିଆ ନବବର୍ଷ ତଥା ପବିତ୍ର ମହା ବିଷୁବ ସଂକ୍ରାନ୍ତି ଦିନ ରାଜନଗର ସାହିତ୍ୟ ସଂସ୍କୃତି ପରିଷଦର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପରିଷଦର ସଦସ୍ୟମାନେ ଯୋଗ ଦେବା ସହ ଅନେକ ସ୍ଥାନୀୟ ସାହିତ୍ୟପ୍ରେମୀ ଶୁଭେଚ୍ଛୁ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇ ପରିଷଦର କାର୍ଯ୍ୟଧାରାକୁ ସ୍ୱାଗତ କରିଥିଲେ । ପରବର୍ତ୍ତୀ ସମୟରେ ରାଜନଗରଠାରେ ଏକ ସାହିତ୍ୟ ମହୋତ୍ସବର ପରିକଳ୍ପନାକୁ ସାକାର କରାଯିବା ନିମନ୍ତେ ଅନୌପଚାରିକ ଭାବେ ଆଲୋଚନା ମଧ୍ୟ କରାଯାଇଥିଲା ।ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆୟୋଜିତ ପଣାବଣ୍ଟନ କାର୍ଯ୍ୟକ୍ରମ ଚାଲିଥିଲା ।କବି ଓ ସାହିତ୍ୟିକ ମାନଙ୍କୁ ପଣା ପିଇବାକୁ ଦିଆଯାଇଥିଲା ।ପରିଷଦର ଶୁଭେଚ୍ଛୁ ସୁରେନ୍ଦ୍ର ପ୍ରସାଦ ରାଉତ,ସଭାପତି ଅଭିରାମ ସାହୁ, ସଂପାଦକ ପ୍ରଦୀପ ନାୟକ ଙ୍କ ସମେତ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା,କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସଂପାଦକ ସୁଶ୍ରୀକାନ୍ତ ପରିଡା,କବି ତଥା ଅବସରପ୍ରାପ୍ତ ଶିକ୍ଷକ ସୀତାକାନ୍ତ ରାଉଳ, ଆଇନ ଜୀବି ଧୀରେନ୍ଦ୍ରନାଥ ସାହୁ, ଭୀମସେନ ଲେଙ୍କା,ସୁରେଶ ଚନ୍ଦ୍ର ରାଉଳ, କିଶୋର ଦାସ ପ୍ରମୁଖ ବୁଦ୍ଧିଜୀବୀ ଓ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

## ୟୁଣଭଦ୍ରା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବିଞ୍ଝାରପୁର, (ସବ୍ୟ): ବିଞ୍ଝାରପୁର ବ୍ଲକ ସ୍ଥିତ ୟୁଣଭଦ୍ରା ମହାବିଦ୍ୟାଳୟର, ବିଡନାରେ ଓଡିଆ ପକ୍ଷ ପାଳନ ଅବସରରେ ମହାବିଦ୍ୟାଳୟର ଯୁବ ରେଡକ୍ରସ ତଥା ଏନ.ଏସ.ଏସ ସହଯୋଗରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା ଉଦ୍‌ଘାଟନ କରିବା ସହ ଶିବିରର ପ୍ରଥମ ରକ୍ତଦାତା ଭାବେ ରକ୍ତଦାନ କରିଥିଲେ । ଉକ୍ତ ଶିବିରକୁ ଅଧକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲଡ ବ୍ୟାଙ୍କ, ଯାଜପୁର, ଯୁବ ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ରବିନାରାୟଣ ବେହେରା, ଅଧ୍ୟାପିକା ସରୋଜିନୀ ମଲ୍ଲିକ, ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ , ଅଧ୍ୟାପକ ଦେବାଶିଷ ଖମାରି ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ । ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଶାନ୍ତ କୁମାର ବିଶାଳ ଓ ସହଯୋଗୀ ମାନେ ରକ୍ତ ଗ୍ରହଣ କରିଥିଲେ । ଉକ୍ତ ଶିବିରରୁ ୨୮ୟୁନିଟ ରକ୍ତ ନମୁନା ସଂଗ୍ରହ ହୋଇଥିଲା । ରକ୍ତଦାତାମାନଙ୍କୁ ଅଧକ୍ଷ ପ୍ରାଧ୍ୟାପକ ମାନସ ରଞ୍ଜନ ଲେଙ୍କା କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ସାଓମି ପକ୍ଷରୁ ରେଡମୀ ଏ୭ ପ୍ରୋ ୫ଜିର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟ): ସାଓମି ଇଣ୍ଡିଆ ପକ୍ଷରୁରେଡମୀ ଏ ସିରିଜରେ ଏହାର ପ୍ରଥମ ପ୍ରୋ ମଡେଲ ରେଡମୀ ଏ୭ ପ୍ରୋ ୫ଜିର ଶୁଭାରମ୍ଭ କରିଛି । ଦୈନନ୍ଦିନ ଉପଭୋକ୍ତାଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଥିବା ରେଡମୀ ଏ୭ ପ୍ରୋ ୫ଜି ଶ୍ରେଣୀ-ଅଗ୍ରଣୀ ହାର୍ଡୱେୟାର ଓ ସଫ୍ଟୱେୟାର ଉନ୍ନତିକରଣକୁ ଏକତ୍ରିତ କରିଛି, ଯାହା ଏକ ସୁଲଭ ମୂଲ୍ୟରେ ନିର୍ଭରଯୋଗ୍ୟ ଓ ନିୟୋଜିତ ସ୍ମାର୍ଟଫୋନ ଅନୁଭୂତି ପ୍ରଦାନ କରୁଛି । ରେଡମୀ ଏ୭ ପ୍ରୋ ୫ଜି ୧୧,୪୯୯ ଟଙ୍କାର ଏକ ପ୍ରାରମ୍ଭିକ ସୀମିତ ଅବଧି ମୂଲ୍ୟରେ ଆମାଜନ ଇଣ୍ଡିଆ, ଏମଆଇ ଡଟ୍ କମ ଓ ଅଗ୍ରଣୀ ରିଟେଲ ଷ୍ଟୋରଗୁଡିକରେ ଉପଲବ୍ଧ ହେବାକୁ ଯାଉଛି। ଏହାବ୍ୟତୀତ ଉପଭୋକ୍ତାମାନେ କ୍ରୟ ଉପରେ ୩ ମାସ ପର୍ଯ୍ୟନ୍ତ ନୋ କଷ୍ଟ ଇଏମଆଇ ସୁବିଧା ପାଇପାରିବେ ।

## ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ସମ୍ମିଳନୀ

ଧର୍ମଶାଳା, (ସବୁ) : ଧର୍ମଶାଳା ବ୍ଲକ୍ ଅଭୟପୁର ପଂଚାୟତ ଅଚ୍ୟୁତପୁର ସ୍କୁଲ ଖେଳ ପଡ଼ିଆରେ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସଙ୍କ ତ୍ରୟୋଦଶ ବାର୍ଷିକ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଅନୁଷ୍ଠିତ ଭକ୍ତ ସମ୍ମିଳନୀର ବିଭିନ୍ନ ଦିବସରେ ଠାକୁରଙ୍କ ନଗର ପରିକ୍ରମା, ଷୋଡ଼ଶ ଉପଚାର ପୂଜା, ଆଳତୀ, ଠାକୁରଙ୍କ ରଚିତ ଭଜନ, ହରିକଥା, ପ୍ରବଚନ, ପାଲା, ଭାଗବତ ପାଠ ଓ ଲୀଳାଚରିତ ନାଟକ ଆଦି ପରିବେଷିତ ହୋଇଥିଲା। ଶାନ୍ତିଧାମ କରମଳାର ବାବାଜୀ ନୀଳମଣି ଦାସ ମହାରାଜଙ୍କ ପୌରହିତ୍ୟରେ ପ୍ରତ୍ୟେକ ସଂଧ୍ୟାରେ ଅନୁଷ୍ଠିତ ଧର୍ମସଭାରେ ସନ୍ନ୍ୟାସୀ ଦିବ୍ୟଚେତନ ଦାସ, ସତ୍ୟ ପ୍ରଜ୍ଞାନନ୍ଦ ଦାସ, ରାଧାରମଣ ଦାସ, ବାବାଜୀ ବିମ୍ବାଧର ଦାସ, ଦୀନକୃଷ୍ଣ ଦାସ ଓ ଦୟାନିଧି ଦାସ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସଂପର୍କରେ ଆଲୋଚନା କରିଥିଲେ। ପାଲା ଗାୟକ ବନମାଳି ଓଝା, ପୁଷ୍ପଲତା ରଥ ଓ ସାଥୀ ପାଲା ପରିବେଷଣ କରିଥିଲେ। ଅଧ୍ୟାପକ ଉତମ ଦାସଙ୍କ ରଚିତ ଓ ନିର୍ଦ୍ଦେଶନାରେ ଲୀଳା ନାଟକ "ସିଦ୍ଧି ରୂପରେ ସମାଧିରେ' ମଂଚସ୍ଥ ହୋଇଥିଲା। ଆୟୋଜକ ଅଚ୍ୟୁତପୁରର ଶ୍ରୀ ଅଭିରାମ ଆଂଚଳିକ ଭକ୍ତ ଗୋଷ୍ଠୀର ସଭାପତି ଅଭିରାମ ବରାଳ, ସଂପାଦକ ପ୍ରଦୀପ୍ତ କୁମାର ଲେଙ୍କା, ପୁଷ୍ପରାଜ ବରାଳ, ଭାଗ୍ୟଧର ମହାନ୍ତି, ବିପିନ ବିହାରୀ ବିଶ୍ୱାଳ, ଜ୍ୟୋତିନ୍ଦ୍ର ବରାଳ, ରବୀନ୍ଦ୍ର ରାଉତ, ରମେଶ ଶତପଥୀ, ବିଦ୍ୟାଧର ଲେଙ୍କା, ପ୍ରଦୀପ୍ତ ଦାସ, ଶ୍ୟାମସୁନ୍ଦର ସାହୁ, ସତ୍ୟଭାମା ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟସଭ୍ୟା ସମ୍ମିଳନୀ ପରିଚାଳନାରେ ସହଯୋଗ କରିବା ସହ ଲୀଳା ନାଟକରେ ଅଭିନୟ କରିଥିଲେ।

## ଚୋରା ମଦ ଜବତ: ୯ କୋର୍ଟ ଚାଲାଣ



କେନ୍ଦ୍ରାପଡା ,(ସବୁ) : କେନ୍ଦ୍ରାପଡା ଜିଲ୍ଲାପାଳ ଶ୍ରୀ ରଘୁରାମ ଆୟର ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଜିଲ୍ଲାର ଜମ୍ବୁମେରାଇନ, କୁଦାନଗରୀ, କେନ୍ଦ୍ରାପଡ଼ା ଟାଉନ ଓ ନିର୍ଙ୍କିରେଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ପ୍ରଭାକରପୁର ଗ୍ରାମର ଦୀପ୍ତି ଖିଲାର (୨୬) ଙ୍କ ଠାରୁ ୩୫ ଲିଟର ଦେଶୀ ରନ୍ଧା ମଦ, ରୋହିତ ଖିଲାର (୩୦) ଙ୍କ ଠାରୁ ୧୦୦୦ ଲିଟର ଗୁଡ଼ାପୋଚ, ରବି ଖିଲାର (୪୨) ଙ୍କ ଠାରୁ ୯୦୦ ଲିଟର ଗୁଡପୋଚ, ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରା (୬୨) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ, ବଡହାଟ ଗ୍ରାମର ମୁନା ମହାରଣା (୪୦) ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ବଳଗଣ୍ଡି ଗ୍ରାମର କଳ୍ପନା ସାହୁ (୪୧) ଙ୍କ ଠାରୁ ୨୦ ଲିଟର ଦେଶୀ ରନ୍ଧା ମଦ, କୋର ଗ୍ରାମର ଅଭିମନ୍ୟୁ ବେହେରା (ବୟସ-୪୯) ଙ୍କ ଠାରୁ ୨୪ ଲିଟର ବିଦେଶୀ ମଦ, ଗୁଲନଗର ଗ୍ରାମର ଅଶୋକ ମଳିକ (ବୟସ-୪୦) ଙ୍କ ଠାରୁ ୩୦ ଲିଟର ଦେଶୀ ମଦ ଓ ଜଳନ୍ଧର ଗ୍ରାମର (ବୟସ-୩୮) ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି ।

ଏମାନଙ୍କ ପାଖରୁ ସମୁଦାୟ ୨୦୮୯ ଲିଟର ବିଦେଶୀ, ଦେଶୀ, ଦେଶୀ ରନ୍ଧା ମଦ ଓ ଗୁଡ଼ପୋଚ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରିକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ଋତୁପ୍ରଭା ସ୍ୱାଇଁ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

## ତମ୍ପ ସାପ ଉଦ୍ଧାର, ବରୁଣେଇ ଜଙ୍ଗଲରେ ଛଡାଗଲା

ରାଜନଗର,(ସବୁ) : ରାଜନଗର ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ର କନିଷ୍ଠ ଯନ୍ତ୍ରୀ ଙ୍କ କାର୍ଯ୍ୟାଳୟ ପରିସରରୁ ୪ଫୁଟ ୩ ଇଞ୍ଚ ର ଏକ ମାଇ ତମ୍ପ ସାପ ଉଦ୍ଧାର କରାଯାଇଛି ।ରାଜନଗର ବନାଞ୍ଚଳ ଅଧିକାରୀ ଚିତ୍ତରଞ୍ଜନ ବେହୁରାଙ୍କ ନିର୍ଦ୍ଦେଶ କ୍ରମେ ଆଣ୍ଟିପୋଚିଂ ସ୍କୱାଡ ସଦସ୍ୟ ସଞ୍ଜୟ ସେଠୀ ସାପକୁ ଉଦ୍ଧାର କରି (ଧରି )ନେଇ ବରୁଣେଇ ଜଙ୍ଗଲ ରେ ଛାଡିଦେଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି । କାର୍ଯ୍ୟାଳୟ ପରିସରରେ ସାପ ଟି ଏକ ପାଇପ ଭିତରେ ପଶି ରହିଥିଲା । ସାପ ଧରାଳି ସଞ୍ଜୟ କୌଶଳ କ୍ରମେ ସାପକୁ ଧରିଥିଲେ ।ସାପ ଧରା ସମୟରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ର ବ୍ଲକ ରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ଇଂ ପ୍ରବୋଧ କୁମାର ନାୟକ ଏଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ବାଲିଭଉଁରୀ-ଶିଖରଘାଟ ରାସ୍ତା ଅବସ୍ଥା ସୁଧୁରିବାର ନାଁ ଧରୁନି



ନାଉଗାଁ, (ସବୁ) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବାଲିଭଉଁରୀ ଠାରୁ ଶିଖରଘାଟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ରହିଛି । ଏହି ରାସ୍ତାକୁ ବିଭାଗ ପକ୍ଷରୁ ବାରମ୍ବାର ମରାମତି କରାଯାଉଥିଲେ ମଧ ରାସ୍ତା ଅବସ୍ଥା ସୁଧୁରିବାର ନାଁ ଧରୁନି । ଏହି ରାସ୍ତାକୁ ଗତ ଆର୍ଥିକ ବର୍ଷରେ ମରାମତି କରାଯାଇ ସାଙ୍କେତିକ ଚିହ୍ନ କରାଯାଇଥିଲେ ମଧ ରାସ୍ତାରୁ ପିଚୁ ଉଠିଗଲାଣି । ଏହି ରାସ୍ତାର ମୁଣ୍ଡାଲୋ ବଜାର ଠାରୁ ପାଳସାହି ପର୍ଯ୍ୟନ୍ତ ପ୍ରାୟ ୧.୫ କି.ମି ରାସ୍ତା ବର୍ତମାନ ବିପର୍ଯ୍ୟୟ ଅବସ୍ଥାରେ ରହିଛି। ଏହି ରାସ୍ତାକୁ ବିଭାଗ ପକ୍ଷରୁ ମରାମତି କରାଯାଇଥିଲେ ମଧ ନିମ୍ନମାନର ପିଚୁ କାର୍ଯ୍ୟ ହେତୁ ରାସ୍ତାର ୩ଟି ସ୍ଥାନରୁ ପିଚୁ ଉଠି ଯାଇଛି । ଯାହାକି ଅଜଣା ଗାଡ଼ି ଚାଳକ ପାଇଁ ମୃତ୍ୟୁ ଯନ୍ତା ପାଲଟିଛି ।

ସୂଚନା ଅନୁସାରେ ଏହି ରାସ୍ତାକୁ ବିଭାଗ ପକ୍ଷରୁ ପ୍ରାୟ ୬ ମାସ ତଳେ ଗତ ଆର୍ଥିକ ବର୍ଷରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ମରାମତି କରାଯାଇଥିଲା । ହେଲେ ବର୍ତମାନ ଯେଉଁଠି ଖାଲ ଥିଲା, ପୁଣି ସେହି ଯାଗାରେ ଖାଲ ସୃଷ୍ଟି ହୋଇଛି । ସେହିପରି ଏହି ରାସ୍ତାର ସାରେଇକୂଳ ଛକ ପୂର୍ବରୁ ଢଳେଇ ରାସ୍ତା ଭାଙ୍ଗି ହମ୍ପସ ପରି ରହିଛି । ଅଜଣା ଗାଡ଼ି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତା ଦେଇ ପାରାଦୀପରୁ ପୁରୀ, ନାଉଗାଁ ରୁ ଜଗତସିଂହପୁର ଆଦି ସ୍ଥାନକୁ ପ୍ରତ୍ୟହ ଯାତ୍ରୀବାହୀ, ମାଲବାହୀ, ମଟର ସାଇକେଲ ଆଦି ଯାତାୟାତ କରେ । ଜନସାଧାରଣଙ୍କୁ ସଡ଼କ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ସାଙ୍କେତିକ ଚିହ୍ନ ଲଗାଯାଇଛି । ନିୟମ ଅନୁସାରେ ରାସ୍ତାର ପ୍ରମୁଖ ସ୍ଥାନ ମାନଙ୍କରେ ଏହି ସାଂକେତିକ ଚିହ୍ନ ଲଗାଇବା କଥା କିନ୍ତୁ ଦାୟିତ୍ୱରେ ଥିବା ଠିକାଦାର କିଛି ଆବଶ୍ୟକ ସ୍ଥାନରେ ଏହି ସାଂକେତିକ ଚିହ୍ନ ନ ଲଗାଇ ଥିବା ଦେଖିବାକୁ ମିଳୁଛି । ରାସ୍ତାକଡ ଓ ରାସ୍ତାର ମଝି ସ୍ଥାନରେ ଧଳା ପଟି ଚିହ୍ନ ବାଲିଭଉଁରୀ ଠାରୁ ଶିଖରଘାଟ ପର୍ଯ୍ୟନ୍ତ ଲାଗିବା ପାଇଁ ଥିବା ବେଳେ ଏହି ରାସ୍ତାର କିଛି ସ୍ଥାନରେ ଧଳା ପଟି ଚିହ୍ନ ନ ଲଗା ଯାଇନାହିଁ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ରାସ୍ତାର ସାଙ୍କେତିକ ଚିହ୍ନ ଓ ଧଳା ପଟି ମରା କାର୍ଯ୍ୟ ଅଧାରୁ ଶେଷ କରି ଠିକାଦାର ଛୁ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଅନ୍ୟପଟେ ନାଉଗାଁ ଅଞ୍ଚଳର ସଚେତନ ନାଗରିକ ମଞ୍ଚ ତରଫରୁ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ବାଲିଭଉଁରୀ-ଶିଖରଘାଟ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ଅଭିଯୋଗ ଦିଆଯାଇଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚେଶ୍ୱର ସଭାପତି ଅର୍ଜୁନ ରାଉତ, ରବୀନ୍ଦ୍ର ପଟ୍ଟନାୟକ , ନବକିଶୋର ମହାନ୍ତି , ବଂଶୀଧର ବେହେରା , ଡା ସର୍ବେଶ୍ୱର ପରିଡା, ଆଇନଜୀବୀ ପ୍ରମୋଦ ସ୍ୱାମୀ, ସୁଶାନ୍ତ ସାହୁ , ସୁବାଷ ମହାନ୍ତି ପ୍ରମୁଖ ଦାବି କରିଛନ୍ତି। ଏସଂପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ରାସ୍ତା ମରାମତି ଖୁବ ଶୀଘ୍ର କରାଯିବ ବୋଲି କହିଛନ୍ତି।

## କୃଷକ ବିକାଶ ମଞ୍ଚର କୃଷକଙ୍କ ପାଣି ସମସ୍ୟା ନେଇ ଆଲୋଚନା



କୁଆଖିଆ, (ସବୁ) : ରସୁଲପୁର ବ୍ଲକ କୁଆଖିଆ ନିକଟରେ ଥିବା ରାହାସ ମଠ ପରିସରରେ ଆଜି ଓଡିଶାକୃଷକ ବିକାଶ ମଂଚ ରସୁଲପୁର ଶାଖା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମଂଚର ରସୁଲପୁର ଶାଖା ସଭାପତି ଇଂ. ବିଶ୍ୱଜି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମଂଚର ରାଜ୍ୟ ସାଧାରଣ ସମ୍ପାଦକ ରବିନ୍ଦ୍ର କୁମାର ଜେନା, ବରୀ ବ୍ଲକ ଶାଖାର ସଭାପତି ପ୍ରଶାନ୍ତ ପଡିହାରି, କୃଷକ ସଙ୍ଗଠକ ମହେଶ୍ୱର ସାହୁ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ରସୁଲପୁର ବ୍ଲକର ଗନ୍ଧଣ ଠାରେ ନିର୍ମାଣ ହୋଇଥିବା ପାର୍ବତି ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଦୀର୍ଘ ୫ବର୍ଷ ଧରି କାର୍ଯ୍ୟ ଚାଲୁ ରହିଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇନାହିଁ । ରବି ଋତୁରେ ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ପାଇଁ ଏହି ପ୍ରକଳ୍ପ ନିର୍ମାଣପାଇଁ ରାଜ୍ୟ ସରକାର ୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି ।

ସୁଚନା ଅନୁସାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୪୬ହଜାର ହେକଟର ଚାଷ ଜମିକୁ ପାଣି ଯୋଗେଇ ଦିଆଯାଇ ପାରିବ। ଅନ୍ୟପକ୍ଷରେ ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଗୋଟିଏ ସଂସ୍ଥାର କର୍ମଚାରୀମାନେ ସେମାନଙ୍କର ସ୍ଥାୟିକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଇଲେକଟ୍ରି ବିଲ ଓ ମେଣ୍ଟେନାନ୍ସ ଚାର୍ଜେସ ରାଜ୍ୟ ସରକାର ଗଣୁଛନ୍ତି । କୃଷକ ମଂଚ ପକ୍ଷରୁ ଚାଷ ଜମିକୁ ଜଳସେଚନର ସୁବିଧା ନିମିତ ରସୁଲପୁର ବ୍ଲକର ଦୁଧେଇ ଓ ଦପା ନାଳକୁ ପୁନଃଉଦ୍ଧାର କରାଯିବାକୁ ଦାବୀ ହୋଇଛି ।

ଚାଷୀଙ୍କ ପନିପରିବା ଫସଲର ବିକ୍ରିବଟା ନିର୍ମିତ ଖରସ୍ରୋତା ନଦୀ ବନ୍ଧର ଖଣ୍ଡିତର ଠାରୁ ରାଜଘାଟ ପର୍ଯ୍ୟନ୍ତ ରାସ୍ତାରେ ଦୀର୍ଘ ୪ବର୍ଷ ଧରି କଂକ୍ରିଟ ଢେଲା ପଡିଥିଲେ ମଧ ତାହା ପିଚୁ ନହେବାରୁ ଚାଷୀ ମାନେ ଦୈନିକ ହଇରାଣ ହରକତ ହେଉଥିବା କୃଷକ ନେତାମାନେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ ନହେଲେ ଆଗାମୀ ଦିନରେ ମଂଚ ପକ୍ଷରୁ ଜିଲ୍ଲା ପ୍ରଶାସନ ନିକଟରେ ଆନ୍ଦୋଳନ କରାଯିବାକୁ ଘୋଷଣା କରାଯାଇଛି । ସାମ୍ବାଦିକ ସମ୍ମିଳନୀ ପୁର୍ବରୁ ମଂଚ ପକ୍ଷରୁ ଏକ ସାଧାରଣ ଅଧୀବେଶନ ଅନୁଷ୍ଠିତ ହେବା ସହ ଏହି ଅଧୀବେଶନରେ ବ୍ଲକ୍ର ଗନ୍ଧଣ, ଟିକରପଡା, ନଠୁଆବର, ଜୀବରା ପ୍ରଭୃତି ଅଂଚଳର କୃଷକ ମାନେ ଯୋଗ ଦେଇଥିଲେ ।

# ଯୁବକଙ୍କୁ ଦଳି ଦେଲା ହାତୀ : ନୟାଗଡ଼-ପୁରୀ ରାସ୍ତା ୩ ଘଣ୍ଟା ଅବରୋଧ



ନିରାକାରପୁର /କୁହୁଡ଼ି ,(ସବ୍ୟୁ): :ପ୍ରଶାସନିକ ପ୍ରତିଶ୍ରୁତି ପରେ ଶେଷରେ ହଟିଛି ରାସ୍ତା ଅବରୋଧ। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଉତ୍ତେଜନା ଥମିଛି। ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଅଞ୍ଚଳରେ ହାତୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ପ୍ରାୟ ୩ ଘଣ୍ଟା ଧରି ଜାରି ରହିଥିବା ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଛି। ଗୁରୁବାର ରାତି ପ୍ରାୟ ସାଢ଼େ୮ଟାରେ ନିଧିପୁର ଆଦିବାସୀ ସାହିର ସୁଶାନ୍ତ କୁମାର ପ୍ରଧାନ (୩୫) ହଜ ଗ୍ରାମରୁ ନିଜ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହଜ-ନିଧିପୁର ରାସ୍ତାର କଲରାଝର ଗ୍ରାମ ନିକଟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଦଳିଚକଟି ମାରିଦେବା ସହ ସାଇକେଲଟିକୁ ମଧ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର କରିଦେଇଥିଲା। ଶୁକ୍ରବାର ସକାଳୁ ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ହଜ ଛକଠାରେ ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରିଥିଲେ।ଉତ୍ତେଜନା ବଢ଼ିବା ଦେଖି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରା ଏବଂ ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟର ବୁଝାସୁଝା ପରେ ପ୍ରଶାସନ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା,ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ୩୦ ହଜାର ଟଙ୍କା ପ୍ରଦାନ ଓ ହାତୀର ଗତିବିଧି ଉପରେ ବନ ବିଭାଗ ପକ୍ଷରୁ କଡ଼ା ନଜର ରଖିବା ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନିଶ୍ଚିତ କରିବାର ପ୍ରତିଶ୍ରୁତି ଦେବା ସହିତ ବିଧାୟକ ଶ୍ରୀ ସାହୁ ଏହି ହାତୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି ପ୍ରତିଶ୍ରୁତି ପରେ ଗ୍ରାମବାସୀମାନେ ଅବରୋଧ ହଟାଇଥିଲେ ଏବଂ ଯାତାୟତ ସ୍ୱାଭାବିକ ହୋଇଥିଲା। ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ମୃତ ସୁଶାନ୍ତଙ୍କ ପରିବାରରେ ତାଙ୍କ ବିଧବା ମା', ସ୍ତ୍ରୀ ଓ ଦୁଇଟି ଛୋଟ ପିଲା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଆସନ୍ତା କାଲି ତାଙ୍କୁ ବନ ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କା ସହାୟତା ମିଳିବ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପରେ ବାକି ୯ ଲକ୍ଷ ମିଳିଯିବ ବୋଲି ଜଣାପଡ଼ିଛି।

## ହନୁ ମାଙ୍କଡ଼ କାମୁଡ଼ାରେ ରାଜମିସ୍ତ୍ରୀ ଗୁରୁତର

ନିରାକାରପୁର,(ସବ୍ୟୁ): : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ପୁଣି ଥରେ ହିଂସ୍ର ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। ପାତି ଓ ହନୁ ମାଙ୍କଡ଼ଙ୍କ କାମୁଡ଼ାରେ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡ଼ିଥିବା ବେଳେ ଆଜି ଜଣେ ରାଜମିସ୍ତ୍ରୀ ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି।ନିରାକାରପୁର ସାହିର ରାଜମିସ୍ତ୍ରୀ ଶ୍ୟାମ ସୁନ୍ଦର ବେହେରା (୩୯) ଆଜି ଚିତ୍ରକୁଟ ବିହାର ବିଦ୍ୟାଳୟର ଗେଟ ଲଗାଇବା କାମ କରୁଥିଲେ। ଏହି ସମୟରେ ଏକ ହିଂସ୍ର ହନୁ ମାଙ୍କଡ଼ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ମାଙ୍କଡ଼ଟି ଶ୍ୟାମଙ୍କ ଡାହାଣ ଗୋଡ଼ ନଳୀ ଗୋଡ଼ ପଛ ପାଖରୁ ପୁଳାଏ ମାଂସ କାମୁଡ଼ି ଖାଇଯାଇଛି। ତାଙ୍କୁ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।ପୂର୍ବରୁ ମଧ ଏହି ଅଞ୍ଚଳରେ ମାଙ୍କଡ଼ କାମୁଡ଼ାରେ ପ୍ରାୟ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ବନ ବିଭାଗ ପକ୍ଷରୁ ଗୋଟିଏ ହନୁ ମାଙ୍କଡ଼କୁ ଧରାଯାଇଥିଲେ ମଧ କିଛି ଦିନର ବ୍ୟବଧାନ ପରେ ପୁଣି ଆତଙ୍କ ଆରମ୍ଭ ହୋଇଛି। ଗତ କିଛି ଦିନ ମଧ୍ୟରେ ନିରାକାରପୁର ସାହିର ୫ରୁ ଅଧିକ ମହିଳା ଓ ପୁରୁଷ ପାତି ମାଙ୍କଡ଼ କାମୁଡ଼ାରେ ଶିକାର ହୋଇ ଗୁରୁତର ହୋଇଛନ୍ତି। ମାଙ୍କଡ଼ଙ୍କ ଏଭଳି ହିଂସ୍ର ଆକ୍ରମଣକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ଡେଲାଙ୍ଗ ଉନ୍ନୀତ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ
# ନୈତିକ ଶିକ୍ଷା ହିଁ ଶିଶୁର ମୂଳ ଆଧାର



ଡେଲାଙ୍ଗ ,(ସବ୍ୟୁ): ନୈତିକ ଶିକ୍ଷା ହିଁ ଶିଶୁର ମୂଳ ଆଧାର ବୋଲି ଡେଲାଙ୍ଗ ବ୍ଲକର ହାଟ ବଜାର ସନ୍ନିକଟ ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସମାବେଶରେ ମାନ୍ୟଗଣ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟ ନାରାୟଣ ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଉତ୍ତର ପୂର୍ବାଞ୍ଚଳର ପ୍ରାକ୍ତନ ସଂସ୍କୃତି ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର, ଶିକ୍ଷାବିତ୍ ସୁସାହିତ୍ୟିକା ଶୈଳବାଳା ମହାପାତ୍ର ପିଲାମାନଙ୍କ ଉତ୍ତମ ଚରିତ୍ର, ଶୃଙ୍ଖଳା, ମୂଲ୍ୟବୋଧ , ପିଲାମାନଙ୍କ ପ୍ରତିଭା ବିକାଶ ଉପଯୁକ୍ତ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ ।ପିଲାମାନଙ୍କ ସୃଜନୀ ପ୍ରତିଭାର ବିକାଶ ଦିଗରେ ଉଭୟ ଅଭିଭାବକ ଓ ଶିକ୍ଷକ ଦାୟିତ୍ୱବଶୀଳ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ବର୍ଷୀୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ଶିକ୍ଷକ ସଂଘ ସଂପାଦକ ପ୍ରଶାନ୍ତ ଦାସ, ଶିକ୍ଷାବିତ ରାମଚନ୍ଦ୍ର ଦାଶ,ବସନ୍ତ ଦାସ ନିରଞ୍ଜନ ସାହୁ,ଶ୍ରୀଧର ପ୍ରଧାନ ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ପୂର୍ବତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ, ସିଆରସିସି କ୍ଷେତ୍ରବାସୀ ଆଲୁକ , ଭୁବନେଶ୍ୱରର କୃତି ଶିକ୍ଷକ ଶୈଳେନ୍ଦ୍ର କୁମାର ସାବତ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥି ମାନଙ୍କ ପ୍ରତିଭା ଓ ବିଦ୍ୟାଳୟର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଶିକ୍ଷାୟତନର ବିକାଶ ଏବଂ ପିଲାମାନଙ୍କର ଶୃଙ୍ଖଳା,ଉତ୍ତମ ଚରିତ୍ର , ସଂସ୍କୃତି ରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ ।ଏହି ଅବସରରେ ୫ମ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ର ଆତ୍ମଜିତ ବେହେରା, ଆଦର୍ଶ ପ୍ରବେଶିକା ପରୀକ୍ଷାର କୃତି ଛାତ୍ର ଛାତ୍ରୀ ଆଶୁତୋଷ ସମାନ୍ତରାୟ, ସୋନିଆ ଅନସାରୀ, ସମାଜସେବୀ କୃଷ୍ଣଚନ୍ଦ୍ର ସାମନ୍ତରାୟ,ପରିଚାଳନା କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀଙ୍କ ସହ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟିର ସଦସ୍ୟ ଓ ଅନ୍ୟ ଶିକ୍ଷକମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମୁଗ୍ଧ କରିଥିଲା । ପଣସପଦା ଅଞ୍ଚଳର ଆଧାତ୍ମିକ ଶିକ୍ଷକ ଆଶୀଷ କୁମାର ସାଇଁ ମଞ୍ଚ ପରିଚାଳନା କରିଥିଲେ ।ଶିକ୍ଷକ ଟିକେଇ ଦଳାଇ, ଅଜୟ ପ୍ରଧାନ, ମାନସ ସାଇଁ, ପାପଲିନ ପ୍ରଧାନ, ସତ୍ୟଭମା ବେହେରା, ଜିତେନ୍ଦ୍ର ସେଠୀ, ଦିଲୀପ ସମାନ୍ତରାୟ, ଦୁର୍ଯ୍ୟୋଧନ ସାମନ୍ତରାୟ, ସୁଧୀର ଜେନା,ଶକ୍ତିମୟୀ ପରିଡା, ଗୀତାରାଣୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉତ୍ସବର ସଫଳତା ପାଇଁ କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କାକଟପୁର ଘରେ ବାଇକ, ଚାଲାଣ କଟିଛି ନୟାଗଡ଼ରେ

କାକଟପୁର (ସବ୍ୟୁ): ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ପ୍ରଦୀପ କୁମାର ସେନାପତିଙ୍କ ଏକ ଗ୍ଲାମର ବାଇକ ଓଡ଼ି୦୨ ଏପି ୬୭୭୧ ନିଜ ଘରେ ଥୁଆ ହୋଇଥିବା ଥିବା ବେଳେ ତାଙ୍କ ମୋବାଇଲ ନଂ ୭୦୬୪୫୦୭୦୮୦ କୁ ନୟାଗଡ଼ ଆର ଟି ଓ ଅଫିସରୁ ୩୧/୭/୨୦୨୫ରେ ଏକ ଫାଇନ ୩ ହଜାର ଟଙ୍କା ଆସିଥିଲା । ସେ ହଠାତ କିଛି ଜାଣି ପାରିନଥିଲେ। ସେ ତୁରନ୍ତ ନୟାଗଡ଼ (ଆର ଟି ଓ) ଙ୍କ ଅଫିସ କୁ ଜଣାଇଥିଲେ ଓ ତାଙ୍କ ବାଇକ ନମ୍ବରକୁ ନକଲି କରି ଅନ୍ୟ ଏକ ବ୍ୟକ୍ତି ଚଲାଉ ଥିବା ଏକ ଫଟୋ ନୟାଗଡ (ଆର ଟି ଓ) ଅଫିସରୁ ତାଙ୍କ ମୋବାଇଲକୁ ଆସିଥିଲା।ସେ ଏ ନେଇ କାକଟପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ । କାକଟପୁର ପୋଲିସ ନୟାଗଡ ଥାନାକୁ ଜଣାଇଛନ୍ତି ବୋଲି କହିବା ପରେ ପ୍ରଦୀପ ଘରକୁ ଫେରିଥିଲେ ।କିନ୍ତୁ ଦୀର୍ଘ ସାତ ମାସ ହେଲାଣି ଏ ପର୍ଯ୍ୟନ୍ତ ସେ କ୍ଲିଆରନ୍ସ ପାଇଲେ ନାହିଁ ।ସେ ଜଣେ ଚାଷୀ ବନ୍ଦି କୃଷକ ଶ୍ରେଣୀର ଅଟନ୍ତି ।

## ନୁଭୋକୋ ଭିସ୍ତାସର ବିତ୍ତୀୟ ଫଳାଫଳ ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗତ ମାର୍ଚ୍ଚ ୩୧ ତାରିଖ ୨୦୨୬ରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ବିତ୍ତୀୟ ଫଳାଫଳ ଘୋଷଣା କରିଛି । କମ୍ପାନୀ ବଦରାଜ ସିମେଣ୍ଟ କାରଖାନାଗୁଡିକରେ ପ୍ରକଳ୍ପ କାର୍ଯ୍ୟକାରିତା ସହ ଅଗ୍ରଗତି କରିବା ଜାରି ରଖିଛି । ସେହିପରି ଏହାର କ୍ଲିଙ୍କର ଓ ଗ୍ରାଇଣ୍ଡିଙ୍ଗ ୟୁନିଟଗୁଡିକର ପରିଚାଳନା ୨୦୨୬-୨୭ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରୁ ପର୍ଯ୍ୟାୟକ୍ରମେ ଆରମ୍ଭ ହେବା ପାଇଁ ଯୋଜନା ରହିଛି । ସମାନ ରୂପେ ପୂର୍ବ ଭାରତରେ ୨୦୨୭-୨୮ ଆର୍ଥିକ ବର୍ଷରେ ପର୍ଯ୍ୟାୟକ୍ରମରେ ହେବାକୁ ଥିବା ୪ ଏମଏମଟିପିଏ ସମ୍ପ୍ରସାରଣ କାର୍ଯ୍ୟ ଭଲ ଭାବରେ ଅଗ୍ରଗତି କରୁଛି, ଯାହା ନୁଭୋକୋର ମୋଟ ସିମେଣ୍ଟ କ୍ଷମତାକୁ ପ୍ରାୟ ୩୫ ଏମଏମଟିପିଏରେ ପହଂଚାଇବ । କମ୍ପାନୀର ପ୍ରଦର୍ଶନ ସମ୍ପର୍କରେ ମତପ୍ରକାଶ କରି ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ, ଜୟକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ନୁଭୋକୋ ପାଇଁ ଏକ ନିର୍ଣ୍ଣାୟକ ବର୍ଷକୁ ସୂଚିତ କରୁଛି ଯାହା ଉଚ୍ଚ ବିକ୍ରି ପରିମାଣ, ରାଜସ୍ୱ ଓ ଲାଭ ଦ୍ୱାରା ଆଲୋକିତ ହୋଇଛି । କମ୍ପାନୀ ଉଭୟ ଏବିଟଡା ଓ ପିଏଟି କ୍ଷେତ୍ରରେ ମଜବୁତ ଅଭିବୃଦ୍ଧି ହାସଲ କରିଛି, ଯାହା ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରିମିୟମାଇଜେଶନ, ବ୍ୟବସାୟ ମାଧ୍ୟମଗୁଡିକୁ ସଶକ୍ତ କରିବା ଓ ଖର୍ଚ୍ଚ ବୃଦ୍ଧିକୁ ପରିଚାଳନା ଉପରେ କେନ୍ଦ୍ରିତ ରଣନୀତିର ଦୃଢ଼ କାର୍ଯ୍ୟକାରିତାକୁ ପ୍ରତିଫଳନ କରୁଛି ।

## ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ ଉଦ୍‌ଘାଟିତ



ନୟାଗଡ଼, (ସବ୍ୟୁ):: ନୟାଗଡ଼ ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଯୋଜନା ବୋର୍ଡ କାର୍ଯ୍ୟାଳୟ ଉଦଘାଟିତ ହେବା ପରେ ଗୁରୁବାର ଠାରୁ ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ ନିଜସ୍ୱଗୃହରୁ କାର୍ଯ୍ୟ ଆରମ୍ଭ କରିଛି। ଏହି ଅବସରରେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇ ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ ଜୀଲ୍ଲାବାସୀଙ୍କ ସେବାରେ ସର୍ବଦା ଉତ୍ସର୍ଗୀକୃତ ରହିବା ପ୍ରକାଶ କରିଥିଲେ। ଉଦଘାଟନୀ ସମାରୋହରେ ଜିଲ୍ଲାପାଳ ମଧୁମିତା ରଥ, ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ୍ୟ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ ରାଉତ, ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ଭାଜପା ନେତା ରାଘବ ମଲ୍ଲିକଙ୍କ ସମେତ ବହୁ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ। ଜିଲ୍ଲା ଯୋଜନା ବୋର୍ଡ କାର୍ଯ୍ୟାଳୟ, ନିଜସ୍ୱଗୃହରେ କାର୍ଯ୍ୟ କରିବା ସହିତ ଜିଲ୍ଲାର କାୟାକଳ୍ପ ବିକଶ ଦିଗରେ ଗୁରୁତ୍ୱ ଦେବା ସହିତ ଜିଲ୍ଲାର ସାମଗ୍ରୀକ ଉନ୍ନତିକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଦଘାଟନୀ ସମାରୋହରେ ମତ ପ୍ରକାଶ ପାଇଛି।

## ନିରତାରରେ ବିଶ୍ୱ ହିମୋଫିଲିଆ ଦିବସ

କଣ୍ଟାପଡ଼ା,(ସବ୍ୟୁ) : କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରସ୍ଥିତ ଏସଭି ନିରତାରରେ ବିଶ୍ୱ ହିମୋଫିଲିଆ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ ହସପିଟାଲର ହେମାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ହେମଲତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ରୋଗର କାରଣ ଓ ନିରାକରଣ ଦିଗରେ ରହିଥିବା ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରତିକାର ବାବଦରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଡାକ୍ତର ମମତା ମଂଜରୀ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପ୍ଳବୀ ଗୋବିନ୍ଦ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ଦଶପଲ୍ଲା, (ସବ୍ୟୁ) :ଦଶପଲ୍ଲାର ଅଗ୍ରଣୀ ସାହିତ୍ୟ ସଂଗଠନ 'ଗଠନ ପରିବାର ପକ୍ଷରୁ ସ୍ଥାନୀୟ ବିବେକାନନ୍ଦ ପଠନକେନ୍ଦ୍ର ପରିସରରେ ବିଷୁବ ମିଳନ ଓ ମହାନ ବିପ୍ଳବୀ ସାଧୀନତା ସଂଗ୍ରାମୀ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ୬୦ ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଗଠନ ପରିବାରର ସଭାପତି ରଘୁନାଥ ସାହୁ ଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼ଃ ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ସାରସ୍ୱତ ସାଧକ ଡ଼ଃ ବୈରାଗୀ ଚରଣ ପଟନାୟକ ଓ ସମ୍ମାନୀତ ଅତିଥି ଭାବେ ସଂସ୍କୃତ ଗବେଷକ ଡ଼ଃ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ ।

# ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ଫୁଲନଖରା ,(ସବ୍ୟୁ): ପ୍ରବାଦ ପୁରୁଷ ଓ ଓଡ଼ିଶାର ଅମର ଜନନାୟକ ସର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତର ମହୀଧରପଡା ସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ଗମ୍ଭୀର ଓ ଗରିମାମୟ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି ।। ବରିଷ୍ଠ ବିଜୁ ପ୍ରେମୀ ବିପ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ନିଆଳି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡାଃ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁଙ୍କର ଓଡ଼ିଶା ଗଠନରେ ଅତୁଳନୀୟ ଅବଦାନ, ତାଙ୍କର ଦୃଢ଼ ନେତୃତ୍ୱ ଓ ଅପରିମିତ ସେବାମନୋଭାବକୁ ସ୍ମରଣ କରିଥିଲେ।ଏହି ସ୍ମୃତିଚାରଣ ସଭାରେ ଶତାଧିକ ବିଜୁ ପ୍ରେମୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଦଳୀୟ କର୍ମୀମାନଙ୍କର ବ୍ୟାପକ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତେ ବିଜୁ ବାବୁଙ୍କ ପବିତ୍ର ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଆଦର୍ଶକୁ ଅନୁସରଣ କରିବା ପ୍ରତି ସଂକଳ୍ପବଦ୍ଧ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସମରେନ୍ଦ୍ର ହାତୀ, ନଳିନୀକାନ୍ତ ପଟ୍ଟନାୟକ, ଶୋଭନ ମହାପାତ୍ର, ଗଣେଶ ଚନ୍ଦ୍ର ସାହୁ, ସମୀର ସାମନ୍ତରାୟ, ତପନ ପାତ୍ର, ବେଣୁଧର ମୂଳିଆ, ବିଶ୍ୱ ରଞ୍ଜନ ସାହୁ, ଅଜୟ କୁମାର ବେଉରା, ନରୋତ୍ତମ ଦାସ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ନିରଞ୍ଜନ ସ୍ୱାଇଁ, ରାଜ ଦର୍ଶନ ବାରିକ, ସଂଯୁକ୍ତା ମହାପାତ୍ର ସହିତ ଅନେକ ପ୍ରମୁଖ ବ୍ୟକ୍ତିବର୍ଗ ଉପସ୍ଥିତ ରହିଥିଲେ ଓ ସଭାକୁ ସାର୍ଥକ କରିଥିଲେ। ଶେଷରେ ଅଶୋକ କୁମାର ରଥ ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।

**ସାକ୍ଷୀଗୋପାଳ , (ସବ୍ୟୁ):** ସତ୍ୟବାଦୀ ବ୍ଲକ ଛକସ୍ଥିତ ବିଜୁ ମଣ୍ଡପ ରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୯ତମ ଶ୍ରାଦ୍ଧ ବାର୍ଷିକ ଦିବସ ପାଳନ କରାଯାଇଛି। ସତ୍ୟବାଦୀର ବିଜୁବାବୁ ସ୍ମୃତି ସଂସଦ ର ସଭାପତି ଅନନ୍ତ ମହାପାତ୍ର ଙ୍କ ସଭାପତିତ୍ୱ ରେ ସ୍ମୃତି ଚାରଣ ସଭାରେ ପ୍ରଦୀପ ପ୍ରଜ୍ୱଳନ କରାଯାଉ ଉପସ୍ଥିତ ବିଜୁ ପ୍ରେମୀ ସଭ୍ୟ ବୃନ୍ଦ ପୁଷ୍ପମାଲ୍ୟ ବିଜୁବାବୁ ଙ୍କ ଫଟୋ ଚିତ୍ରରେ ଅର୍ପଣ କରିଥିଲେ।ଆଲୋଚନା ପ୍ରସ୍ତାବ କ୍ରମେ ପ୍ରବାଦ ପୁରୁଷ ଭାରତ ବର୍ଷରେ ଜନନାୟକ,ପୃଥିବୀ ର ତିନୋଟି ଦେଶର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ମହାପୁରୁଷ ଭାରତ ସରକାର ଙ୍କ ପୂର୍ବତନ କେନ୍ଦ୍ର ମନ୍ତ୍ରୀ , ଓଡିଶା ର ପୂର୍ବତନ ମୁଖ୍ୟମନ୍ତ୍ରୀ,ସୁପୁତ୍ର ଏବଂ ଜନମାନସ ର ଆଦର୍ଶ ଶ୍ରେଷ୍ଠ ଓଡ଼ିଆ ବିଜୁ ବାବୁଙ୍କୁ ଭାରତ ରତ୍ନ ଉପାଧି ରେ ଭୂଷିତ କରିବା ପାଇଁ ଓଡିଶା ସରକାର ଓ କେନ୍ଦ୍ର ସରକାର ମହୋଦୟ ଙ୍କୁ ସତ୍ୟବାଦୀ ଅଞ୍ଚଳବାସୀଙ୍କ ତରଫରୁ ଅନୁରୋଧ କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।ଉକ୍ତ ସଭାରେ ନୀଳାଚଳ କୃଷକ ମହାସଙ୍ଘର ଉପଦେଷ୍ଟା, ତଥା ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ରୂପେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ସ୍ମୃତି ସଂସଦ ର ସଂପାଦକ ରବୀନ୍ଦ୍ର ନାଥ ଶତପଥି ସଭା କାର୍ଯ୍ୟ ପରିଚାଳନା କରିବା ସହିତ ବିଜୁବାବୁଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଯୁବ ସମାଜକୁ ଅନୁରୋଧ କରିଥିଲେ।ଉକ୍ତ ସଭାରେ ସତ୍ୟବାଦୀର ବିଶିଷ୍ଟ ବ୍ୟକ୍ତି ବିଶେଷ ଙ୍କ ସହିତ ସତ୍ୟବାଦୀ ବ୍ଲକ ର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ ଘଟୁଆରୀ,ବିଶ୍ୱନାଥପୁର ସରପଞ୍ଚ ସର୍ବେଶ ଷଡ଼ଙ୍ଗୀ, ନାରାୟଣ ରାଉତରାୟ ବ୍ରଜକିଶୋର ବରାଳ,କୈଳାସ ଚନ୍ଦ୍ର ମହାପାତ୍ର,ସଂଗ୍ରାମ ମହାପାତ୍ର ଓ ବାନାମ୍ବର ଦୀକ୍ଷିତ ଙ୍କ ସହିତ ଶତାଧିକ ସାଥି ଯୋଗଦେଇ ବିଜୁବାବୁ ସ୍ମୃତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସର୍ବଶେଷରେ ସଂପାଦକ ଧନ୍ୟବାଦ ଅର୍ପଣକରି ସମସ୍ତ ଙ୍କୁ ସାଧୁବାଦ ଦେଇଥିଲେ

**ବାଙ୍କୀ :** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସାଢ଼େ ୮ଟାରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସମର୍ଥକ ମାନଙ୍କ ସହିତ ବାଇକ ରାଲିରେ ଆସି କଚେରି ପଡିଆଠ ବାଙ୍କୀ ରାଣୀ ଶୁକଦେଇ ମହିଳା ମହା ବିଦ୍ୟାଳୟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ବିଧାୟକଙ୍କ କାର୍ଯ୍ୟାଳୟରେ ଏକ ସ୍ମୃତି ଚାରଣ ସଭା ନଗର ସଭାପତି ହରେକୃଷ୍ଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ନଗରପାଳ ମାଣିକ ସାହୁ, ଜିଲ୍ଲାପରିଷଦ ସଦସ୍ୟ ମିନତୀ ମହାପାତ୍ର, ସାମ୍ବାଦିକ ସମରେନ୍ଦ୍ର ମହାପାତ୍ର, ଡମପଡ଼ା ବ୍ଲକ ବିଜେଡି ସଭାପତି ଆର୍ତ୍ତ ତ୍ରାଣ ସାଇଁ, କାଉନ୍ସିଲର ସନାତନ ବେହେରା, ସରପଞ୍ଚ ରେବତୀ ଜେନା ତାଳବସ୍ତ ରର ଯୁବ ନେତା ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ କାର୍ଯ୍ୟ ଶୈଳୀ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ବାଙ୍କୀ ଉପ ନଗରପାଳ ସନ୍ତୋଷ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ

**ଦଶପଲ୍ଲା :** ଦଶପଲ୍ଲା ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକ ଦଶପଲ୍ଲା, ନୂଆଗାଁ, ଗଣିଆ ର ବିଜେଡି କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ । ଏ ଅବସରରେ ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଉପସ୍ଥିତ ନେତୃବୃନ୍ଦ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ । ପରେ ମେଳିଆତୋଟା ନିକଟରେ ଥିବା ତୈଳିକ ସମାଜ ସଭାଗୃହଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଧାୟକ ରମେଶ ଚନ୍ଦ୍ର ବେହେରା, ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଓଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ପ୍ରିୟା ବେହେରା ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନାଜେନା ,ଙ୍କ ବିଜେଡି କର୍ମକର୍ତ୍ତା ମାନେ ସ୍ୱର୍ଗତ ବିଜୁ ପଟନାୟକ ଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ନାମ ରେ ଗଠିତ ବିଜୁ ଜନତା ଦଳ କୁ ସୁଦୃଢ଼ କରିବା ପାଇଁ ଅହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ଅଧ୍ୟକ୍ଷା ବବିତା ସାହୁ , ବିଜେଡି ସଂଗଠକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର ସାହୁ ଙ୍କ ସହ ଶହ ଶହ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

**ବାଲିପାଟଣା :** ଶୁକ୍ରବାର ପୂର୍ବାହ୍ନରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ଦଳ ତରଫରୁ ବିଜୁ ପଟ୍ଟନାୟକ ଙ୍କ ୩୦ ତମ ଶ୍ରାଦ୍ଧ ଦିବସ ପାଇଁ ୫୦୦ ମଟର ସାଇକେଲରେ କର୍ମୀ ଏକ ଶୋଭାଯାତ୍ରା ବାଳକାଟି ରୁ ବାହାରି ବ୍ରାହ୍ମଣ ସଡଙ୍ଗି ଠାରେ ଓ ବାଲିପାଟଣା ବଜାରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ପରେ ଅଠାନ୍ତର ସ୍ଥିତ ଦଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ବିଜେଡି ନେତା ପ୍ରତାପ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା,ପୂର୍ବତନ ସଭ୍ୟ ଦିଲ୍ଲୀପ ବଳିୟାରସିଂହ,ରାଜଲକ୍ଷ୍ମୀ ମିଶ୍ର,ଅମରେନ୍ଦୁ ପଟ୍ଟନାୟକ ,କାହ୍ନୁ ଚରଣ ଦାସ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ,ପୂର୍ବତନ ସରପଞ୍ଚ ସତ୍ୟଭାମା ବେହେରା,ସୌମ୍ୟ ରଂଜନ ମହାନ୍ତି,ମିନାସିର ଅଲ୍ଲୀ,ତ୍ରୈଲୋକ୍ୟ ମଙ୍ଗରାଜ,ସଦାଶିବ ଦାଶ,ଦିନେଶ ନାୟକ, ଯୁବନେତା ବିଜୟ ନାୟକ, ସଂଦିପ୍ତ ସେନାପତି,ସୋଲାର ମିଶ୍ର, ବିରଞ୍ଚି ନାରାୟଣ କର ଓ ବହୁ ଦଳୀୟ ନେତା ଉପସ୍ଥିତ ରହି ବିଜେଡି ଦଳକୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆହୁରି ମଜବୁ କରିବାକୁ ଆହ୍ୱାନ ଦେଇଥିଲେ ।ଶ୍ରାଦ୍ଧ ଦିବସ ଉପଲକ୍ଷେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

**ନିମାପଡା:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ବିଜେଡିର ଦୁଇ ଗୋଷ୍ଠି ସମାନ୍ତରାଳ ଭାବେ ପୃଥକ ପୃଥକ ସ୍ଥାନରେ ପାଳନ କରିଛନ୍ତି ।ଶୁକ୍ରବାର ଅପରାହ୍ନରେ ନିମାପଡା ନିର୍ବାଚନ ମଣ୍ଡଳୀର ବିଜେଡି ନେତା ସୁବ୍ରତ ଛାଟୋଇଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନିମାପଡା ନୂଆ ବସଷ୍ଟାଣ୍ଡ ଠାରୁ ବାହାରୀ ବଜାର ପରିକ୍ରମା କରି ବ୍ଲକ ଛକ ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଂଚିଥିଲା । ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ପ୍ରଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା । ଏଥିରେ ବିଜେଡି ନେତା ଶ୍ରୀ ଛାଟୋଇ,ଜିଲ୍ଲା ବିଜେଡି ସଭାନେତ୍ରୀ କସ୍ତୁରୀ ବାଳା ସ୍ୱାଇଁ,ନିମାପଡା ବ୍ଲକ ସଭାପତି ଭାଗ୍ୟଧର ଖଟୋଇ,ଗୋପ ବ୍ଲକ ସଭାପତି ମହେଶ୍ୱର ସ୍ୱାଇଁ,ଜିଲ୍ଲାପରିଷଦ ସଭ୍ୟା କୁଞ୍ଜଲତା ସାମଲ,ସସ୍ମିତା ନାୟକ,ରବିନ୍ଦ୍ର ନାଥ ମଲ୍ଲିକ,କାଉନସିଲର ଧନୁର୍ଦ୍ଧର ଦାସ,ବିଜୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଜୁ ବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା । ସେହିପରି ନିମାପଡା ବ୍ଲକ ଛଣିଜଙ୍ଗ ପଂଚାୟତର ଚକରୋଡା ଠାରେ ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କ ସମର୍ଥକ ମାନେ ଚକରୋଡା ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ସହିତ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ସମିତିସଭ୍ୟା ଲକିବାଳା ନାୟକ,ବରିଷ୍ଠ ନେତା ଦିଲ୍ଲୀପ ପାତ୍ର,ପ୍ରେମାନନ୍ଦ ସ୍ୱାଇଁ,ଯୁବନେତା ମାନସ ପ୍ରଧାନ,ପୂର୍ବତନ ନଗରପାଳ ଅଜୟ ଭୋଇ,ଛଣିଜଙ୍ଗ ପଂଚାୟତ ସଭାପତି ବଳରାମ ନାୟକ,ପୂର୍ବତନ ସରପଂଚ ପବିତ୍ର ମହାପାତ୍ର,କାଉନସିଲର ପ୍ରତିନିଧି ତପନ ପଣ୍ଡା,ବରିଷ୍ଠ ନେତା ଭଗବାନ ନାୟକ ପ୍ରମୁଖ ଯୋଗଦେଇଥିଲେ । ନିମାପଡାରେ ଦିଲ୍ଲୀପ ଓ ସୁବ୍ରତଙ୍କୁ ନେଇ ବିଜେଡି ଦୁଇଫାଳ ବୋଲି ଚର୍ଚ୍ଚା ହେଉଛି ।

**ରଣପୁର:**ରଣପୁର ଏନଏସିରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୯ତମ ତିରୋଧାନ ଦିବସ ନୟାଗଡ ଜିଲ୍ଲାପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଶୁକ୍ରବାର ପ୍ରଭାତରେ ପ୍ରଥମେ ପଞ୍ଚୁଦୋଳ ପଡିଆ ସ୍ଥିତ ରଣପୁର ମାଟିର ଅମର ଶହୀଦ ରଘୁନାଥ ଦିବାକରଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଏହିଅବସରରେ ରଣପୁର ଡାକ୍ତରଖାନା ପରିସରରେ ଥିବା ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ । ସେଠାରୁ ଯାଇ ମଣିନାଗ ପୀଠରେ ଥିବା ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ତଥା ରଣପୁର ଏନ.ଏସି ର ନଗର ସଭାପତି ଲିଙ୍ଗରାଜ ନାୟକ, ଉପାଧ୍ୟକ୍ଷ ବିଶ୍ୱରଞ୍ଜନ ପଟ୍ଟନାୟକ, ବିଜୁଜନତା ଦଳର ସମସ୍ତ କାଉନସିଲର. ଜୟନ୍ତୀ ମହାରଣା,ସୁଶାନ୍ତ ମିଶ୍ର,ସୁଧାକର ପ୍ରଧାନ, ମାଗି ମହାରଣାଙ୍କ. ଟୁନିପ୍ରିୟା ନାହାକ ଅନେକ ସାଙ୍ଗଠନିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

**ଭାପୁର :** ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ୨୯ ତମ ତିରୋଧାନ ଦିବସ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଭାପୁର ବ୍ଲକ ବିଜେଡି କାର୍ଯ୍ୟାଳୟ ପରିସର ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ, ଖଣ୍ଡପଡା ବ୍ଲକ ସଭାପତି ବିଜୟ କୁମାର ତ୍ରିପାଠୀ ,ଭାପୁର ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ,ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷା ଉପମା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ,ଖଣ୍ଡପଡା ଓ ଭାପୁର ବ୍ଲକ ର ଯୁବ ବିଜେଡି ସଭାପତି, ବରିଷ୍ଠ ନେତା ବସନ୍ତ କୁମାର ମାଝୀ,ମଧୁସୁଦନ ରଥ, ସନ୍ତୋଷ କୁମାର ତ୍ରିପାଠୀ,ମନୋରଞ୍ଜନ ବେହେରାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦାନ କରିଥିଲେ।

**ବୋଲଗଡ଼:** ମହାନ ଜନନାୟକ ପ୍ରବାଦ ପୁରୁଷ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓରଫ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ବେଗୁନିଆ ବ୍ଲକ ବିଜୁପଟ୍ଟନାୟକ ପାର୍କ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଥିବା ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବୋଲଗଡ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝିଙ୍କ ଅଧ୍ୟକ୍ଷତାରେ ଏକ ବିନମ୍ର ଶ୍ରଦ୍ଧାଞ୍ଜଳି ସାଧାରଣ ସଭା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବେହେରା , ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି , ଜିଲ୍ଲାପରିଷଦ ସଦସ୍ୟ ସୁବାସ ଚନ୍ଦ୍ର ରାୟଗୁରୁ , ସରପଞ୍ଚ , ଜୟନ୍ତୀ ପ୍ରଧାନ , ଯାଗେଶ୍ୱର ମାଝୀ, ଭଗବାନ ପଣ୍ଡା , ବଂଶୀଧର ସାହୁ , ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ , ଲାବଣ୍ୟ ଜୟସିଂହ ,ରତ୍ନାକର ମହାପାତ୍ର ସମେତ ବେଗୁନିଆ ନିର୍ବାଚନ ମଣ୍ଡଳୀର ବହୁ ପଞ୍ଚାୟତର ସରପଞ୍ଚ , ସମିତି ସଭ୍ୟ , ଜିଲ୍ଲା ପରିଷଦ ଓ ଶତାଧିକ କର୍ମୀ ଏବଂ ବିଜୁପ୍ରେମୀମାନଙ୍କୁ ନେଇ ବିଜୁ ପ୍ରବାଦ ପୁରୁଷ ଦିବସ ପାଳିତ ହୋଇଯାଇଛି ।

## ସମ୍ପାଦକୀୟ

# ରାଜନୀତିରେ ଉତ୍ତରାଧିକାର

ରାଜନୀତିରେ ଉତ୍ତରାଧିକାର ପରମ୍ପରା ଭାରତୀୟ ଗଣତନ୍ତ୍ରରେ ଏକ ପ୍ରମୁଖ ବିଷୟ ଭାବେ ଆରମ୍ଭରୁ ଚର୍ଚ୍ଚା ହୋଇ ଆସିଛି । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କୁ ଗାନ୍ଧିଜୀଙ୍କ ରାଜନୀତିକ ଉତ୍ତରାଧିକାରୀ ବୋଲି ସେତେବେଳେ କୁହାଯାଉଥିଲା । ତାହା ଥିଲା ଅନେକାଂଶରେ ସତ । କାରଣ ଭାରତର ପ୍ରଧାନମନ୍ତ୍ରୀ ହେବାକୁ ନେହରୁଙ୍କୁ ହିଁ ଗାନ୍ଧିଜୀ କୁଆଡେ ଚାହିଁଥିଲେ । ସେତେବେଳେ ଅନେକ କଂଗ୍ରେସ ନେତା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ କୁଆଡ଼େ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଥିଲେ । ମାତ୍ର ଗାନ୍ଧିଜୀଙ୍କ ପ୍ରଭାବ ଓ ପ୍ରତଷ୍ଠା ଯୋଗୁଁ ନେହରୁ ହିଁ ଭାରତର ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ । ଗାନ୍ଧିଜୀ ହୁଏ ତ ବହୁତ ଭାବିଚିନ୍ତି ତାଙ୍କୁ ପ୍ରଧାନମନ୍ତ୍ରୀ କରିବାକୁ ଚାହିଁଥିବେ । ଗାନ୍ଧିଜୀଙ୍କ ଏପରି ନିଷ୍ପତ୍ତି କଂଗ୍ରେସ ଦଳ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳକୁ ହୁଏତ ସେତେବେଳେ ଦମନ କରି ପାରିଥିଲା । ମାତ୍ର ଗାନ୍ଧିଜୀଙ୍କ ପରେ ନେହରୁ ହିଁ ଭାରତର କେବଳ ନୁହେଁ, ସମଗ୍ର ବିଶ୍ୱରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ମୁଣ୍ଡଟେକି ଠିଆ ହୋଇଥିଲେ । ଅବଶ୍ୟ ତାଙ୍କର ଗୋଟିଏ ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ଯୋଗୁଁ ୧୯୬୨ରେ ଚୀନ ଭାରତ ଉପରେ ଆକ୍ରମଣ କଲା–ଯେତେବେଳେ ଭାରତ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିଲା । ଅନେକ କହନ୍ତି, ସର୍ଦ୍ଦାର ପଟେଲ ବଞ୍ଚି ରହି ସରକାରରେ ଥିଲେ, ଏହା ସମ୍ଭବ ହୋଇ ନଥାନ୍ତା ।

**ସେ ଯାହା ହେଉ, ଭାରତୀୟ ରାଜନୀତିରେ ଏବେ ମୋଦିଙ୍କ ଯୁଗ ଚାଲିଛି । ସମଗ୍ର ବିଶ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଷ୍ଠା ଓ ମର୍ଯ୍ୟାଦା ସହିତ ଅନ୍ୟ କୌଣସି ନେତା ସମକକ୍ଷ ହୋଇ ପାରି ନାହାନ୍ତି । ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ମୋଦିଜୀ ବିଜେପି ସରକାର ଗଠନ କରି ପାରିଛନ୍ତି । ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ତାଙ୍କରି ପରାମର୍ଶ କ୍ରମେ ଏବେ ବିହାରର ପୂର୍ବତନ ମନ୍ତ୍ରୀ ଓ ଜଣେ ଯୁବକ ନୀତିନ ନବୀନ ନିର୍ବାଚିତ ହୋଇ ପାରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ଭାରତର ପ୍ରଧାନମନ୍ତ୍ରୀ କିଏ ହେବେ ? ଏ ନେଇ ସଚେତନ ଭାରତୀୟମାନଙ୍କ ମଧ୍ୟରେ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ମାତ୍ର ଏକଦା ଓଡ଼ିଶାରେ ପ୍ରଭାବଶାଳୀ ନେତା ଥିବା ବିଜୁ ପଟ୍ଟନାୟକଙ୍କ ରାଜନୀତିକ ଉତ୍ତରାଧିକାରୀ ଭାବେ 'ବିଜୁ ଲିଗାସୀ' ନାମରେ ଏକତ୍ର ହୋଇଥିବା ନେତା ଓ ବ୍ୟକ୍ତିମାନେ ସମ୍ଭବତଃ ବିଜୁଙ୍କ ସୁପୁତ୍ର ନବୀନଙ୍କ 'ବିଜୁ ଜନତା ଦଳ' ବିରୋଧରେ ଏକପ୍ରକାର ମେଣ୍ଟ ବାନ୍ଧିଛନ୍ତି ବୋଲି ଜଣାପଡୁଛି । ତାହା ଯେ ରାଜ୍ୟରେ ବିଜେପିକୁ ପରୋକ୍ଷରେ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ ।**

ଏହି ଭୁବନେଶ୍ୱରରେ କଂଗ୍ରେସ ଅଧିବେଶନକୁ ଆସିବା ପରେ ନେହରୁଙ୍କ ସ୍ୱାସ୍ଥ୍ୟ ଭଗ୍ନ ହୋଇଥିଲା । ୧୯୬୪ ଜାନୁଆରୀ ୧୨ରେ ସେ ୬୮ତମ ଭାରତୀୟ କଂଗ୍ରେସ ଅଧିବେଶନ, ଯାହା ଭୁବନେଶ୍ୱରର ଗୋପବନ୍ଧୁ ନଗରରେ ଅନୁଷ୍ଠିତ ହୋଇଥିଲା, ସେଥିରେ ସେ ଯୋଗ ଦେଇ ପାରିଥିଲେ । ଏହା ପରେ ୧୯୬୪ ମସିହା ମେ ୨୭ ତାରିଖରେ ୭୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା । ନେହରୁ ଶେଷ ଅବସ୍ଥାରେ ଥିବା ବେଳେ ଏତେ ସକ୍ରିୟ ଭାବେ କାର୍ଯ୍ୟ କରି ପାରୁ ନଥିଲେ । ମାତ୍ର ଲାଲ ବାହାଦୂର ଶାସ୍ତ୍ରୀ ହିଁ ତାଙ୍କୁ ସବୁ ରାଜନୀତିକ କାର୍ଯ୍ୟରେ ସାହାଯ୍ୟ କରି ଆସୁଥିଲେ । ତନୟା ଇନ୍ଦିରା ଗାନ୍ଧି ମଧ୍ୟ ବିଭିନ୍ନ କାର୍ଯ୍ୟରେ, ଏକମାତ୍ର ଉତ୍ତରାଧିକାରୀ ଭାବେ ନେହରୁଙ୍କୁ ସାହାଯ୍ୟ କରୁଥିଲେ । ନେହରୁଙ୍କ ଦେହାନ୍ତ ହେବାର ପ୍ରାୟ ବର୍ଷକ ପୂର୍ବରୁ ୧୯୬୩ରେ ଜଣେ ଆମେରିକୀୟ ସାମ୍ବାଦିକ ଓ ବିଦେଶୀ ସମ୍ବାଦଦାତା ୱେଲେସ୍ ହାନଗେନ (Wells Hangen) ଲେଖିଥିବା After Nehru, Who ? (ନେହରୁଙ୍କ ପରେ କିଏ ?) ଇଂରାଜୀ ପୁସ୍ତକଟି ଖୁବ୍ ଚର୍ଚ୍ଚାକୁ ଆସିଥିଲା । ଅନେକ ନେହରୁଙ୍କ ଅନୁଗତ ଇନ୍ଦିରା ଗାନ୍ଧିଙ୍କୁ ତାଙ୍କର ରାଜନୀତିକ ଉତ୍ତରାଧିକାରୀ ଭାବେ ମନୋନୀତ କରିବାକୁ ନେହରୁଙ୍କ ଉପରେ ଚାପ ପକାଇଥିଲେ । ମାତ୍ର ନେହରୁ ସେଥିପ୍ରତି ଆଗ୍ରହ ନ ଦେଖାଇ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ କୁଆଡ଼େ ତାଙ୍କର ରାଜନୀତିକ ଉତ୍ତରାଧିକାରୀ ହେବା ଲାଗି ସୂଚନା ଦେଇଥିଲେ । ତାହା ହିଁ ହେଲା । ଶାସ୍ତ୍ରୀଜୀ ପ୍ରଧାନମନ୍ତ୍ରୀ ହେବାର ଦୁଇ ବର୍ଷ ମଧ୍ୟ ସମ୍ପୂର୍ଣ୍ଣ କରି ନାହାନ୍ତି । ଜୁନ୍ ୯ (୧୯୬୪)ରେ ସେ ପ୍ରଧାନମନ୍ତ୍ରୀ ହୋଇ ଜାନୁଆରୀ ୧୧ (୧୯୬୬) ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ ମଧ୍ୟ ଭାରତୀୟ ଜନମାନସରେ ଶାସ୍ତ୍ରୀଜୀ ଚିର ଦିନ ଜାଜ୍ୱଲ୍ୟମାନ ହୋଇ ରହିଛନ୍ତି । ଶାସ୍ତ୍ରିଜୀ ମଧ୍ୟ ତାଙ୍କର କୌଣସି ପରିବାର ଲୋକଙ୍କୁ ଉତ୍ତରାଧିକାରୀ କରି ନଥିଲେ । ମାତ୍ର ଦଳୀୟ ଚାପରେ ଇନ୍ଦିରା ଗାନ୍ଧି ହିଁ ତାଙ୍କ ପରେ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ।

ନେହରୁ ଓ ଗାନ୍ଧିଙ୍କ ଯୁଗ ଆଉ ଏବର ରାଜନୀତିରେ ନାହିଁ । ପ୍ରସିଦ୍ଧ ସାହିତ୍ୟିକ ଓ ପୂର୍ବତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର ତାଙ୍କର 'ଘରଡିହ' ଉପନ୍ୟାସର ଆଦ୍ୟ କଥନରେ ଦୁଃଖରେ ଉଲ୍ଲେଖ କରିଛନ୍ତି – 'ରାଜନୀତି ଏବେ ଅର୍ଥର ଦାସ' । ଏହି ପୁସ୍ତକଟି କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲା ଏବଂ ଏହାର ପ୍ରଥମ ଭାଗ 'ହିଡମାଟି' ଜ୍ଞାନପୀଠ ପୁରସ୍କାର ପାଇବାକୁ ଯାଉ ଯାଉ ଅଟକି ରହିଗଲା । ଜଣେ ଓଡ଼ିଆ ବୈଷୟିକ କାରଣ ଦର୍ଶାଇ ଏହାକୁ ଶେଷ ପର୍ଯ୍ୟାୟରେ କାଟି ଦେଇଥିଲେ ।

ସେ ଯାହା ହେଉ, ଭାରତୀୟ ରାଜନୀତିରେ ଏବେ ମୋଦିଙ୍କ ଯୁଗ ଚାଲିଛି । ସମଗ୍ର ବିଶ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଷ୍ଠା ଓ ମର୍ଯ୍ୟାଦା ସହିତ ଅନ୍ୟ କୌଣସି ନେତା ସମକକ୍ଷ ହୋଇ ପାରି ନାହାନ୍ତି । ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟରେ ମୋଦିଜୀ ବିଜେପି ସରକାର ଗଠନ କରି ପାରିଛନ୍ତି । ବିଜେପିର ରାଷ୍ଟ୍ରୀୟ ସଭାପତି ଭାବେ ତାଙ୍କରି ପରାମର୍ଶ କ୍ରମେ ଏବେ ବିହାରର ପୂର୍ବତନ ମନ୍ତ୍ରୀ ଓ ଜଣେ ଯୁବକ ନୀତିନ ନବୀନ ନିର୍ବାଚିତ ହୋଇ ପାରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ଭାରତର ପ୍ରଧାନମନ୍ତ୍ରୀ କିଏ ହେବେ ? ଏ ନେଇ ସଚେତନ ଭାରତୀୟମାନଙ୍କ ମଧ୍ୟରେ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି । ମାତ୍ର ଏକଦା ଓଡ଼ିଶାରେ ପ୍ରଭାବଶାଳୀ ନେତା ଥିବା ବିଜୁ ପଟ୍ଟନାୟକଙ୍କ ରାଜନୀତିକ ଉତ୍ତରାଧିକାରୀ ଭାବେ 'ବିଜୁ ଲିଗାସୀ' ନାମରେ ଏକତ୍ର ହୋଇଥିବା ନେତା ଓ ବ୍ୟକ୍ତିମାନେ ସମ୍ଭବତଃ ବିଜୁଙ୍କ ସୁପୁତ୍ର ନବୀନଙ୍କ 'ବିଜୁ ଜନତା ଦଳ' ବିରୋଧରେ ଏକପ୍ରକାର ମେଣ୍ଟ ବାନ୍ଧିଛନ୍ତି ବୋଲି ଜଣାପଡୁଛି । ତାହା ଯେ ରାଜ୍ୟରେ ବିଜେପିକୁ ପରୋକ୍ଷରେ ସାହାଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ



**ଡ. ମୁକେଶ ମହାଲିଙ୍ଗ**

ଆମ ସମାଜକୁ ଏକତାର ସୂତ୍ରରେ ସୁସଂଗଠିତ କରିବା ସହ ସୁସ୍ଥ ଓ ସମୃଦ୍ଧ ବିକାଶ ପାଇଁ ଦୁଇଟି ଅତ୍ୟନ୍ତ ଆବଶ୍ୟକ ମୂଳ ତତ୍ତ୍ୱ ହେଉଛି ସମରସତା ଓ ସାମାଜିକ ନ୍ୟାୟ। ଜାତିଗତ, ଭାଷାଗତ, ବର୍ଣ୍ଣଗତ, ଲିଙ୍ଗଗତ ବିବିଧତାରେ ପୂର୍ଣ୍ଣ ସମାଜରେ, ବିବିଧତା ଆମର ଶକ୍ତି ହେଲେ ମଧ୍ୟ, ଯଦି ସମରସତା ନଥାଏ ତେବେ ଏହା ଦ୍ୱନ୍ଦ୍ୱ ଓ ଅସମ୍ମତିର କାରଣ ହୋଇପାରେ। ସେହିପରି ସମସ୍ତଙ୍କୁ ସମାନ ଅଧିକାର ଓ ସୁଯୋଗ ଦେବା ହେଉଛି ସାମାଜିକ ନ୍ୟାୟ । ଶିକ୍ଷା, ନିଯୁକ୍ତି ଓ ସ୍ୱାସ୍ଥ୍ୟ ସେବାରେ ସମାନ ଅବସର ସାମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରେ। ଏହା ଆର୍ଥିକ ସ୍ଥିତି ଆଧାରରେ ମଧ୍ୟ ସମାଜର ଭେଦଭାବକୁ ଦୂର କରିଥାଏ। ଏହି ବ୍ୟବଧାନକୁ ଦୂର କରି ସମାଜର ଅବହେଳିତ ଓ ନିଷ୍ପେସିତ ବର୍ଗକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ହେଉଛି ସାମାଜିକ ନ୍ୟାୟର ମୂଳ ଲକ୍ଷ୍ୟ। ଯେତେବେଳେ ସାମାଜିକ ନ୍ୟାୟ ପ୍ରତିଷ୍ଠା ହୁଏ, ସେତେବେଳେ 'ସମରସତା' ବା ସାମାଜିକ ଏକତା ଓ ସଦ୍ଭାବନାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୁଏ। ଯେଉଁଠାରେ ସାମାଜିକ ନ୍ୟାୟ ରହେ, ସେଠାରେ ସମରସତା ସ୍ୱତଃସ୍ଫୂର୍ତ୍ତ ଭାବେ ବିକଶିତ ହୁଏ ଏବଂ ଯେଉଁଠାରେ ସମରସତା ରହେ, ସେଠାରେ ନ୍ୟାୟ ସ୍ଥାପିତ କରିବା ସହଜ ହୁଏ। ଏହି ଦୁଇଟି ମୂଳ ତତ୍ତ୍ୱ ମିଶି ଏକ ରାଷ୍ଟ୍ରକୁ ଶାନ୍ତିପୂର୍ଣ୍ଣ ଓ ଶକ୍ତିଶାଳୀ କରନ୍ତି ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଆମ ସରକାର ଏହାକୁ ଅନୁଭବ କରି ଓଡ଼ିଶାରେ ସମରସତା ଓ ସାମାଜିକ ନ୍ୟାୟକୁ ନବ ଦିଗନ୍ତ ଦେବାକୁ ଯାଉଛନ୍ତି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ ଶ୍ରେଣୀରେ ଥିବା କୌଣସି ଛାତ୍ରଛାତ୍ରୀ ମେଡିକାଲ ଓ ଇଞ୍ଜିନିୟରିଂ ପରି ବୃତ୍ତିଗତରୁ ବଞ୍ଚିତ ହେବେ ନାହିଁ, ତାହାକୁ ସୁନିଶ୍ଚିତ କରିବାକୁ ଯାଇ ପ୍ରଥମ ଥର ପାଇଁ ୧୧.୨୫% ଏସଇବିସି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଗତ ଏପ୍ରିଲ ୪ ତାରିଖରେ ଏହାକୁ ରାଜ୍ୟ କ୍ୟାବିନେଟର ସ୍ୱୀକୃତି ମିଳିଛି । ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଯାଇ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି (ଏସଟି) ସଂରକ୍ଷଣ ସୀମାକୁ ୧୨%ରୁ ୨୨.୫୦%, ଅନୁସୂଚିତ ଜାତି (ଏସସି) ସଂରକ୍ଷଣ ସୀମାକୁ ୮%ରୁ ୧୬.୨୫% ବୃଦ୍ଧି କରାଯାଇଛି। ଆଇଟିଆଇ, ପଲିଟେକନିକ୍, ଇଂଜିନିୟରିଂ, ମେଡିକାଲ, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସୀ, ଆୟୁର୍ବେଦିକ ଓ ହୋମିଓପାଥି ପାଠ୍ୟକ୍ରମରେ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହ କୃଷି ବିଜ୍ଞାନ, ମ୍ୟାନେଜମେଣ୍ଟ, ଆର୍କିଟେକ୍ଚର୍ ଓ ସିନୋମାଟିକ୍ ଆର୍ଟସ କ୍ଷେତ୍ରରେ ମଧ୍ୟ ଏହା ଅନୁରୂପ ଭାବେ ଲାଗୁ ହେବଛ ତେବେ ଗତବର୍ଷ ୧୪ ମଇ ୨୦୨୫ରେ କେବଳ ଉଚ୍ଚଶିକ୍ଷା ପାଇଁ ସରକାରୀ ବିଶ୍ୱବିଦ୍ୟାଳୟ, ସ୍ନାତକ ଓ ସ୍ନାତକୋତ୍ତର ମହାବିଦ୍ୟାଳୟ, ଆଇନ ଏବଂ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ମାନଙ୍କରେ ପ୍ରଥମ ଥର ପାଇଁ ୧୧.୨୫% ଏସଇବିସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇଥିଲା ।

ଶିକ୍ଷକ କ୍ୟାଡର ସଂରକ୍ଷଣ କ୍ଷେତ୍ରରେ ଦୂରଦର୍ଶୀ ପଦକ୍ଷେପ ନେଇ ଆମ ସରକାର ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ ଅଧିନିୟମ –୨୦୨୬ କାର୍ଯ୍ୟକାରୀ କରିଛନ୍ତି । ଏହା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଏବଂ ଏସଇବିସି ବର୍ଗ ଓ ମହିଳା ମାନଙ୍କ ପ୍ରତିନିଧିତ୍ୱକୁ ଗୁରୁତ୍ୱ ଦେବ। ରାଜ୍ୟରେ ସରକାରୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ଭିତ୍ତିକ ସଂରକ୍ଷଣ ପ୍ରଣାଳୀକୁ ଉଚ୍ଛେଦ କରାଯାଇ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରାଯିବ। ପୂର୍ବରୁ କୌଣସି ବିଭାଗରେ ଯଦି ଗୋଟିଏ ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା କରାଯାଏ ତେବେ ସେଥିରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରୁନଥିଲା, ଯାହାକି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଏସଇବିସି ବର୍ଗ ଓ ମହିଳାଙ୍କ ପାଇଁ ବଡ ଅସଙ୍ଗତି ରହିଥିଲା। କିନ୍ତୁ ଏବେ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କଲେ ସମାନ ସୁଯୋଗର ପରିବେଶ ସୃଷ୍ଟି ହେବ। ଗତ ୩୧ ମାର୍ଚ୍ଚରେ ଏହି ବିଧେୟକ ଉପରେ ବିଧାନସଭାରେ ମଧ୍ୟରାତ୍ର ପର୍ଯ୍ୟନ୍ତ ବ୍ୟାପକ ଆଲୋଚନା ହୋଇ ଗୃହରେ ପାରିତ ହୋଇଥିଲା । ଏହି ଅଧିନିୟମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଅବହେଳିତ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେବ। ମହିଳା ମାନଙ୍କୁ ସମାଜର ଶୀର୍ଷ ସ୍ଥାନ ଦେବା ଆମ ପରମ୍ପରା ଓ ସଂସ୍କୃତିରେ ରହିଛି। ଆମେରିକା ସ୍ୱାଧୀନତାର ବହୁ ଦଶନ୍ଧି ପରେ ୧୯୨୦ରେ ଯାଇ ମହିଳା ମାନଙ୍କୁ ଭୋଟ ଦେବାର ଅଧିକାର ଦେଲା। ହେଲେ ଆମ ଦେଶରେ ସ୍ୱାଧୀନତା ପୂର୍ବରୁ ମଧ୍ୟ ରାଣୀ ଲକ୍ଷ୍ମୀବାଇ, ରାଣୀ ପଦ୍ମିନୀ, ରାଣୀ ଦୁର୍ଗାବତୀ, ଅହଲ୍ୟାବାଈ ହୋଲକରଙ୍କ ପରି ମହିୟସୀ ମାନେ ଶାସନ ଗାଦିରେ ଅଭିଷିକ୍ତ ହୋଇ ଦେଶ ଓ ଧର୍ମର ରକ୍ଷା ପାଇଁ ସଂଘର୍ଷ କରିଛନ୍ତି। ତାହାକୁ ପାଥେୟ ଶାସନତନ୍ତ୍ରରେ ମହିଳାଙ୍କ ସହଭାଗୀତାକୁ ସମ୍ମାନ ଦେବାପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାର୍ଗଦର୍ଶନରେ କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ୨୦ ସେପ୍ଟେମ୍ବର ୨୦୨୩ରେ ଲୋକସଭା ଏବଂ ୨୧ ସେପ୍ଟେମ୍ବର ୨୦୨୩ରେ ରାଜ୍ୟସଭାରେ ଏହା ସର୍ବସମ୍ମତି କ୍ରମେ ଏହା ପାରିତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ୧୦୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଭାବରେ ସରକାରୀ ଗେଜେଟ୍ ପ୍ରକାଶିତ ହୋଇଥିଲା। ଏହା ଉପରେ ଆହୁରି ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପାଇଁ ଏବେ ୧୬ ରୁ ୧୮ ଏପ୍ରିଲ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ଅନୁସାରେ ଭାରତର ମୋଟ ମତଦାତାମାନଙ୍କ ମଧ୍ୟରେ ୪୮. ୬୨% ମହିଳା ମତଦାତା ଅଛନ୍ତି। ଦେଶରେ ମହିଳା ମତଦାତାଙ୍କ ସଂଖ୍ୟା ପ୍ରାୟ ୪୭ କୋଟିରୁ ଅଧିକ। ଲିଙ୍ଗ ଭିନ୍ନତା ଧୀରେ ଧୀରେ କମୁଥିବାରୁ ପ୍ରତି ୧୦୦୦ ପୁରୁଷ ମତଦାତା ଅନୁପାତରେ ୯୪୬ ମହିଳା ଅଛନ୍ତି। ଭୋଟଦାନ ହାର ମଧ୍ୟ ଏହି ବୃଦ୍ଧିଶୀଳ ସଂଲଗ୍ନତାକୁ ପ୍ରତିଫଳିତ କରୁଛି ୨୦୨୪ରେ ୬୫.୭୮% ମହିଳା ଭୋଟ ଦେଇଥିଲେ, ଯାହା ପୁରୁଷମାନଙ୍କ ଠାରୁ ଅଧିକ। ୧୯୫୨ ମସିହାରେ ଲୋକସଭାରେ ୨୨ ଜଣ ମହିଳା ସାଂସଦ ଥିଲେ, ଯାହା ୨୦୨୪ରେ ୭୫କୁ ବଢ଼ିଛି। ରାଜ୍ୟସଭାରେ ମହିଳାମାନେ ଏବେ ମୋଟ ସଦସ୍ୟଙ୍କ ପ୍ରାୟ ୧୭% ଅଂଶର ଦାବିଦାର। ପଞ୍ଚାୟତିରାଜ ବ୍ୟବସ୍ଥାରେ ବର୍ତ୍ତମାନ ୪୬% ଅର୍ଥାତ ୧୪.୫ ଲକ୍ଷରୁ ଅଧିକ ମହିଳା ନିର୍ବାଚିତ ପ୍ରତିନିଧି ସ୍ଥାନୀୟ ଶାସନରେ ଅଂଶଗ୍ରହଣ କରୁଛନ୍ତି। ଏହି ତଥ୍ୟ ଏହା ଦର୍ଶାଉଛି ଯେ ମହିଳାମାନେ କିପରି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ସକ୍ରିୟ ହେଉଛନ୍ତି, କିନ୍ତୁ ସେହି ପରିମାଣରେ ତାଙ୍କୁ ସୁଯୋଗ ମିଳି ପାରୁନଥିବା ବେଳେ ନାରୀଶକ୍ତି ବନ୍ଦନ ଅଧିନିୟମ ମହିଳା ମାନଙ୍କୁ ଶାସନ କ୍ଷମତାରେ ପର୍ଯ୍ୟାପ୍ତ ସୁଯୋଗ ଦେବ। ଏହି ଅଧିନିୟମ ଲୋକସଭା ଓ ରାଜ୍ୟ ବିଧାନସଭାରେ ଏକ–ତୃତୀୟାଂଶ (୩୩%) ସ୍ଥାନ ମହିଳାଙ୍କ ପାଇଁ ସୁରକ୍ଷିତ କରିବ। ଏହା ମହିଳାମାନଙ୍କୁ କେବଳ ମତଦାତା ଭାବେ ନୁହେଁ, ବରଂ ଦେଶର ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ନିଷ୍ପତ୍ତି ଗ୍ରହଣକାରୀ ଭାବେ ଗଢ଼ି ତୋଳିବାରେ ସହାୟକ ହେବ।

ବିଭିନ୍ନତାରେ ଏକତା ଭାରତର ବିଶେଷତା ସମରସତା ଓ ସାମାଜିକ ନ୍ୟାୟର ନୂତନ ସୂର୍ଯ୍ୟୋଦୟ କେବଳ ସରକାରଙ୍କ ଦ୍ୱାରା ସମ୍ଭବ ନୁହେଁ । ଏହାର ପରିଭାଷା ବଦଳିଛି, ଏଥିପାଇଁ ସମାଜର ପ୍ରତ୍ୟେକ ବ୍ୟକ୍ତିର ମାନସିକତା ପରିବର୍ତ୍ତନ ଆବଶ୍ୟକତା ଅଛି। ବର୍ତ୍ତମାନ ଏହା କେବଳ ଆଇନଗତ ଅଧିକାର ନୁହେଁ ବରଂ ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ସଶକ୍ତିକରଣ, ରୋଜଗାର, ପ୍ରତିନିଧିତ୍ୱ ସମସ୍ତ କ୍ଷେତ୍ରରେ ସବୁ ବର୍ଗର ଲୋକମାନଙ୍କୁ ଯୋଡ଼ିବାର ମାଧ୍ୟମ। ଯେଉଁଦିନ ଆମେ ସମସ୍ତେ ମାନବ ସମ୍ବଳର ବିକାଶ ପାଇଁ ଏକାଠି କାମ କରିବା, ସେହିଦିନ ହିଁ ସମରସତା ଓ ସାମାଜିକ ନ୍ୟାୟର ପ୍ରକୃତ ଉଦ୍ଦେଶ୍ୟ ସଫଳ ହେବ।

**କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର**

# ଭୂ–ଦାନରୁ ଭୂ–ମୁକ୍ତି

**ଶ୍ରୀ ଡଗର**

ଭାରତବର୍ଷରେ ଏପରି କିଛି ପ୍ରସଙ୍ଗ ରହିଛି, ଯାହା ପ୍ରମୁଖ ସମସ୍ୟା ହୋଇଥିଲେ ମଧ୍ୟ, ତା'ର ସମାଧାନ ହୋଇପାରି ନାହିଁ । ଏପରି ପ୍ରସଙ୍ଗଗୁଡିକ ମଧ୍ୟରେ ଗୋଟିଏ ହେଉଛି ଜମି ବା ମାଟି । ମାଟି, ପାଣି, ପବନ ଯାହାକୁ ମଣିଷ ସୃଷ୍ଟି କରିନାହିଁ, ମାତ୍ର ତା'ର ବିନାଶ କରିବାରେ ଅବଶ୍ୟ କୌଣସି ପଦକ୍ଷେପ ଏ ମଣିଷ ଛାଡୁନାହିଁ । ଏହି କାରଣରୁ ମାଟି ସମସ୍ୟା ଦିନକୁ ଦିନ ଅଧିକରୁ ଅଧିକ ଜଟିଳ ହୋଇଚାଲିଛି । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଭାରତ ରାଜନୀତିକ ସ୍ୱାଧୀନତା ହାସଲ କଲାପରେ ଏହାର ଅର୍ଥନୈତିକ ସ୍ୱାଧୀନତା ପାଇଁ ଚିନ୍ତା କରାଯାଇଥିଲା । ଗାନ୍ଧିଜୀଙ୍କ ଡାକରାରେ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିବା ପ୍ରଥମ ସତ୍ୟାଗ୍ରହୀ, ଗାନ୍ଧିଜୀଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ନରହରି ବିନାୟକ ଭାବେ ବା ବିନୋବା ଭାବେ ।

ବିନୋବା ଅର୍ଥନୈତିକ ବୈଷମ୍ୟ ଦୂର କରିବାକୁ, ଦେଶରେ ସମାତନା ପ୍ରତିଷ୍ଠା ପାଇଁ ଭୂ ସମସ୍ୟାକୁ ହାତକୁ ନେଇଥିଲେ । ସ୍ୱାଧୀନତା କାଳରେ ଦେଶରେ ଭୂମିହୀନଙ୍କ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ରହିଥିଲା । ଏତେ ଲୋକଙ୍କ ପାଖରେ ଯଦି ଭୂ–ସମ୍ପତ୍ତି ନ ରୁହେ, ତେବେ ଦେଶରେ ସମାନତା ଆସିବ କିପରି ? ବୈଷମ୍ୟ ଦୂର ହେବ କିପରି? ଏହି ପ୍ରଶ୍ନ ବିନୋବାଙ୍କ ମନକୁ ଆସିଥିଲା । ସେହି ସମୟରେ ଦକ୍ଷିଣ ଭାରତରେ ଭୂମିକୁ ନେଇ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହୋଇ ଯାଇଥିଲା ।

ଉପୁଜିଥିବା ସଙ୍କଟର ସମାଧାନ ପାଇଁ ବିନୋବା ଯାଇ ପହଁଚିଲେ ତେଲେଙ୍ଗାନାରେ ଓ ସେଠାରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ହିଂସାକୁ ବନ୍ଦ କରି ଅହିଂସା ସମାଜ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ । ବିନୋବାଙ୍କ ଏହି ଉଦ୍ୟମରୁ ଆରମ୍ଭ ହୋଇଥିଲା ଭୂଦାନ ଆନ୍ଦୋଳନ । ସେଥିପାଇଁ ଭୂ–କ୍ରାନ୍ତି ବା ଭୂଦାନ ଆନ୍ଦୋଳନର ଜନକ ଭାବେ ବିନୋବା ପରିଚିତ ।

ଆଜିକୁ ୭୫ ବର୍ଷ ପୂର୍ବେ–ସେ ଦିନ ଥିଲା ୧୮ ଏପ୍ରିଲ ୧୯୫୧ ମସିହା । ସେହି ଦିନ ତେଲେଙ୍ଗାନାର ପୋଞ୍ଚମପଲ୍ଲୀ ଗାଆଁରେ ଭୂଦାନ ଆନ୍ଦୋଳନର ଅୟମାରମ୍ଭ ହୋଇଥିଲା । ବିନୋବା ଯେତେବେଳେ ହିଂସାଗ୍ରସ୍ତ ତେଲେଙ୍ଗାନାରେ ପଦଯାତ୍ରା କରୁଥିଲେ ଓ ଲୋକମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଥିଲେ, ସେତେବେଳେ ସେ ଲୋକମାନଙ୍କୁ ତାଙ୍କର ସମସ୍ୟା ବିଷୟରେ ପଚାରିଥିଲେ, କେଉଁ କାରଣରୁ ହିଂସା ହେଉଛି ତାହା ଜାଣିବାକୁ ଉଦ୍ୟମ କରିଥିଲେ । ପୋଞ୍ଚମପଲ୍ଲୀର ସଭାରେ ଏପରି ଏକ ପ୍ରଶ୍ନର ଜବାବରେ ବିନୋବାଙ୍କୁ ଜଣେ ଗ୍ରାମବାସୀ ଜମି ମାଗିଥିଲେ । ଆମକୁ କିଛି ଜମି ଦିଆଯାଉ, ଆମେ ଆମ ଜମିରେ ଚାଷବାସ କରି ଜୀବନ ନିର୍ବାହ କରିବୁ, ଆଉ ହିଂସା ହେବ ନାହିଁ । ଭୂମିହୀନ ଗ୍ରାମବାସୀଙ୍କ ପ୍ରଶ୍ନ ବିନୋବାଙ୍କୁ ଚିନ୍ତାରେ ପକାଇଥିଲା । ବିନୋବା ଏହି ଜଟିଳ ସମସ୍ୟାର ସରଳ ସମାଧାନ ପାଇଁ ଉପସ୍ଥିତ ଲୋକମାନଙ୍କୁ ଜମି ମାଗିଥିଲେ । ଏପରି କେହି ବ୍ୟକ୍ତି ଏଠାରେ ଅଛନ୍ତି, ଯିଏ ବିନୋବାଙ୍କୁ ଭୂସମ୍ପତ୍ତି ଦାନକରି ପାରିବେ ? ବିନୋବାଙ୍କ ଏହି ଅନୁରୋଧ ସେ ସଭାରେ ଉପସ୍ଥିତ ଥିବା ଜମିଦାର ବି. ରାମଚନ୍ଦ୍ର ରେଡ୍ଡୀଙ୍କୁ ପ୍ରଭାବିତ କଲା । ସେ ବିନୋବାଙ୍କୁ ୧୦୦ ଏକର ଜମି ଦାନ କଲେ । ରାମଚନ୍ଦ୍ର ରେଡ୍ଡୀଙ୍କ ପ୍ରଥମ ଭୂଦାନରୁ ଭୂକ୍ରାନ୍ତି ଆରମ୍ଭ ହେଲା । ଏହି ଆନ୍ଦୋଳନ ସାରା ଭାରତରେ ପ୍ରସାରିତ ହେଲା, ଏପରି କି ପାକିସ୍ତାନ ଓ ଚୀନରେ ବି ଭୂଦାନ ସ୍ୱର ସୃଷ୍ଟି ହେଲା ।

ବିନୋବା ଭୂଦାନ ଯାତ୍ରାରେ ଓଡ଼ିଶାରେ ଆସି ପହଁଚିଲେ ୧୯୫୫ ମସିହାରେ । କିନ୍ତୁ ଏହାର ବହୁ ପୂର୍ବରୁ ଓଡ଼ିଶାରେ ଭୂଦାନ ଆନ୍ଦୋଳନ ଆରମ୍ଭ ହୋଇ ଯାଇଥିଲା ଓ ଏହାର ନେତୃତ୍ୱ ଗୋପବନ୍ଧୁ ଚୌଧୁରୀ, ମାଆ ରମାଦେବୀ, ଆଚାର୍ଯ୍ୟ ହରିହର ଆଦି ସର୍ବୋଦୟ ସାଧକମାନେ ନେଇଥିଲେ । ଓଡ଼ିଶାରେ ବିନୋବାଙ୍କର ଦୁଇଥର ଭୂଦାନ ପଦଯାତ୍ରା ଏବଂ ଅନ୍ୟମାନଙ୍କ ଉଦ୍ୟମରୁ, ଭୂଦାନ ଯଜ୍ଞ ସମିତି ମାଧ୍ୟମରେ ୪୨ ହଜାର ହେକ୍ଟର ଜମି ଭୂଦାନରେ ମିଳିଥିଲା, ଯାହାକୁ ଭୂମିହୀନ ଗରିବଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ଭୂଦାନରୁ ଗ୍ରାମଦାନ ଆନ୍ଦୋଳନ, ପରେ ଜିଲ୍ଲାଦାନ ଓ ରାଜ୍ୟଦାନ ଆଦି ଆନ୍ଦୋଳନ ମାଧ୍ୟମରେ ସାରା ଭାରତରୁ ଭୂମିହୀନଙ୍କୁ ଜମିଦେବା, ସେମାନଙ୍କ ଜୀବନ ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ବିନୋବାଙ୍କ ଏହି ପ୍ରୟାସ ସଫଳ ହୋଇଥିଲା । ଉତ୍ତର ପ୍ରଦେଶର ମଙ୍ଗରୋଠରୁ ଗ୍ରାମଦାନ ଆରମ୍ଭ ହୋଇଥିଲାବେଳେ ଓଡ଼ିଶାର କେନ୍ଦ୍ରାପଡାର ମାନପୁର ଥିଲା ଦ୍ୱିତୀୟ ଗ୍ରାମଦାନର ଗାଁ ଏବଂ ଏହି ଆନ୍ଦୋଳନ ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ

**ଉତ୍ତର ପ୍ରଦେଶର ମଙ୍ଗରୋଠରୁ ଗ୍ରାମଦାନ ଆରମ୍ଭ ହୋଇଥିଲାବେଳେ ଓଡ଼ିଶାର କେନ୍ଦ୍ରାପଡାର ମାନପୁର ଥିଲା ଦ୍ୱିତୀୟ ଗ୍ରାମଦାନର ଗାଁ ଏବଂ ଏହି ଆନ୍ଦୋଳନ ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ବ୍ୟାପକଭାବେ ହୋଇଥିଲା ଏବଂ ଭୂସମସ୍ୟାର ଏକ ସ୍ଥାୟୀ ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ହୋଇଯାଇଥିଲା । ମାତ୍ର ଭୂଦାନର ସରକାରୀକରଣ ଓ ସର୍ବୋଦୟ ପରିବାର ଦୁଇଭାଗ ହୋଇଯିବା ପରେ ଭୂଦାନ ଆନ୍ଦୋଳନ ଏକପ୍ରକାର ଶେଷ ହୋଇ ଯାଇଥିଲା ।**

କୋରାପୁଟ ଜିଲାରେ ବ୍ୟାପକଭାବେ ହୋଇଥିଲା ଏବଂ ଭୂସମସ୍ୟାର ଏକ ସ୍ଥାୟୀ ସମାଧାନ ଦିଗରେ ସକାରାତ୍ମକ ପଦକ୍ଷେପ ହୋଇଯାଇଥିଲା । ମାତ୍ର ଭୂଦାନର ସରକାରୀକରଣ ଓ ସର୍ବୋଦୟ ପରିବାର ଦୁଇଭାଗ ହୋଇଯିବା ପରେ ଭୂଦାନ ଆନ୍ଦୋଳନ ଏକପ୍ରକାର ଶେଷ ହୋଇ ଯାଇଥିଲା । ଅବିଭକ୍ତ ବିହାର ପରି ଅତି ଗରିବ ରାଜ୍ୟରେ, ଯେଉଁଠି ଏକଦା ଗାନ୍ଧିଜୀଙ୍କ ଡାକରାରେ ଚମ୍ପାରଣ ଭୂ–ସତ୍ୟାଗ୍ରହ ସଫଳ ହୋଇଥିଲା ସେହି ବିହାରରୁ ଦେଶର ସର୍ବାଧିକ ଭୂଦାନ ମିଳିଥିଲା । ବିନୋବା ପ୍ରତ୍ୟେକ ପରିବାରର ସଦସ୍ୟ ଭାବେ ତାଙ୍କର ଭାଗ ଚାହିଁଥିଲେ ଏବଂ ପରିବାରର ଛଅ ଭାଗରୁ ଏକ ଭାଗ ଜମି ମାଗୁଥିଲେ ।

ଆଜିର ଭୂ–ସମସ୍ୟା ଅତ୍ୟନ୍ତ ଜଟିଳ । ଭୂଦାନରେ ଗରିବ ଭୂମିହୀନ ଲୋକଙ୍କୁ ଜମି ଦିଆଯାଉଥିଲା । ହେଲେ ଆଜି ଲୋକଙ୍କ ଠାରୁ ସେମାନଙ୍କର ଇଛା ବିରୋଧରେ ମଧ୍ୟ ଜମି ଛଡାଇ ନିଆଯାଉଛି । ଈଶ୍ୱର ଆଜି କମ୍ପାନୀ ଭୂମିକାରେ ହର୍ତ୍ତା, କର୍ତ୍ତା, ଦୈବ ବିଧାତା ହୋଇଯାଇଛନ୍ତି ଓ ଏହି କମ୍ପାନୀର ମାଲିକ ଜାଣି ସବ୍ କା ମାଲିକ୍ ହୋଇ ଯାଇଛନ୍ତି । ଆଧ୍ୟାତ୍ମିକ ଭୂମି ଭାରତ ଓ ଈଶ୍ୱର ବିଶ୍ୱାସୀ କୋଟି କୋଟି ଭାରତବାସୀଙ୍କୁ ଭୋଗବାଦୀ, ବସ୍ତୁକୈନ୍ଦ୍ରିକ ଓ ପଙ୍ଗୁ କରି ଦିଆଯାଉଛି । ଏହାର କେନ୍ଦ୍ରରେ ରହିଛି ଭୂମି ବା ଭୂ–ସମ୍ପତ୍ତି । ଲୋକଙ୍କ ଜମି ସରକାରଙ୍କ ଭୂ–ବ୍ୟାଙ୍କରେ ବନ୍ଧା ପଡ଼ିଛି, ସରକାର ସେହି ଜମିକୁ କମ୍ପାନୀ ହାତରେ ଟେକି ଦେଉଛନ୍ତି । କମ୍ପାନୀ ହାତରୁ ଜମିକୁ ଫେରାଇ ଆଣିବା, ଭୂ–ମୁକ୍ତିର ଆବଶ୍ୟକତା ନାହିଁ କି? ଜମିକୁ ଉଦ୍ଧାର କରିବା ଜରୁରୀ ନୁହେଁ କି ? ଭୂମିର ସ୍ୱାଧୀନତା ଆଜି ଲୋଡା ନାହିଁ କି?

ସେହିପରି ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଖାଦ୍ୟ ସଙ୍କଟ ସମସ୍ୟାରୁ ଅଧିକ ଉତ୍ପାଦନକୁ ଦୃଷ୍ଟିରେ ରଖି ଯେଉଁ ଉପାୟ ବିଦେଶୀ ବିଶେଷଜ୍ଞ ଓ କମ୍ପାନୀମାନଙ୍କ ପ୍ରରୋଚନାରେ ପଡ଼ି କରାଯାଉଛି, ତାହା ଶରୀରକୁ ରୋଗଗ୍ରସ୍ତ କରିବା ସଙ୍ଗେ ସଙ୍ଗେ ମାନବ ସମାଜର ବିଲୟର କାରଣ ହୋଇଯାଇଛି । ରାସାୟନିକ କୃଷି ବା କୃଷିର ରସାୟନୀକରଣ, ଜମିରେ ରାସାୟନିକ ସାର ଓ ରାସାୟନିକ କୀଟନାଶକର ବ୍ୟାପକ ବ୍ୟବହାର ଯୋଗୁଁ ଜୀବନ ବିଷାକ୍ତ ହୋଇଯାଉ ଥିଲାବେଳେ ମାଟି ବନ୍ଧ୍ୟା ହେବାକୁ ବସିଲାଣି । ରାସାୟନିକ କୃଷି ଫଳରେ ଜମି ତା'ର ଉର୍ବରତା ହରାଇବା ସହିତ ଭୂ–ପରିବେଶ ଜହର ପାଲଟି ଯାଇଛି । ମାଟି ମାଆକୁ ଏହି ବିଷ ପ୍ରକ୍ରିୟାରୁ ମୁକ୍ତ କରିବା ଜରୁରୀ ନୁହେଁ କି? ଶରୀରକୁ ରୋଗମୁକ୍ତ କରିବା ଜରୁରୀ ନୁହେଁ କି?

ଗୋଟିଏ ଉଦାହରଣ ଏଠାରେ ନିଆଯାଇ ପାରେ । ଗୁଜରାଟ ପ୍ରଦେଶରେ ଭାସ୍କର ସାଭେ ନାମକ ଜଣେ ଚାଷୀ ଥିଲେ, ଯିଏ ପ୍ରଥମେ ରାସାୟନିକ କୃଷି କରୁଥିଲେ ଓ ପ୍ରଚୁର ଲାଭ ପାଉଥିଲେ ମାତ୍ର ଯେତେବେଳେ ସେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧିଙ୍କ କୃଷି ବିଚାର ବିଷୟରେ ଜାଣିଲେ ସେତେବେଳେ ତାଙ୍କର ଜୀବନର ମାର୍ଗ ବଦଳିଗଲା । ଗାନ୍ଧିଜୀ ରଚନାତ୍ମକ କାମ ଭାବରେ ୧୮ଟି କାମର ଅବତାରଣା କରିଥିଲେ ଓ ଏଥିରେ କୃଷି ଏକ ପ୍ରମୁଖ ରଚନାତ୍ମକ କାମ । ଗାନ୍ଧିଜୀଙ୍କ ବହି ପଢିବା ପରେ ଭାସ୍କର ସାଭେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ୧) ମାଟିରେ ପାରସ୍ପରିକ ଲାଭ ସହିତ ସୁସଙ୍ଗତ ସହଭାଗିତା ଥିବା ଅଣୁଜୀବକୁ ମାରିବା ପାଇଁ କୃତ୍ରିମ ଉପାୟ ବ୍ୟବହାର କରାନଯାଉ । ୨) ପୃଥିବୀ ମାଆର ସବୁକିଛି ଦରକାର, କିଛି ବର୍ଜ୍ୟ ନୁହେଁ । ୩) ଚାଷ କରିବା ମଣିଷର ବ୍ୟବସାୟ ନୁହେଁ, ଏହା ମଣିଷର ନୈତିକ କର୍ତ୍ତବ୍ୟ । ୪) ସବୁ ପ୍ରକୃତିର ଇଛା । ମଣିଷ କେବଳ ଶ୍ରମିକ । ମଣିଷମାନଙ୍କର ଅଧିକାର ସୀମିତ । ସେ କେବଳ ତା'ର ଆବଶ୍ୟକତା ଅନୁଯାୟୀ ଗ୍ରହଣ କରିବ । ୫) ବ୍ୟଗ୍ର ହୁଅ ନାହିଁ । ପ୍ରକୃତି ନିଜେ କିଛି କରେ ନାହିଁ । ମାଟିର ଜୀବନ ଅଛି । ମାଟି ସହିତ ବାର୍ତ୍ତାଳାପ କର ।

ଗାନ୍ଧିଜୀଙ୍କର ଏହି ସିଦ୍ଧାନ୍ତକୁ ଗ୍ରହଣ କରି ଭାସ୍କର ସାଭେ ପ୍ରାକୃତିକ କୃଷିର ଉପାସକ ହେଲେ । ତାଙ୍କୁ ଲୋକେ ପ୍ରାକୃତିକ କୃଷିର ଗାନ୍ଧି ବୋଲି ବିବେଚନା କଲେ । ଦେଶ ଓ ବିଦେଶରୁ ତାଙ୍କୁ ସମ୍ମାନିତ କରାଗଲା । ଆଜି ଭାସ୍କର ସାଭେ ନାହାନ୍ତି ସତ ହେଲେ ତାଙ୍କର ଜୈବିକ କୃଷିର ପ୍ରୟୋଗଶାଳା କଳ୍ପବୃକ୍ଷ ଏବେବି ରହିଛି ଓ ଭାରତରେ ପ୍ରାକୃତିକ କୃଷି ବା ପରମ୍ପରାଗତ କୃଷିର ଜନକଙ୍କୁ ମନେ ପକାଉଛି ଏବଂ ରାସାୟନିକ କୃଷିର ବିକଳ୍ପ ବାଟ ଦେଖାଉ ଥିଲାବେଳେ ବିଷ ପ୍ରକ୍ରିୟାରୁ ମାଟି ମାଆକୁ ମୁକ୍ତ କରିବାର ଉପାୟ ମଧ୍ୟ ମିଳିଯାଇଛି । ପ୍ରାକୃତିକ କୃଷିର ଗାନ୍ଧି ଭାସ୍କର ସାଭେ କହନ୍ତି– ମାଟି ଗଠନ ହେବା ପାଇଁ କୋଟି କୋଟି ବର୍ଷ ଲାଗିଛି, ମାଟିକୁ କଷ୍ଟଦେବା ଉଚିତ ନୁହେଁ । ମାଟିକୁ କ୍ଷତି ପହଁଚାଇବା ହେଲା ପ୍ରକୃତିର ସଂସ୍କୃତିର ବିରୋଧ । ସହଯୋଗ ପ୍ରକୃତିର ସିଦ୍ଧାନ୍ତ । ମଣିଷକୁ ଛାଡି କେହି ଅନାହାରରେ ରହୁନାହିଁ । ମାଟି, ପାଣି, ପବନ ପ୍ରକୃତିର ଉପାଦାନ, ପ୍ରକୃତି ଆମର ପରମେଶ୍ୱର, ତା' ସହିତ ମିଶିକି ରହିବା ଦରକାର ।

କମ୍ପାନୀକରଣ ଓ ବିଷ ପ୍ରକ୍ରିୟାରୁ ଜମିକୁ ମୁକ୍ତ କରିବାକୁ ହେବ । ଏଥିପାଇଁ ଭୁ–ମୁକ୍ତି ଆନ୍ଦୋଳନ ଜରୁରୀ । ରାସାୟନିକ କୃଷିକୁ ପରିହାର କରି ଜୈବିକ କୃଷିକୁ ଆପଣାଇବା ପାଇଁ ଚାଷୀ ଓ ସାଧାରଣ ଜନତାଙ୍କୁ ସଚେତନ କରାଯିବା ଆବଶ୍ୟକ । ଏଥିପାଇଁ ପ୍ରତିଟି ଗାଆଁରେ ଏକ ଗୋଶାଳା ରହିବା ଜରୁରୀ । ଜୈବିକ ଖତ, ଜୈବିକ କୀଟନାଶକ ପାଇଁ ଏହା ଆବଶ୍ୟକ । ଏପରି ଗ୍ରାମସ୍ତରରେ ପରିବର୍ତ୍ତନ ସହିତ ଗ୍ରାମ ଗଣରାଜ୍ୟ ଗଠନପୂର୍ବକ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ଏବଂ ବିନୋବାଙ୍କ ଗ୍ରାମ ସ୍ୱରାଜ ଗଢିବା ଏବଂ ଏ କାମରେ ଜୈବିକ କୃଷି ଏକ ପଦକ୍ଷେପ ହୋଇପାରିବ । ଭୂ–ମୁକ୍ତି ଅତୀତର ଆଶା, ଆଜିର ଆହ୍ୱାନ, ଭବିଷ୍ୟତର ଆବଶ୍ୟକତା । ଆଜିର ଦିନରେ ଭୂ–ଦାନରୁ ଭୁ–ମୁକ୍ତି ଜରୁରୀ ମନେ ହୁଏ ।

**କଟକ**

*( ଭୂଦାନ ଆନ୍ଦୋଳନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ )*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଡାଲମିଆ ଭାରତ ଫାଉଣ୍ଡେସନ୍ ଭୁବନେଶ୍ୱରରେ ଖୋଲିଲା ଦୁଇଟି ଆବାସିକ ଦକ୍ଷତା କେନ୍ଦ୍ର

# ପ୍ରତିବର୍ଷ ୯୦୦ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ, ମହିଳାଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଡାଲମିଆ ଭାରତ ଲିମିଟେଡ୍‌ର କର୍ପୋରେଟ ସାମାଜିକ ଦାୟିତ୍ୱ ଶାଖା ଡାଲମିଆ ଭାରତ ଫାଉଣ୍ଡେସନ୍ (ଡ଼ିବିଏଫ୍) ଓଡିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସ୍‌ଡ଼ିଏ) ସହଯୋଗରେ ଭୁବନେଶ୍ୱରର କଣ୍ଟାବାଡ଼ ଓ ଘଙ୍ଗାପାଟଣାରେ ଦୁଇଟି ନୂତନଦକ୍ଷତାକେନ୍ଦ୍ରର ଶୁଭାରମ୍ଭ କରିଛି। ସ୍ଥାୟୀ ଜୀବିକା ସୃଷ୍ଟିରେଡାଲମିଆ ଭାରତ ଫାଉଣ୍ଡେସନ୍(ଡ଼ିବିଏଫ୍) ର ଦୃଢ଼ ପ୍ରତିବଦ୍ଧତା ସହ ଏହି କେନ୍ଦ୍ରଗୁଡିକରେ ସିଲାଇ ମେସିନ୍ ଅପରେଟର୍ ବୃତ୍ତିରେ ପ୍ରଶିକ୍ଷଣ ଦିଆଯିବ। ଓଡିଶା ଏବେ ପୋଷାକ ଉତ୍ପାଦନରେ ଏକ ଉଦୟମାନ କେନ୍ଦ୍ର ଭାବେ ଉଭା ହୋଇଛି । ଏହି କ୍ଷେତ୍ରରେ କୌଶଳୀ ଶ୍ରମିକଙ୍କ ଚାହିଦା ବଢ଼ିଛି। ବିଶେଷକରି ମହିଳାମାନଙ୍କ ପାଇଁ ଏହା ନିଯୁକ୍ତିର ଏକ ସୁଯୋଗମୟ ପଥ ଭାବେ ପ୍ରମାଣିତ ହେଉଛି। ସାହାନା କ୍ଲୋଥିଙ୍ଗ କମ୍ପାନୀ ଲିମିଟେଡ୍



ଓ ଆର୍ମଷ୍ଟ୍ରିଙ୍ଗକ୍ଲୋଥିଙ୍ଗ କମ୍ପାନୀ ଲିମିଟେଡ୍ ସହ ବୁଝାମଣାପତ୍ର ମାଧ୍ୟମରେ ଏହି କେନ୍ଦ୍ରଗୁଡିକ ଚାଲୁ କରାଯାଇଛି। ପ୍ରତିବର୍ଷ ୯୦୦ ଯୁବକ-ଯୁବତୀଙ୍କୁ ପ୍ରଶିକ୍ଷଣ ଦେବାକୁ କ୍ଷମତା ରହିବା ସହ ମହିଳାମାନଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଆଯିବଏବଂ କ୍ୟାପ୍ଟିଭ୍ ନିଯୁକ୍ତି ସୁଯୋଗ ମାଧ୍ୟମରେ ୧୦୦%ପ୍ଲେସମେଣ୍ଟ ସହାୟତା ସହିତ ଶିଳ୍ପ-ସମର୍ଥିତ ତାଲିମ ପ୍ରଦାନ କରିବ। ଏଥିପାଇଁ ଓଏସ୍‌ଡ଼ିଏଦ୍ୱାରା ନିର୍ଦ୍ଦିଷ୍ଟ ତୃତୀୟ ପକ୍ଷ ପ୍ରମାଣପତ୍ର ମଧ୍ୟ ଦିଆଯିବ। ଏହି ନୂତନ କେନ୍ଦ୍ରଗୁଡିକ ସହିତ ଓଡିଶାରେ ଡାଲମିଆ ଭାରତ ଫାଉଣ୍ଡେସନ୍‌ର ଦକ୍ଷତାକେନ୍ଦ୍ର ସଂଖ୍ୟା ୮କୁ ପହଞ୍ଚିଛି। ଏହି କେନ୍ଦ୍ରଗୁଡିକୁ ସୁବାଶିଷ ବେହେରା(ଓଏସ୍‌ଡ଼ିଏ) ର ଡ଼ିଏସ୍‌ଡ଼ିଇଓ, ଭୁବନେଶ୍ୱର, ଓଏସ୍‌ଡ଼ିଏର ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୀବ ପ୍ରଧାନ, ସାହାନା କ୍ଲଥ୍ କମ୍ପାନୀ ଲିମିଟେଡର ବରିଷ୍ଠ ପରିଚାଳକ ଦୁର୍ଗା ମାଧବ ସୁବୁଦ୍ଧି ଓ ଡାଲମିଆ ଭାରତ ଫାଉଣ୍ଡେସନର ସିଇଓ ଅଶୋକ କୁମାର ଗୁପ୍ତାଙ୍କ ସମେତ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ପ୍ରଥମ ଥର ପାଇଁଡାଲମିଆ ଭାରତ ଫାଉଣ୍ଡେସନର ଏହି ଦୁଇଟି କେନ୍ଦ୍ର ସମ୍ପୂର୍ଣ୍ଣ ଆବାସିକ ରୂପେ ଗଠିତ ହୋଇଛି, ଯାହା ଅନୁନ୍ନତ ଏବଂ ଦୂରଦୂରାନ୍ତର ଅଞ୍ଚଳର ଯୁବକ ଯୁବତୀମାନଙ୍କ ପାଇଁ ସଂରଚିତ ଦକ୍ଷତା ସୁଯୋଗ ଉପଲବ୍ଧତାକୁ ବିସ୍ତାର କରିବା ପାଇଁ ଡିଜାଇନ୍ କରାଯାଇଛି।

୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ବିରୋଧୀ ଦଳ ନେତାଙ୍କ ଚିଠି ଉପରେ ପ୍ରତିକ୍ରିୟା

# 'ଡି-ଲିମିଟେସନ' ପ୍ରକ୍ରିୟାରେ ଓଡ଼ିଶାର ପ୍ରତିନିଧିତ୍ୱ କମିବାର ପ୍ରଶ୍ନ ଉଠୁନାହିଁ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି ରାଜ୍ୟର ସାଂସଦମାନଙ୍କୁ ପତ୍ର ଲେଖି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ନେଇ ଯେଉଁ ଆଶଙ୍କା ପ୍ରକଟ କରିଛନ୍ତି, ତାହା କେବଳ ଭୟ ସୃଷ୍ଟି କଲା ଭଳି ମନେହେଉଛି । ତାଙ୍କ ଭଳି ଜଣେ ଅଭିଜ୍ଞ ରାଜନେତାଙ୍କ ପାଖରୁ ଏଭଳି ପ୍ରତିକ୍ରିୟା ଶୋଭା ପାଉନାହିଁ ବୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ମାଧ୍ୟମରେ ନିଜର ପ୍ରତିକ୍ରିୟା ରଖି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଏହି ବିଲ୍ ପାରିତ ହେଲେ ଓଡ଼ିଶାର ରାଜନୈତିକ ଏବଂ ଅର୍ଥନୈତିକ ସ୍ୱାର୍ଥ କ୍ଷୁର୍ଣ୍ଣ ହେବ ବୋଲି ଯେଉଁ ଦାବି କରାଯାଉଛି, ତାହା ସମ୍ପୂର୍ଣ୍ଣ ଭାବେ ଭ୍ରମାତ୍ମକ । ଭାରତର ସମ୍ବିଧାନ ଏବଂ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଉପରେ ବିଶ୍ୱାସ ରଖିବା ଉଚିତ୍ । ଦେଶର କୌଣସି ରାଜ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରାଯିବ ନାହିଁ ବୋଲି ଗୃହମନ୍ତ୍ରୀ ସଂସଦରେ ସ୍ପଷ୍ଟ ଭାବେ କହିଛନ୍ତି ଏବଂ ଓଡ଼ିଶାର ହକ୍ ମଧ୍ୟ ଏଥିରୁ ବାଦ୍ ପଡ଼ିବ ନାହିଁ । ନୂତନ ସୀମା ନିର୍ଦ୍ଧାରଣ ବା 'ଡି-ଲିମିଟେସନ' ପ୍ରକ୍ରିୟା ପରେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ



୩.୯% ରୁ ହ୍ରାସ ପାଇ ୩.୪% ହୋଇଯିବ ବୋଲି ଆପଣ ଚିଠିରେ ଯେଉଁ ତଥ୍ୟ ରଖିଛନ୍ତି, ସେଥିରେ କୌଣସି ସତ୍ୟତା ନାହିଁ । ଓଡ଼ିଶାର ପ୍ରତିନିଧିତ୍ୱ ବଢିବା ନିଶ୍ଚିତ, କମିଯିବାର କୌଣସି ପ୍ରଶ୍ନ ଉଠୁନାହିଁ । ଏଭଳି ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ଦେଇ ରାଜ୍ୟର ଜନସାଧାରଣଙ୍କୁ ଭୟଭୀତ କରିବା ଉଚିତ୍ ହେଉନାହିଁ । ସମୟ ଆସିଲେ ସବୁକିଛି ସ୍ପଷ୍ଟ ହୋଇଯିବ, କେବଳ ଧୈର୍ଯ୍ୟର ସହ ଅପେକ୍ଷା କରିବା ଆବଶ୍ୟକ ।

ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଏବଂ ତାଙ୍କର ଦଳ ବିଜେଡି 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ସମର୍ଥନ କରିବା ସ୍ୱାଗତଯୋଗ୍ୟ, କିନ୍ତୁ ଏହାକୁ ଖୋଲା ହୃଦୟରେ ଆମେ ସମସ୍ତେ ସମର୍ଥନ କରିବା ଉଚିତ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନରେ ଓଡ଼ିଶା ସବୁବେଳେ ଅଗ୍ରାଧିକାରରେ ରହିଆସିଛି । ଏହି ସଂଶୋଧନ ବିଲ୍ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସମଗ୍ର ଭାରତବର୍ଷର ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଏକ ଐତିହାସିକ ପଦକ୍ଷେପ । ଏହି ପ୍ରସଙ୍ଗକୁ ବିବାଦର ରୂପ ନଦେଇ, ଦେଶର ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେବା ଆବଶ୍ୟକ । ସମ୍ବିଧାନର ମର୍ଯ୍ୟାଦା ରକ୍ଷା କରି ରାଜନୈତିକ ଫାଇଦା ଅପେକ୍ଷା ଦେଶର ସ୍ୱାର୍ଥକୁ ଆମେ ସମସ୍ତେ ପ୍ରାଥମିକତା ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି ।

# ରୁଫ୍‌ଷ୍ଟେଜ୍‌ର ସପ୍ତମ ପ୍ରତିଷ୍ଠା ଦିବସ ପାଳିତ



ଭୁବନେଶ୍ୱର, (ସବ୍ୟୁ): ଭାରତର ଏକ ଅନନ୍ୟ ଅନଲାଇନ୍ ସଙ୍ଗୀତ ଗୋଷ୍ଠୀ 'ରୁଫ୍‌ଷ୍ଟେଜ' ଯାହା ସ୍ୱାଧୀନ ସଙ୍ଗୀତଜ୍ଞ ଓ ପ୍ରଶଂସକମାନଙ୍କୁ ଏକାଠି ଯୋଡିଥାଏ, ନିଜର ସପ୍ତମ ପ୍ରତିଷ୍ଠା ଦିବସକୁ ବେଶ୍ ଧୁମଧାମରେ ପାଳନ କରିଛି। ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନଠାରେ ଜଶ୍ନ-ଏ-ରେଟ୍ରୋ ଶୀର୍ଷକ ଏକ ରଙ୍ଗାରଙ୍ଗ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଏହି ଅବସରରେ କଳାକାରମାନେ କଳା ଏବଂ ଧଳା ଯୁଗର ସଦାବାହାର ହିନ୍ଦୀ ଏବଂ ଓଡ଼ିଆ ସଙ୍ଗୀତ ପରିବେଷଣ କରି ସେହି ସମୟର ସ୍ମୃତି ଚାରଣ କରିଥିଲେ। ସଦସ୍ୟ ଏବଂ ଦର୍ଶକମାନେ ପାରମ୍ପରିକ କଳା ଓ ଧଳା ରଙ୍ଗର ପୋଷାକ ପରିଧାନ କରି ଏକ ପୁରୁଣା ସ୍ମୃତିଭରା ପରିବେଶ ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ରୁଫ୍‌ଷ୍ଟେଜ୍ କଳାକାରଙ୍କ ଦ୍ୱାରା ୨୩ଟି ହୃଦୟସ୍ପର୍ଶୀ ସଙ୍ଗୀତ ପରିବେଶିତ ହୋଇଥିଲା ଯାହା ସମ୍ପୂର୍ଣ୍ଣ ସମୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିଲା। ସଙ୍ଗୀତ ପ୍ରତି ଆଗ୍ରହ ଓ ଉତ୍ସାହକୁ ପୁନର୍ଜୀବିତ କରିବା ପାଇଁ ୨୦୧୯ ମସିହାରେ ଏକ ସଙ୍ଗୀତ ଆନ୍ଦୋଳନ ଭାବେ 'ରୁଫ୍‌ଷ୍ଟେଜ୍' ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ୮ଟି ଦେଶର ୭୦ରୁ ଅଧିକ ସଦସ୍ୟଙ୍କୁ ଏକାଠି କରି ସଙ୍ଗୀତ ମାଧ୍ୟମରେ ଖୁସି ବାଣ୍ଟିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛି।

# ନାରାୟଣା ସ୍କୁଲ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବାଜିମାତ

କଟକ, (ସ୍ୱପ୍ର) : ଗତକାଲି ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥର ପୁଅମାନଙ୍କୁ ପଛରେ ପକାଇ ବେଶ୍ ସଫଳତା ପାଇଛନ୍ତି ଝିଅ । ଏଥିରେ ନୂଆପଡା ପୃଷ୍ଟିବଗିଚା ସ୍ଥିତ ନାରାୟଣା ସ୍କୁଲର ଛାତ୍ରଛାତ୍ରୀ ମାନେ ବାଜିମାତ କରି ସ୍କୁଲର ଗୌରବ ବଢାଇଛନ୍ତି । ଏନେଇ ସ୍କୁଲ ପକ୍ଷରୁ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା କରି ସମ୍ବର୍ଦ୍ଧିତ କରିବା ସହିତ ଅନ୍ୟ ସମସ୍ତ ୯୦ ପ୍ରତିଶତରୁ ଉର୍ଦ୍ଧ ନମ୍ବରଧାରୀ ୧୫ ଜଣଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଅନ୍ୟ ସମ୍ମାନିତ ଅତିଥିଭାବେ ନାରାୟଣା କଲେଜ ସମୂହର ତିନ ଜନ ଡେଭିଡ, ଇ-ଟେକେନ ତିନ କୌଶଳ ବୁଧଦେବ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏଥିରେ କୃତି ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ସ୍କୁଲର



ଦିଆଯାଇଛି । ସ୍କୁଲର ପ୍ରିନସିପାଲ (ଅଧକ୍ଷା) ନିକୋଲା ବାରଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ପର୍ବରେ ସ୍କୁଲର ୯୮ ପ୍ରତିଶତ ରଖିଥିବା ସର୍ବୋଚ୍ଚ ନମ୍ବର ଧାରୀ ଛାତ୍ରୀ ଆଦ୍ୟାଶ୍ୟା ପାଣିଗ୍ରାହୀଙ୍କୁ ନାରାୟଣା ଗ୍ରୁପ ଅଫ ସ୍କୁଲର ଓଡିଶା ଶାଖା ଏଜିଏମ କିଶୋର ପାଣିଗ୍ରାହୀ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ସିଲ ପ୍ରଦାନ ପାଠ ପଢ଼ା ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉତ୍ତମ ପରାମର୍ଶ ଭଲ ରେଜଲଟରେ ସହାୟ ହେଲା ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀଧର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ରାଜ୍ୟ ସାଧାରଣ ସଭା ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ): ସମଗ୍ର ଦେଶରେ ଉଚ୍ଚଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନର ରାଜ୍ୟ ସାଧାରଣ ସଭା ଗତକାଲି ସ୍ଥାନୀୟ କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ (ଆର ଇ ଆଇ) ରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନର ପ୍ରଦେଶ ସଚିବ ଡଃ ଦୀପକ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ, ପ୍ରଫେସର ଶଶିରଞ୍ଜନ ଅକେଲା, ରାଜୀବଗାନ୍ଧୀ ବୈଷୟିକ ବିଶ୍ୱବିଦ୍ୟାଳୟ , ଭୋପାଳ, ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ବିଦ୍ୟାଭାରତୀ ଉଚ୍ଚଶିକ୍ଷା ସଂସ୍ଥାନ, ଯୋଗଦେଇଥିବା ବେଳେ, ବିଦ୍ୟାଭାରତୀର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ମୂଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ଶିକ୍ଷାନୀତି କ୍ରିୟାନ୍ୱୟନ ଓ ବିଭିନ୍ନ ଶୈକ୍ଷିକ ଆହ୍ୱାନ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଶେଷ ଅତିଥି ରୂପେ ନୂତନ ଭାବେ ନିଯୁକ୍ତ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଅର୍କ କୁମାର ଦାସ ମହାପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଚଣ୍ଡୀ ପ୍ରସାଦ ନନ୍ଦ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରାଧ୍ୟାପକ ଶିବରାମ ତ୍ରିପାଠୀଙ୍କୁ ସଂସ୍ଥାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଆସନ୍ତା ତିନିବର୍ଷ ପାଇଁ ସଂସ୍ଥାନର ପ୍ରଦେଶ କାଯ୍ୟକାରିଣୀକୁ କ୍ଷେତ୍ରୀୟ ସଂଯୋଜକ ତଥା ରାଜା ମଧୁସୂଦନ ଦେବ ଡ଼ିଗ୍ରୀ ମହାବିଦ୍ୟାଳୟ ପଟିଆର ଅଧ୍ୟକ୍ଷ ଡ଼ଃ ପ୍ରଶାନ୍ତ କୁମାର ରାଉତ ଘୋଷଣା କରିଥିଲେ।

ନୂତନ କାର୍ଯ୍ୟକାରିଣୀରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଜ୍ଞାନରଞ୍ଜନ ସ୍ୱାଇଁ, ପ୍ରଦେଶ ସଭାପତି,



ସରକାରୀ ବିଏଡ଼ ମହାବିଦ୍ୟାଳୟ, କଳିଙ୍ଗାର ଅଧ୍ୟକ୍ଷ ଡ଼ଃ ଦୀପକ କୁମାର ମହାନ୍ତି ସମ୍ପାଦକ, ଡ଼ଃ ସୁବ୍ରତ କୁମାର ପାଣିଗ୍ରାହୀ (ବ୍ରହ୍ମପୁର), ଡ଼ଃ ତନୟା ମହାନ୍ତି (ଉତ୍କଳ ବିଶ୍ୱବିଦ୍ୟାଳୟ) ଓ ଡ଼ଃ ମନୋରଞ୍ଜନ ମିଶ୍ର (ଫକୀରମୋହନ ବିଶ୍ୱବିଦ୍ୟାଳୟ) ରାଜ୍ୟ ଉପସଭାପତି ଭାବେ ଓ ଡ଼ଃ ପ୍ରିୟଦର୍ଶୀନୀ ସାହୁ, ଅଧ୍ୟାପିକା ଅନିନ୍ଦିତା ରାୟ, ଅଧ୍ୟାପକ ହିମାଂଶୁ ଶେଖର ନାୟକ, ଅଧ୍ୟାପକ ମହେଶ ପ୍ରସାଦ ତ୍ରିପାଠୀ ଓ ଡ଼ଃ ସିଂହ ଶୁଭଲକ୍ଷ୍ମୀ ବାଇଧର ସହସମ୍ପାଦକ ରୂପେ ନିର୍ବାଚିତ ହୋଇଥିଲେ। ଅଧ୍ୟାପିକା ସୁଦୀକ୍ଷା ଲେଙ୍କା ଓ ଡ଼ଃ ବ୍ରଜ ସାହୁ କୋଷାଧ୍ୟକ୍ଷ ଓ ସହ-କୋଷାଧ୍ୟକ୍ଷ ଏବଂ କାର୍ଯ୍ୟାଳୟ ସମ୍ପାଦକ ଡ଼ଃ ସଞ୍ଜୟ କୁମାର ଜେନା ଓ ସହ କାର୍ଯ୍ୟାଳୟ ସମ୍ପାଦକ ଡ଼ଃ ଦେବପ୍ରିୟା ପରିଡ଼ା ମନୋନୀତ ହେବା ସହ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଓ ଚୟନିତ ମହାବିଦ୍ୟାଳୟ ମାନଙ୍କରୁ ଏକୋଇଶ ଜଣ ପ୍ରଦେଶ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ ହୋଇଥିଲେ। ଏହା ସହ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରାଧ୍ୟାପକ କ୍ଷିତଭୂଷଣ ଦାସଙ୍କ ଆବାହକତ୍ୱରେ ୧୦ ଜଣ ବିଶିଷ୍ଟ ଶିକ୍ଷାବିତଙ୍କୁ ନେଇ ଏକ ଏକାଡେମୀକ୍ କାଉନସିଲ୍ ଗଠନ କରାଯାଇଛି ।

# ପୁରୀଜୁଏଲ୍ସ ର ମିଳନୋତ୍ସବ



ଭୁବନେଶ୍ୱର (ସବ୍ୟୁ): ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱର ସେଣ୍ଟ୍ରାଲ ରେଭିନ୍ୟୁ କଲୋନୀ, ରାଜସ୍ୱ ବିହାରସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୁରୀ ଜୁଏଲ୍ସ ଗୋଷ୍ଠୀର ଶହେ ୬୮ତମ ମିଳନୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଶତାଧିକ ସଭ୍ୟ ସଭ୍ୟା ଯୋଗଦାନ କରିଥିଲେ । ପୁରୀ ଜୁଏଲସ ଏକ ଅନୌପଚାରିକ ଅନୁଷ୍ଠାନ ଯେଉଁଥିରେ ଚାରିଶହରୁ ଅଧିକ ସଭ୍ୟ ସଭ୍ୟା ଅଛନ୍ତି ଯେଉଁମାନେ ୧୯୭୪ ମସିହାରେ ପୁରୀସହରର ଯେ କୌଣସି ସ୍କୁଲରୁ ମାଟ୍ରିକ ପାସ କରିଥିଲେ । ଏହି ଅନୁଷ୍ଠାନ ପ୍ରତି ମାସରେ ଥରେ ମିଳନୋତ୍ସବର ଆୟୋଜନ କରିଥାଏ ।

# ଓଡ଼ିଶା କ୍ୟାଡରର ଆଇଏଏସ୍ ପ୍ରଶିକ୍ଷାର୍ଥୀଙ୍କ ଏସ୍‌ଏସ୍‌ଇପିଡି ବିଭାଗ ପରିଦର୍ଶନ

ଭୁବନେଶ୍ୱର (ସବ୍ୟୁ): ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ ଜଣ ଆଇ.ଏ.ଏସ. ପ୍ରଶିକ୍ଷାର୍ଥୀ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣର ଅଂଶସ୍ୱରୂପ, ଭବିଷ୍ୟତର ଏହି ପ୍ରଶାସକମାନଙ୍କୁ ଅନ୍ତର୍ଭୁକ୍ତିମୂଳକ ଶାସନ ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ ନିର୍ଦ୍ଦେଶିକା ଶ୍ରୀମତୀ ପାରୁଲ ପଟାୱାରୀଙ୍କ ନେତୃତ୍ୱରେ ଏହି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭାଗର ପ୍ରମୁଖ ଲକ୍ଷ୍ୟଗୁଡ଼ିକ



ବିଷୟରେ ଅବଗତ କରାଯାଇଥିଲା, ଯଥା: କାର୍ଯ୍ୟ ପ୍ରଣାଳୀ: ରାଜ୍ୟ ସ୍ତରରୁ ଆରମ୍ଭ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଭାଗ କିପରି କାର୍ଯ୍ୟ କରେ। ଯୋଜନା ସମ୍ପର୍କିତ ସୂଚନା: ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଅସହାୟ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ସମୀକ୍ଷା। ତଦାରଖ ଓ ଅଭିଯୋଗ ସମାଧାନ: ସରକାରୀ କାର୍ଯ୍ୟକ୍ରମର ସଫଳତା ପରଖିବା ଏବଂ ଜନସାଧାରଣଙ୍କ ଅଭିଯୋଗର ସମାଧାନ କରିବା ଶୈଳୀ। ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରଶିକ୍ଷାର୍ଥୀମାନେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ସେଠାରେ ସେମାନେ ନାଗରିକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ଏବଂ ସେବା ପ୍ରଦାନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର ସୁଯୋଗ ପାଇଥିଲେ। ଏହି ପ୍ରଶିକ୍ଷାର୍ଥୀ ଦଳରେ ଅନିମେଷ ପ୍ରଧାନ, ପ୍ରଜ୍ଞାନନ୍ଦନ ଗିରି, କୁମାରୀ କସ୍ତୁରୀ ସା, କୁମାରୀ ଫାବି ରସିଦ, କୁମାରୀ ମୃଣାଳିକା ରାଠୋର, କୁମାରୀ ଶୁଭ୍ରା ପଣ୍ଡା, ପବନ କୁମାର, କୁମାରୀ ଭଗତ ଶ୍ୟାମଳ କଲ୍ୟାଣରାଓ ଏବଂ ସନ୍ତୋଷ କୁମାର ପାତ୍ର ସାମିଲ ଥିଲେ।

# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ

ଖୋର୍ଦ୍ଧା, (ସବ୍ୟୁ): ନୂତନ ଓଡ଼ିଶାର ନିର୍ମାତା ହେଉଛନ୍ତି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ। ଭାରତୀୟ ରାଜନୀତିରେ ଜଣେ ସାହାସୀ ଓ ସ୍ୱାଭିମାନୀ ନେତା। ଓଡ଼ିଶା ମାଟିର ଜଣେ ସୁଯୋଗ୍ୟ ସନ୍ତାନ ।ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ପାଇଁ ତାଙ୍କର ଅବଦାନ ଅତୁଳନୀୟ।ସେ କ୍ଷମତାରେ ଥାଆନ୍ତୁ ନଚେତ୍ ନଥାନ୍ତୁ ସର୍ବଦା ମହିଳା ଏବଂ ଯୁବପିଢୀଙ୍କ ନିମନ୍ତେ ବହୁ ପଦକ୍ଷେପ ନେଉଥିଲେ ।ଗାଁକୁ କାମ ଏବଂ ମା'କୁ ସମ୍ମାନ ଥିଲା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ। ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ କରିବା ଥିଲା ତାଙ୍କର ପ୍ରଥମ ଲକ୍ଷ୍ୟ। ଯାହାକୁ ବିଜୁ ବାବୁଙ୍କ ସୁଯୋଗ୍ୟ ସନ୍ତାନ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରି ଦେଖାଇଛନ୍ତି। ଆଜି ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ୨୯ତମ ଶ୍ରାର୍ଦ୍ଧବାର୍ଷିକୀ ଅବସରରେ ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଜୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି ସ୍ମୃତିଚାରଣ ସଭାରେ ସାଂସଦ ପ୍ରାର୍ଥୀ କ୍ୟାପଟେନ୍ ମନ୍ମଥ ରାଉତରାୟ, କାଉନ୍ସିଲର ଅନୀଲ ରାମ, ଅମୀୟ ମହାନ୍ତି, ପ୍ରଶାନ୍ତ ସେଠୀ, ମୋନାଲିସା ସିଂ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ର ଗୁଣଗାନ କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା।

ସମାବର୍ତ୍ତନ ଉତ୍ସବ ପାଳନ ପାଇଁ ଆଇଆଇଟି ଭୁବନେଶ୍ୱର ପ୍ରସ୍ତୁତ

# ପଦ୍ମଭୂଷଣ ପ୍ରଫେସର ଭି. ଏସ୍. ରାମମୂର୍ତ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେବେ

ଜଟଣୀ, (ସବ୍ୟୁ) : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିସରରେ ଅନୁଷ୍ଠିତ ହେବ ୧୪ତମ ସମାବର୍ତ୍ତନ ଉତ୍ସବ । ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପୂର୍ବତନ ସଚିବ ଏବଂ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ, ପ୍ରଫେସର ଭି. ଏସ. ରାମମୂର୍ତ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେବେ । ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କର୍ମାଲକର ସମାବର୍ତ୍ତନ ରିପୋର୍ଟ ଉପସ୍ଥାପନ କରିବେ ଏବଂ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବେ ।ଏହି ସମାବର୍ତ୍ତନ ଅବସରରେ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ୮୦୨ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨% ପିଏଚଡି, ୨୨% ଏମ୍.ଟେକ୍, ୧୨% ଏମ୍.ଏସସି, ୧୩% ଦ୍ୱୈତ ଡିଗ୍ରୀ (ବି.ଟେକ୍ ଏବଂ ଏମ୍.ଟେକ୍) ଏବଂ ୪୧% ବି.ଟେକ୍।ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପୁରସ୍କାର, ଯଥା ଭାରତର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ, ସର୍ବୋତ୍ତମ ଶିକ୍ଷାଗତ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ, ବିଭିନ୍ନ ଶାଖାରେ ସର୍ବୋତ୍ତମ ଶିକ୍ଷାଗତ ପ୍ରଦର୍ଶନ ପାଇଁ ପ୍ରତିଷ୍ଠାନ ରୌପ୍ୟ ପଦକ, ଏବଂ ସର୍ବୋତ୍ତମ ପୁରୁଷ ସ୍ନାତକ ପାଇଁ ଡକ୍ଟର କେ. କସ୍ତୁରିରଞ୍ଜନ ପୁରସ୍କାର, ସର୍ବୋତ୍ତମ ମହିଳା ସ୍ନାତକ ପାଇଁ ପ୍ରଫେସର ପି. ରାମା ରାଓ ପୁରସ୍କାର, ଯାନ୍ତ୍ରିକ ବିଜ୍ଞାନରେ ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ଦିନେଶ ସ୍ମାରକୀ ପୁରସ୍କାର, ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ବି.କେ. ଡି ମେମୋରିଆଲ୍ ପୁରସ୍କାର ଏବଂ ବୈଦ୍ୟୁତିକ ଏବଂ କମ୍ପ୍ୟୁଟର ବିଜ୍ଞାନରେ ସର୍ବୋତ୍ତମ ବି.ଟେକ୍ ଥିସିସ୍ ପାଇଁ ତେଜସ୍ୱୀ ସ୍ମାରକୀ ପୁରସ୍କାର ସମେତ ଏଣ୍ଡୋମେଣ୍ଟ ପୁରସ୍କାର ପ୍ରଦାନ କରାଯିବ ବୋଲି ଆଇଆଇଟି ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି ।

# ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ଭୁବନେଶ୍ୱର, (ସବ୍ୟୁ): ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ତଥା ଓଡ଼ିଆ ସ୍ୱାଭିମାନର ପ୍ରତୀକ ମହାନ ଜନନାୟକ ବିଜୁ ପଟ୍ଟନାୟକ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ। ସେ ନିଜର ଦୁଃସାହସିକତା, ନିର୍ଭୀକତା, ସେବାଭାବ ଓ



ତ୍ୟାଗମୟ ଜୀବନ ମାଧ୍ୟମରେ ଓଡ଼ିଆ ଜାତିର ଗୌରବକୁ ସୁଦୃଢ଼ କରିଥିଲେ। ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ଆଜି ସାରା ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମୀ, ଦୁଃସାହସିକ ବୈମାନିକ, ଲୋକପ୍ରିୟ ରାଜନୀତିଜ୍ଞ ଓ ସମାଜସେବକ ଭାବେ ତାଙ୍କର ଅସାଧାରଣ ଅବଦାନ ସଦା ସ୍ମରଣୀୟ ରହିବ ବୋଲି ଏହି ଅବସରରେ ବକ୍ତାମାନେ ମତ ପ୍ରକାଶ କରିଥିଲେ।

ଏହି କ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନ, ଭୁବନେଶ୍ୱରରେ ଆୟୋଜିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଅବସରରେ ସାନ୍ଧ୍ୟ ସମାରୋହ ପାଳିତ ହୋଇଥିଲା। ଏହି ଅବସରରେ ବିଭାଗର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅନୁଜ କୁମାର ଦାସପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ଶ୍ରୀଯୁକ୍ତ ଗୁରବୀର ସିଂହ, ଉପ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ଶ୍ରୀ ପୃଥ୍ୱୀରାଜ ପାଣି ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ପରେପରେ ଭଜନ ସମାରୋହ ଆୟୋଜିତ ହୋଇଥିଲା ଏବଂ ଓଡ଼ିଶାର ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୌରଭ ନାୟକଙ୍କ ସହ ଗାୟିକା ଯଶସ୍ୱିନୀ ନାୟକ ଓ ଗୋପାଳଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। ସଙ୍ଗୀତରେ ତବଲାରେ ରାକେଶ, ଢୋଲକରେ ସାଗର, ଅକ୍ଟୋପ୍ୟାଡରେ ଅଭିଲାଶ ଏବଂ କିବୋର୍ଡରେ ବସନ ମିଶ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ବିନୋଦ ଓ ସୁନୀତାଙ୍କ ଦ୍ୱାରା କରାଯାଇଥିଲା। ଏହି ସମଗ୍ର ପରିବେଷଣ ଉପସ୍ଥିତ ଦର୍ଶକମାନଙ୍କୁ ଭାବବିହ୍ୱଳ କରିଥିଲା। ସାନ୍ଧ୍ୟ ସମାରୋହରେ ବିଭିନ୍ନ ସ୍ତରର ବିଶିଷ୍ଟ ବ୍ୟକ୍ତିବର୍ଗ, ସାମାଜିକ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ବରପୁତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସେଣ୍ଟ ଜାଭିୟର ଖଣ୍ଡଗିରି ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର (ସବ୍ୟୁ): ସେଣ୍ଟ ଜାଭିୟର ଖଣ୍ଡଗିରିର ୧୦ମ ଶ୍ରେଣୀ ଛାତ୍ରଛାତ୍ରୀ ମାନେ ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ରେ ଉତ୍କୃଷ୍ଟ ଫଳାଫଳ ଲାଭ କରି ବିଦ୍ୟାଳୟ ର ଗୌରବ ବଢ଼ାଇଛନ୍ତି। ନମ୍ବର ସହିତ ଦ୍ୱିତୀୟ ସ୍ଥାନ ରେ ରହିଛନ୍ତି। ଏହା ସହିତ ଦେବାଂଶୀ ନାୟକ ୯୯% ରଖି ତୃତୀୟ ସ୍ଥାନ ରେ ରହିଛନ୍ତି। ବିଭିନ୍ନ ବିଷୟରେ ଅନେକ ଛାତ୍ରଛାତ୍ରୀ ୧୦୦% ନମ୍ବର ହାସଲ କରିଥିବା



ଏହି ପରୀକ୍ଷା ରେ ମୋଟ ୨୪୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବିଦ୍ୟାଳୟର ଦୃଢ଼ ଶିକ୍ଷାଗତ ପ୍ରଦର୍ଶନ କୁ ପ୍ରଦର୍ଶିତ କରିଛନ୍ତି। ବିଦ୍ୟାଳୟ ର ସଫଳତା ର ଶୀର୍ଷରେ ରହି ଐଶ୍ୱର୍ଯ୍ୟା ସାମଲ ୯୯.୮% ମାର୍କ ରଖିଥିବା ବେଳେ ଶ୍ରୀୟା ସୁମନ ପଣ୍ଡା ଏବଂ ସ୍ୱେତାସ୍ୱିନୀ ପାଣିଗ୍ରାହୀ ୯୯.୨% ବେଳେ, ୧୦୭ ଜଣ ଛାତ୍ରଛାତ୍ରୀ ୯୦% ଓ ଟା ଠାରୁ ଅଧିକ ନମ୍ବର ପାଇଛନ୍ତି। ବିଦ୍ୟାଳୟ ସେକ୍ରେଟେରୀ ବିବେକ ଭୂୟାର, ବିଦ୍ୟାଳୟ ପରିଚାଳନା ମଣ୍ଡଳୀ ର ଅନୁରାଧା ମାଡାମ୍ ଏବଂ ଅଧକ୍ଷା ସଞ୍ଜିତା ଷଡ଼ଙ୍ଗୀ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମଣ୍ଡଳୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଇରାନ -ଆମେରିକା ପୁଣି ମୁହାଁମୁହିଁ

**ୱାଶିଂଟନ/ତେହେରାନ:** ଦୁଇ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ରକୁ ନେଇ ଇରାନ ଏବଂ ଆମେରିକା ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି। ପୁଣି ଥରେ ଯୁଦ୍ଧ ଆରମ୍ଭ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ଏହାର ସମୃଦ୍ଧ ୟୁରାନିୟମ ଭଣ୍ଡାରକୁ ନଷ୍ଟ କରିବ। ସ୍ଥାନାନ୍ତର ପାଇଁ ସମ୍ମତି ପ୍ରକାଶ କରିଛି। ଇରାନ ସହିତ ଏକ ବଡ଼ ଚୁକ୍ତି ହେବାକୁ ଯାଉଛି ଏବଂ ସେମାନେ ସେମାନଙ୍କର ୟୁରାନିୟମ ଫେରାଇ ନେବାକୁ ରାଜି ହୋଇଛନ୍ତି। କିନ୍ତୁ ଏହି ଦାବିକୁ ଇରାନ ଦ୍ୱାରା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରାଯାଇଛି। ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫଙ୍କ ଅନୁଯାୟୀ, ଆମେରିକାକୁ ପରମାଣୁ ସାମଗ୍ରୀ ହସ୍ତାନ୍ତର କରିବା ବିଷୟରେ କୌଣସି ଆଲୋଚନା ହୋଇନାହିଁ ଏବଂ ସେ ଟ୍ରମ୍ପଙ୍କ ମନ୍ତବ୍ୟକୁ "ମିଥ୍ୟା" ବୋଲି କହିଛନ୍ତି। ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ଟ୍ରମ୍ପ ସୂଚନା ଦେଇଛନ୍ତି ଯେ, ଚୁକ୍ତି ଅନୁଯାୟୀ, ଇରାନ କେବେ ପରମାଣୁ ଅସ୍ତ୍ର ଉତ୍ପାଦନ କରିପାରିବ ନାହିଁ ଏବଂ ଏହି କଟକଣା ସ୍ଥାୟୀ। ପ୍ରଯୁଜ୍ୟ ହେବ। ତେଣୁ, ସେ ଇସଲାମାବାଦ ଯାଇ ଚୁକ୍ତି ସ୍ୱାକ୍ଷର କରିପାରନ୍ତି ବୋଲି ମଧ୍ୟ ସୂଚନା ଦେଇଛନ୍ତି। ବିପରୀତରେ, ଇରାନୀ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ଯେପର୍ଯ୍ୟନ୍ତ ଆମେରିକା ଇରାନର ପ୍ରସ୍ତାବକୁ ପୂରଣ କରେ ନାହିଁ, ସେପର୍ଯ୍ୟନ୍ତ ଏହା କରାନଯାଏ, କୌଣସି ସମାଧାନ ସମ୍ଭବ ନୁହେଁ। ଗତ କିଛି ସପ୍ତାହର ସାମରିକ ଉତ୍ତେଜନା ପରେ, ଉଭୟ ଦେଶ ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବାକୁ ଚେଷ୍ଟା କରୁଥିଲେ। ସାର୍ବଜନୀନ କଥାବାର୍ତ୍ତା ଏବଂ ପ୍ରକୃତ ପରିସ୍ଥିତି ମଧ୍ୟରେ ଥିବା ବ୍ୟାପକ ବ୍ୟବଧାନ ଏହି କୂଟନୈତିକ ପ୍ରକ୍ରିୟାକୁ ଜଟିଳ କରିଛି।



# ଯୁଦ୍ଧ ପ୍ରଭାବ: ପ୍ରଭାବିତ ହେବ ବିମାନ ଚଳାଚଳ

ନୂଆଦିଲ୍ଲୀ: ୟୁରୋପ ବିମାନ ଚଳାଚଳ ସଙ୍କଟ ଆଡ଼କୁ ଗତି କରୁଛି। ଜେଟ୍ ଇନ୍ଧନ ଯୋଗାଣ ଦ୍ରୁତ ଗତିରେ ହ୍ରାସ ପାଉଛି। ଯଦି ଆମେରିକା, ଇସ୍ରାଏଲ ଓ ଇରାନ ଯୁଦ୍ଧ ବନ୍ଦ ନହୁଏ ଏବଂ ଟ୍ୟାଙ୍କରଗୁଡ଼ିକ ମଧ୍ୟପ୍ରାଚ୍ୟ ଦେଇ ସୁଗମ ଭାବରେ ଯାତାୟାତ ନକରନ୍ତି, ତେବେ ୟୁରୋପରେ ଉଡ଼ାଣ ଚଳାଇବା ପାଇଁ ଖୁବ୍‌ଶୀଘ୍ର ଇନ୍ଧନର ଅଭାବ ହୋଇପାରେ। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ମୁଖ୍ୟ ଗୁରୁବାର ଚେତାବନୀ ଦେଇଛନ୍ତି ଯେ, ୟୁରୋପରେ କେବଳ ଛଅ ସପ୍ତାହ ପାଇଁ ଜେଟ୍ ଇନ୍ଧନ ଅଛି। ଅନ୍ୟପକ୍ଷରେ ଗ୍ରୀଷ୍ମ ଯୋଗୁ ବିମାନ ଚଳାଚଳ କ୍ଷେତ୍ରରେ ଭିଡ଼ ପରିଲକ୍ଷିତ ହେବ। ନ୍ୟୁଜ ଏଜେନ୍ସି ଆସୋସିଏଟେଡ ପ୍ରେସ୍ ପକ୍ଷରୁ ଆଇଇଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲ ଏକ ସାକ୍ଷାତକାରରେ ଏନେଇ ଚେତାବନୀ ଦେଇଛନ୍ତି। ବିରୋଲ କହିଛନ୍ତି, ହର୍ମୁଜ୍ ପ୍ରଣାଳୀ ଅବରୋଧ ହେବା ଯୋଗୁ ସବୁଠାରୁ ବଡ଼ ଶକ୍ତି ସଙ୍କଟ ସୃଷ୍ଟି ହେବ। ଇରାନ ଯୁଦ୍ଧର ସପ୍ତାହ ମଧ୍ୟରେ ୟୁରୋପର ଏୟାରଲାଇନ୍ସମାନେ ଜେଟ୍ ଇନ୍ଧନ ଅଭାବ ନେଇ ଚେତାବନୀ ଜାରି କରିଥିଲେ। ନ୍ୟୁଜ ଏଜେନ୍ସି ରଏଟର୍ସ ସୂଚନା ଅନୁଯାୟୀ, ୟୁରୋପ ଜେଟ୍ ଇନ୍ଧନ ଆମଦାନୀ ଉପରେ ନିର୍ଭରଶୀଳ ଥିବାବେଳେ ଏହାର ୭୫% ଜେଟ୍ ଇନ୍ଧନ ମଧ୍ୟ ପ୍ରାଚ୍ୟ ଦେଶରୁ ଆସିଥାଏ। ନ୍ୟୁୟର୍କ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଏକ ୟୁରୋପୀୟ ବିମାନ କମ୍ପାନୀ, ରାୟାନଏୟାର କହିଛି ଯେ ଏହାର ଯୋଗାଣକାରୀମାନେ କେବଳ ମେ ମାସର ଅଧିକାଂଶ ସମୟ ପାଇଁ ପର୍ଯ୍ୟାପ୍ତ ଜେଟ୍ ଇନ୍ଧନ ଗ୍ୟାରେଣ୍ଟି ଦେଇପାରିବେ। ଏୟାରଲାଇନ୍ସ କହିଛି ଯେ, ଯଦି ଇରାନ ଯୁଦ୍ଧ ଶୀଘ୍ର ଶେଷ ହୁଏ, ତେବେ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ। ସୂଚନାଯୋଗ୍ୟ ଫେବ୍ରୁଆରି ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରଠାରୁ ହର୍ମୁଜ ପ୍ରଣାଳୀ ବନ୍ଦ ରହିଛି। ଇରାନର ରପ୍ତାନୀ ବନ୍ଦ କରିବାକୁ ଆମେରିକା ମଧ୍ୟ ହର୍ମୁଜ ପ୍ରଣାଳୀ ଅବରୋଧ କରିଛି।



# ଭୋଟିଂ ପୂର୍ବରୁ ବିରୋଧୀ ସାଂସଦଙ୍କୁ ମୋଦୀଙ୍କ ନିବେଦନ

ନୂଆଦିଲ୍ଲୀ: ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ'ରେ ସଂଶୋଧନ ପାଇଁ ଜୋରଦାର ଚର୍ଚ୍ଚା ଚାଲିଥିଲା। ହେଲେ ଅପରାହ୍ଣରେ ଏହି ବିଲଟି ଗୃହୀତ ହେବାରେ ବିଫଳ ହୋଇଛି। ଏହା ଉପରେ ଭୋଟିଂର ଠିକ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ବିରୋଧୀ ଦଳ ସାଂସଦ ଓ ରାଜନୈତିକ ଦଳଗୁଡ଼ିକୁ ଅତ୍ୟନ୍ତ ଭାବପ୍ରବଣ ଭାବେ ନିବେଦନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସାଂସଦମାନଙ୍କୁ ମନେ ପକାଇ ଦେଇଥିଲେ ଯେ, ଆଜି ଦେଶର କୋଟି କୋଟି ମହିଳାଙ୍କ ନଜର ଆମର ଉଦ୍ଦେଶ୍ୟ ଏବଂ ନିଷ୍ପତ୍ତି ଉପରେ ରହିଛି। ଆହୁରି ମଧ୍ୟ କହିଛନ୍ତି ଯେ, ଭୁଲ ଧାରଣା ଦୂର କରିବା ପାଇଁ ସମସ୍ତ ତାର୍କିକ ଉତ୍ତର ଦିଆଯାଇଛି ଏବଂ ବିତର୍କ ସମୟରେ ଉଠାଯାଇଥିବା ସମସ୍ତ ଚିନ୍ତାକୁ ଦୂର କରାଯାଇଛି।ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ରାଜନୈତିକ କାରଣରୁ ଦଶନ୍ଧି ଦଶନ୍ଧି ଧରି ମହିଳା ସଂରକ୍ଷଣ ପ୍ରସଙ୍ଗ ବିଳମ୍ବିତ ହୋଇଆସିଛି ଏବଂ ଏବେ ଦେଶର ଜନସଂଖ୍ୟାର ଅଧା ମହିଳାମାନଙ୍କୁ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କର ଉପଯୁକ୍ତ ପ୍ରତିନିଧିତ୍ୱ ପାଇବାର ସମୟ ଆସିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ବିଜେପି ନିଜକୁ ମହିଳା ସଶକ୍ତୀକରଣର ଚାମ୍ପିଅନ୍ ଭାବରେ ଉପସ୍ଥାପନ କରିବାକୁ ଚେଷ୍ଟା କରୁଥିଲାବେଳେ ବିରୋଧୀ ଦଳ ମଧ୍ୟ ସମାନ ଭାବରେ ଚତୁରତା ଢଙ୍ଗରେ ଜାତିଗତ ଟ୍ରମ୍ପକାର୍ଡ଼ ଖେଳିଛି।ଗତକାଲି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ମହିଳା ସଂରକ୍ଷଣ ଆଇନକୁ ନେଇ ବିତର୍କ ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରି କହିଥିଲେ ଯେ, ଯଦି ଚାଣକ୍ୟ ଜୀବିତ ଥାନ୍ତେ, ତେବେ ତୁମର ଚତୁରତା ଦେଖି ସେ ଆଶ୍ଚର୍ଯ୍ୟ ହୋଇଥାନ୍ତେ। ସମାଜବାଦୀ ପାର୍ଟି ପରି ବିରୋଧୀ ଦଳମାନେ ମହିଳା ସଂରକ୍ଷଣରେ ଓବିସି ଓ ମୁସଲମାନ ମହିଳାଙ୍କ ପାଇଁ ସଂରକ୍ଷଣ ଦାବି କରିଛନ୍ତି।



# ଟିଏମସି ବିଧାୟକଙ୍କ ଘରେ ଆୟକର

**କୋଲକାତା:** ଟିଏମସି ବିଧାୟକ ଦେବାଶିଷ କୁମାରଙ୍କ ଘର ଉପରେ ଶୁକ୍ରବାର ଆୟକର ଚଢଉ ହୋଇଛି। ଦେବାଶିଷ ଦକ୍ଷିଣ କୋଲକାତାର ରାସବିହାରୀ ନିର୍ବାଚନ ମଣ୍ଡଳୀରୁ ଏଥର ପୁଣି ଥରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ସକାଳ ପ୍ରାୟ ୬ଟା ସମୟରେ କୁମାରଙ୍କ ମନୋହରପୁକୁର ରୋଡରେ ଥିବା ବାସଭବନ ଏବଂ ତାଙ୍କ ନିର୍ବାଚନ କାର୍ଯ୍ୟାଳୟରେ ଏକକାଳୀନ ତଲାସି ଆରମ୍ଭ ହୋଇଥିଲା। ତଲାସିର କାରଣ ତୁରନ୍ତ ପ୍ରକାଶ କରାଯାଇ ନାହିଁ। ଜମି ଦୁର୍ନୀତି ମାମଲାରେ କୁମାରଙ୍କୁ ବହୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ ଜାରି କରାଯିବା ପରେ ଆୟକର ଚଢ଼ଉ ହୋଇଛି। ସେ ଇଡିର ସଲ୍ଟ ଲେକ୍ କାର୍ଯ୍ୟାଳୟରେ ଏପ୍ରିଲ ୧, ୩ ଓ ୯ ତାରିଖରେ ହାଜର ହୋଇଥିଲେ। ଅଧିକାରୀଙ୍କ ଅନୁଯାୟୀ, ଏଜେନ୍ସି କୁମାର ଏବଂ ବ୍ୟବସାୟୀ ଅମିତ ଗଙ୍ଗୋପାଧ୍ୟାୟଙ୍କ ମଧ୍ୟରେ ସମ୍ଭାବ୍ୟ ଆର୍ଥିକ କାରବାର ଯାଞ୍ଚ କରୁଛି।

# ହରିବଂଶ ପୁଣି ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚିତ

## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ମନୋନୀତ ସଦସ୍ୟ ହରିବଂଶ ଶୁକ୍ରବାର ରାଜ୍ୟସଭାର ଉପାଧ୍ୟକ୍ଷ ଭାବରେ ତୃତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ବିରୋଧୀ ଦଳ କୌଣସି ପ୍ରାର୍ଥୀ ଦେଇ ନ ଥିବାରୁ ହରିବଂଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।ରାଜ୍ୟସଭା ସଦସ୍ୟ ଭାବରେ ହରିବଂଶଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଏପ୍ରିଲ ୯ରେ ଶେଷ ହୋଇଥିଲା। ଏହାପରେ ରାଜ୍ୟସଭା ଉପାଧ୍ୟକ୍ଷଙ୍କ ପଦବୀ ଖାଲି ପଡିଥିଲା ଏବଂ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନ୍ ଶୁକ୍ରବାର ନିର୍ବାଚନ ତାରିଖ ଧାର୍ଯ୍ୟ କରିଥିଲେ। ରାଜ୍ୟସଭାରେ ଗୃହନେତା ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ବିରୋଧୀ ଦଳର ନେତାମାନଙ୍କୁ ସର୍ବସମ୍ମତି ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ହରିବଂଶଙ୍କ ଏହି ପଦକୁ ପ୍ରତ୍ୟାବର୍ତ୍ତନ ଦ୍ୱାରା ପ୍ରଥମ ଥର ପାଇଁ ଜଣେ ମନୋନୀତ ସଦସ୍ୟ ଉପାଧ୍ୟକ୍ଷ ପଦରେ ଅଛନ୍ତି। ରାଜ୍ୟସଭାର ନିୟମାବଳୀ ମନୋନୀତ ଓ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରେ ନାହିଁ।ହରିବଂଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ଉଚ୍ଚ ସଦନରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ରାଜ୍ୟସଭାର ଉପାଧ୍ୟକ୍ଷ ଭାବେ ଲଗାତାର ତୃତୀୟ ଥର ପାଇଁ ନିର୍ବାଚିତ ହେବା ଶ୍ରୀ ହରିବଂଶଙ୍କ ଉପରେ ସଦନର ଆସ୍ଥାର ଗଭୀର ଅଭିବ୍ୟକ୍ତି। ଶ୍ରୀ ମୋଦୀ କହିଥିଲେ ଯେ ଅତୀତରେ ହରିବଂଶଙ୍କ ଅଭିଜ୍ଞତା ଏବଂ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବା ଲାଗି ସେ କରିଥିବା ପ୍ରୟାସରୁ ଗୃହ ବିଶେଷ ଉପକୃତ ହୋଇଛି। ସେ ଆହୁରି କହିଛନ୍ତି ଯେ ହରିବଂଶ ତାଙ୍କ ସାଂସଦ ପାଣ୍ଠିକୁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଗବେଷଣା ପ୍ରକଳ୍ପ ପାଇଁ ଖର୍ଚ୍ଚ କରିଛନ୍ତି। ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାରେ ଯୁବ ପିଢିଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ହରିବଂଶଙ୍କ ଅବଦାନକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଉପାଧ୍ୟକ୍ଷ ବିରୋଧୀଙ୍କ ଯତ୍ନ ନେବେ ଏବଂ ସେମାନଙ୍କୁ ଗୃହରେ ପର୍ଯ୍ୟାପ୍ତ ସମୟ ଦେବେ ବୋଲି ଶ୍ରୀ ଖଡ଼ଗେ ଆଶା ବ୍ୟକ୍ତ କରିଛନ୍ତି। କଂଗ୍ରେସ ନେତା ଆହୁରି କହିଛନ୍ତି ଯେ ୨୦୧୯ ମସିହାରୁ ଲୋକସଭାରେ ଉପବାଚସ୍ପତି ପଦ ଖାଲି ପଡ଼ିଥିବାରୁ ସେ ଦୁଃଖିତ, ଯାହା ସମ୍ବିଧାନର ଆତ୍ମାର ବିରୁଦ୍ଧାଚରଣ କରୁଛି।ଏହା ପୂର୍ବରୁ ହରିବଂଶଙ୍କୁ ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହେବା ସମୟରେ ସମାଜବାଦୀ ପାର୍ଟି ଓ ଟିଏମ୍ସି କକ୍ଷତ୍ୟାଗ କରିଥିଲେ। ତୃଣମୂଳ କଂଗ୍ରେସ ରାଜ୍ୟସଭା ସାଂସଦ ଡେରେକ ଓ'ବ୍ରାଇନ୍ ଉପାଧ୍ୟକ୍ଷଙ୍କୁ ନିଯୁକ୍ତ କରିବାରେ ତରବର ହେବା ଉପରେ ପ୍ରଶ୍ନ କରିଛନ୍ତି। ଗତ ସାତ ବର୍ଷ ମଧ୍ୟରେ ଲୋକସଭାରେ କୌଣସି ଉପବାଚସ୍ପତି ନିଯୁକ୍ତ ହୋଇନାହାନ୍ତି। ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ଚାଲିଥିବା ବେଳେ ଏହି ନିର୍ବାଚନକୁ ତିନିଦିନିଆ ସ୍ୱତନ୍ତ୍ର ବୈଠକରେ ତରବରିଆ ଭାବେ କରିବାର କ'ଣ ଆବଶ୍ୟକତା ଥିଲା ବୋଲି ଓ'ବ୍ରାଇନ୍ ପ୍ରଶ୍ନ କହିଛନ୍ତି।



# ରୁଷରୁ ତୈଳ ଆମଦାନୀ ଜାରି ରଖିବ ଭାରତ

ନୂଆଦିଲ୍ଲୀ: ଆମେରିକା ପକ୍ଷରୁ ପ୍ରଦତ୍ତ ୩୦ ଦିନିଆ କଟକଣା କୋହଳ ଅବଧି ଗତ ଏପ୍ରିଲ ୧୧, ୨୦୨୬ରେ ଶେଷ ହୋଇଥିଲେ ମଧ୍ୟ ଭାରତ ରୁଷରୁ ଅଶୋଧିତ ତୈଳ ଓ ଏଲପିଜି ଆମଦାନୀ ଜାରି ରଖିବ। ଭାରତ ସରକାର ଏହାକୁ ଏକ ସାର୍ବଭୌମ ନିଷ୍ପତ୍ତି ବୋଲି ଦର୍ଶାଇବା ସହ ଶକ୍ତି ଆମଦାନୀ କ୍ଷେତ୍ରରେ କୌଣସି ବିଦେଶୀ କଟକଣା ଉପରେ ନିର୍ଭର କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଯଦିଓ ଆମେରିକା ଇରାନ ଓ ରୁଷ ବିରୋଧରେ କଠୋର ଆର୍ଥିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛି, ତଥାପି ଭାରତୀୟ ବିଶୋଧନାଗାରଗୁଡ଼ିକ କଟକଣା ମୁକ୍ତ ସଂସ୍ଥା ଓ ପରିବହନ ମାଧ୍ୟମରେ ରୁଷରୁ ଶକ୍ତି କ୍ରୟ ଜାରି ରଖିବାକୁ ଯୋଜନା କରିଛନ୍ତି।ଭାରତ ବର୍ତ୍ତମାନ ଚୀନ୍ ପରେ ରୁଷୀୟ ଜୀବାଶ୍ମ ଜାଳେଣିର ଦ୍ୱିତୀୟ ବୃହତ୍ତମ କ୍ରେତା ପାଲଟିଛି ଏବଂ କେବଳ ମାର୍ଚ୍ଚ ମାସରେ ପ୍ରାୟ ୫.୮ ବିଲିୟନ ୟୁରୋ ମୂଲ୍ୟର ହାଇଡ୍ରୋକାର୍ବନ ଆମଦାନୀ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଓ ପେଟ୍ରୋଲିୟମ ସଚିବ ନୀରଜ ମିତ୍ତଲଙ୍କ ଅନୁଯାୟୀ, ଦେଶର ଶକ୍ତି ସୁରକ୍ଷା ପାଇଁ ଭାରତ ବର୍ତ୍ତମାନ ୪୧ଟି ଦେଶରୁ ଅଶୋଧିତ ତୈଳ ଓ ୧୬ଟି ଦେଶରୁ ଏଲପିଜି ସଂଗ୍ରହ କରୁଛି। ପଶ୍ଚିମ ଏସିଆରେ ସଂଘର୍ଷ ଜାରି ରହିଥିବାରୁ ଭାରତ ନିଜର ଉତ୍ସଗୁଡ଼ିକୁ ବିବିଧ କରିଛି, ଯେଉଁଥିରେ ଆମେରିକା, ଅଷ୍ଟ୍ରେଲିଆ ଓ ରୁଷ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

# ଇଣ୍ଡୋନେସିଆରେ ହେଲିକପ୍ଟର ଦୁର୍ଘଟଣା: ୮ ଜଣଙ୍କ ମୃତ୍ୟୁ

**ଜାକର୍ତ୍ତା:** ଇଣ୍ଡୋନେସିଆର ବୋର୍ଣ୍ଣିଓ ଦ୍ୱୀପରେ ଏକ ଭୟଙ୍କର ହେଲିକପ୍ଟର ଦୁର୍ଘଟଣା ଘଟି ବିମାନରେ ଥିବା ସମସ୍ତ ୮ ଜଣଙ୍କର ମୃତ୍ୟୁ ହୋଇଥିବା ଶୁକ୍ରବାର ଦିନ ଅଧିକାରୀମାନେ ନିଶ୍ଚିତ କରିଛନ୍ତି। "ପିଟି ମାଥ୍ୟୁ ଏୟାର ନୁସାନ୍ତାରା" ଦ୍ୱାରା ପରିଚାଳିତ ଏୟାରବସ୍ 'ଏଚ୍୧୩୦' ହେଲିକପ୍ଟରଟି ଗୁରୁବାର ପଶ୍ଚିମ କାଲିମଣ୍ଟାନର ମେଲାୱି ଜିଲ୍ଲାରୁ ଏକ ପାମ୍ ତେଲ ବଗିଚା ଅଭିମୁଖେ ଉଡ଼ାଣ ଭରିବାର ମାତ୍ର ୫ ମିନିଟ୍ ପରେ ନିଖୋଜ ହୋଇଯାଇଥିଲା। ଜାତୀୟ ସନ୍ଧାନ ଓ ଉଦ୍ଧାର ସଂସ୍ଥା ଓ ପରିବହନ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ସେକାଡାଉ ଜିଲ୍ଲାର ଘଞ୍ଚ ଜଙ୍ଗଲ ମଧ୍ୟରୁ ହେଲିକପ୍ଟରର ଭଗ୍ନାବଶେଷ ସହ ୨ ଜଣ କ୍ରୁ ସଦସ୍ୟ ଏବଂ ଜଣେ ମାଲେସୀୟ ନାଗରିକଙ୍କ ସମେତ ୬ ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି।ଏହି ଦୁର୍ଘଟଣା ପଛର ପ୍ରକୃତ କାରଣ ଜଣାପଡ଼ିନଥିଲେ ହେଁ, ଯାନ୍ତ୍ରିକ ତ୍ରୁଟି କିମ୍ବା ଖରାପ ପାଗ କାରଣରୁ ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଇଣ୍ଡୋନେସିଆ ଭଳି ଏକ ବିଶାଳ ଦ୍ୱୀପପୁଞ୍ଜ ଦେଶରେ ପରିବହନ ପାଇଁ ବିମାନ ଓ ଜଳଯାନ ଉପରେ ଅଧିକ ନିର୍ଭର କରିବାକୁ ପଡୁଥିବା ବେଳେ, ବାରମ୍ବାର ଘଟୁଥିବା ଏହିପରି ଦୁର୍ଘଟଣା ଦେଶର ସୁରକ୍ଷା ମାନଦଣ୍ଡ ଓ ଭିତ୍ତିଭୂମି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ଗମ ଅଞ୍ଚଳ ଓ ଦୁର୍ବଳ ତଦାରଖ ବ୍ୟବସ୍ଥା ଯୋଗୁଁ ଯାତ୍ରୀଙ୍କ ସୁରକ୍ଷା ବିପନ୍ନ ହେଉଥିବାରୁ ଏବେ ସରକାରଙ୍କ ଉପରେ ନିୟମ କଡ଼ାକଡ଼ି କରିବା ପାଇଁ ଚାପ ବଢ଼ିବାରେ ଲାଗିଛି।



# ସୁପ୍ରିମକୋର୍ଟରେ ପବନ ଖେଡ଼ାଙ୍କୁ ଝଟକା

**ନୂଆଦିଲ୍ଲୀ:** ଶୁକ୍ରବାର କଂଗ୍ରେସ ନେତା ପବନ ଖେଡ଼ାଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏକ ବଡ଼ ଧରଣର ଆଇନଗତ ଝଟକା ଲାଗିଛି, କୋର୍ଟ ତାଙ୍କ ଅନ୍ତରୀଣ ଜାମିନ ଉପରେ ଥିବା ରୋକକୁ ହଟାଇବାକୁ ମନା କରିଦେଇଛନ୍ତି, ଯାହା ଫଳରେ ତାଙ୍କୁ ଗିରଫ କରିବା ପାଇଁ ଆସାମ ପୋଲିସ ପାଇଁ ବାଟ ପରିଷ୍କାର ହୋଇଯାଇଛି। ଜଷ୍ଟିସ ଜେ.କେ ମାହେଶ୍ୱରୀ ଓ ଜଷ୍ଟିସ ଅତୁଲ ଏସ୍. ଚାନ୍ଦୁରକରଙ୍କ ଖଣ୍ଡପୀଠ ତେଲେଙ୍ଗାନା ହାଇକୋର୍ଟଙ୍କ ପୂର୍ବ ନିଷ୍ପତ୍ତି ଉପରେ ରୋକ ଜାରି ରଖିବା ସହ ଖେଡ଼ାଙ୍କୁ ଗୌହାଟି ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି କୋର୍ଟରେ ଭୁଲ ଦଲିଲ ବା ତ୍ରୁଟିପୂର୍ଣ୍ଣ ଆଧାର ପରିଚୟପତ୍ର ଦାଖଲ କରିଥିବା ଯୋଗୁଁ ସୁପ୍ରିମକୋର୍ଟ ଖେଡ଼ାଙ୍କୁ ଭର୍ତ୍ସନା କରିଛନ୍ତି ଏବଂ ଆସାମର ସମ୍ପୃକ୍ତ ଅଦାଲତକୁ ଏହି ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟଙ୍କ କୌଣସି ପୂର୍ବ ମନ୍ତବ୍ୟ ଦ୍ୱାରା ପ୍ରଭାବିତ ନହୋଇ କେବଳ ଗୁଣବତ୍ତା ଆଧାରରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୪ ତାରିଖରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରୁ ଆରମ୍ଭ ହୋଇଥିଲା ପବନ ଖେଡ଼ାଙ୍କ ସମସ୍ୟା, ପବନ ଖେଡ଼ା ଅଭିଯୋଗ କରିଥିଲେ ଯେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ପତ୍ନୀ ରିନିକି ଭୂୟାଁ ଶର୍ମାଙ୍କ ପାଖରେ ତିନୋଟି ଦେଶର ପାସପୋର୍ଟ ଏବଂ ଦୁବାଇରେ ବହୁ ପରିମାଣର ଅଘୋଷିତ ସମ୍ପତ୍ତି ରହିଛି।

# ମିଆଁମାରରେ ମୁକ୍ତ ହେଲେ ୪,୩୩୫ କଏଦୀ

**ୟାଙ୍ଗୁନ୍:** ମିଆଁରର ସାମରିକ ସମର୍ଥିତ ସରକାର ୪,୩୩୫ ଜଣ କଏଦୀଙ୍କୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଛଅ ମାସ ମଧ୍ୟରେ ଏହା ତୃତୀୟ ଅଭ୍ୟାସ। ତେବେ ପୂର୍ବତନ ନେତ୍ରୀ ସୁ କି ଓ ଅନେକ ରାଜନେତା ଏବେ ବି ଜେଲରେ ଅଛନ୍ତି, ଯଦିଚ ସେମାନଙ୍କ ଦଣ୍ଡ ହ୍ରାସ କରାଯାଇଛି।ରାଷ୍ଟ୍ରପତି ମିନ୍ ଆଙ୍ଗ ହ୍ଲାଇଙ୍ଗଙ୍କ ଦ୍ୱାରା ଅନୁମୋଦିତ ଏବଂ ରାଷ୍ଟ୍ରାୟତ୍ତ ଏମ୍‌ଆର୍ ଟିଭି ମାଧ୍ୟମରେ ଘୋଷଣା କରାଯାଇଥିବା ଏହି ନିଷ୍ପତ୍ତି ଦେଶ ଏହାର ପାରମ୍ପରିକ ନୂଆବର୍ଷ ପାଳନ କରୁଥିବା ବେଳେ ଆସିଛି, ଯାହା ଐତିହାସିକ କ୍ଷମାଦାନ କାର୍ଯ୍ୟ ସହିତ ଜଡିତ। ଅବଶ୍ୟ କଏଦୀମାନଙ୍କ ଏହି ବର୍ଷର ମୁକ୍ତି ଏକ ଦୀର୍ଘ ଗୃହ ସଂଘର୍ଷ ଓ ନିରନ୍ତର ଅନ୍ତର୍ଜାତୀୟ ଯାଞ୍ଚର ପୃଷ୍ଠଭୂମିରେ ଆସିଛି। କର୍ତ୍ତୃପକ୍ଷ ମୁକ୍ତ ହୋଇଥିବା ଲୋକଙ୍କ ପରିଚୟ ପ୍ରକାଶ କରିନଥିଲେ ମଧ୍ୟ ଅଧିକାରୀମାନେ ନିଶ୍ଚିତ କରିଛନ୍ତି ଯେ ମୁକ୍ତ ହୋଇଥିବା ଲୋକଙ୍କ ମଧ୍ୟରେ ୧୭୯ ଜଣ ବିଦେଶୀ ନାଗରିକ ଅଛନ୍ତି ଏବଂ ସେମାନଙ୍କୁ ନିଜ ଦେଶକୁ ପ୍ରତ୍ୟର୍ପଣ କରାଯିବ। କ୍ଷମାଦାନରେ ଗୁରୁତ୍ୱପୂର୍ଣ୍ଣ ଦଣ୍ଡ ହ୍ରାସ, ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିବା, ଆଜୀବନ କାରାଦଣ୍ଡକୁ ୪୦ ବର୍ଷକୁ ହ୍ରାସ କରିବା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀକୁ ଏକ ଷଷ୍ଠାଂଶ ହ୍ରାସ କରିବା ଅନ୍ତର୍ଭୁକ୍ତ। ତଥାପି ବ୍ୟାପକ ଚିତ୍ର ଏକ ଜଟିଳ କାହାଣୀ କହିଥାଏ। ରାଜନୈତିକ କଏଦୀମାନଙ୍କ ପାଇଁ ସହାୟତା ସଂଘ ଅନୁଯାୟୀ, ୨୦୨୧ରେ ସାମରିକ ବିଦ୍ରୋହ ପରଠାରୁ ୩୦,୦୦୦ରୁ ଅଧିକ ରାଜନୈତିକ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି, ଯାହା ମ୍ୟାମାରର ଦୁର୍ବଳ ଗଣତାନ୍ତ୍ରିକ ଢାଞ୍ଚାକୁ ପ୍ରକାଶ କରୁଛି।ଏବେ ବି ଅଟକ ଥିବା ଲୋକଙ୍କ ମଧ୍ୟରେ ପୂର୍ବତନ ନେତ୍ରୀ ଅଙ୍ଗ ସାନ୍ ସୁ କି ଓ ପୂର୍ବତନ ରାଷ୍ଟ୍ରପତି ୱିନ୍ ମିଣ୍ଟଙ୍କ ସମେତ ଦେଶର କେତେକ ପ୍ରମୁଖ ରାଜନୈତିକ ବ୍ୟକ୍ତିତ୍ୱ ଅଟନ୍ତି। ବର୍ତ୍ତମାନ ୮୦ ବର୍ଷ ବୟସ୍କ ସୁ କି ଏକାଧିକ ଅଭିଯୋଗରେ ୨୭ ବର୍ଷ କାରାଦଣ୍ଡ ଭୋଗୁଛନ୍ତି, ଯାହା ତାଙ୍କ ସମର୍ଥକମାନେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବର୍ଣ୍ଣନା କରିଛନ୍ତି। ଏହା ପୂର୍ବରୁ ନଭେମ୍ବର ଓ ଜାନୁଆରିରେ କ୍ଷମାଦାନ ଅଧୀନରେ ୧୪,୦୦୦ରୁ ଅଧିକ କଏଦୀଙ୍କୁ ମୁକ୍ତ କରାଯାଇଥିଲା।



# ଟିସିଏସ୍ ନାସିକ୍ ଯୌନ ନିର୍ଯାତନା ମାମଲା: ତଦନ୍ତ କରିବ ଏନସିଡବ୍ଲ୍ୟୁ

**ମୁମ୍ବାଇ:** ମହାରାଷ୍ଟ୍ରର ନାସିକ୍ ସ୍ଥିତ ଟିସିଏସ୍ ବିପିଓ ସେଣ୍ଟରରେ ମହିଳାଙ୍କୁ ଯୌନ ନିର୍ଯାତନା ଦିଆଯିବା ମାମଲାରେ ଜାତୀୟ ମହିଳା ଆୟୋଗ (ଏନ୍ସିଡବ୍ଲ୍ୟୁ) ଘଟଣାକୁ ସ୍ୱତଃ ସଂଜ୍ଞାନକୁ ନେବା ସହିତ ଏହାର ତଦନ୍ତ କରିବା ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛି। ଏନ୍ସିଡବ୍ଲ୍ୟୁ ଏକ ବିବୃତି ଜାରି କରି କହିଛି ଯେ, ଏହା ନାସିକ୍ ଟିସିଏସ୍ ବିପିଓ ଅଫିସ ଯାଇ ଯୌନ ନିର୍ଯାତନା ମାମଲାର ତଦନ୍ତ କରିବ। ଏହି ଘଟଣାକୁ ଆୟୋଗ ଗମ୍ଭୀରତାର ସହ ବିଚାରକୁ ନେଇଛି। ଜାତୀୟ ମହିଳା ଆୟୋଗ ଆଇନ, ୧୯୯୦ ର ଧାରା ୮ ଅନୁଯାୟୀ ଆୟୋଗ ଏହାର କ୍ଷମତା ବ୍ୟବହାର କରି, ଘଟଣାର ବିସ୍ତୃତ ତଦନ୍ତ କରିବା ପାଇଁ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛି। କମିଟି ଶନିବାର ଘଟଣାସ୍ଥଳ ପରିଦର୍ଶନ କରିବେ।

ଏକ ସରକାରୀ ବିବୃତି ଅନୁଯାୟୀ କିମିଟିରେ ବମ୍ବେ ହାଇକୋର୍ଟଙ୍କ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ସାଧନା ଯାଧବ, ହରିୟାଣାର ପୂର୍ବତନ ଡିଜିପି ବିକେ ସିହ୍ନା, ସୁପ୍ରିମକୋର୍ଟ ଓକିଲ ମୋନିକା ଆରୋରା ଏବଂ ଏନସିଡବ୍ଲ୍ୟୁର ବରିଷ୍ଠ ସଂଯୋଜକ ଲୀଳାବତୀ ଅଛନ୍ତି। କମିଟି ୧୦ ଟି କାର୍ଯ୍ୟ ଦିବସ ମଧ୍ୟରେ ଏହାର ରିପୋର୍ଟ ଦାଖଲ କରିବ। ଟିସିଏସ୍ ଆଉଟସୋର୍ସିଂ ୟୁନିଟ୍ରେ ଦୀର୍ଘ ଦିନ ହେଲା କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ଓ ଧର୍ମ ପରିବର୍ତ୍ତନ ପରି ଗମ୍ଭୀର ଅଭିଯୋଗ ହୋଇଛି।



୨୦୨୬ ମାର୍ଚ୍ଚ ଶେଷ ଭାଗରେ ଟିସିଏସ୍ର ଜଣେ ମହିଳା କର୍ମଚାରୀ ପୁଲିସ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ୨୦୨୨ ରୁ ୨୦୨୬ ପର୍ଯ୍ୟନ୍ତ ପ୍ରାୟ ଚାରି ବର୍ଷ ଧରି ମହିଳା କର୍ମଚାରୀଙ୍କ ସହିତ ଦୁଷ୍କର୍ମ ଓ ଧର୍ମ ପରିବର୍ତ୍ତନ ପରି ମାମଲା ଚାଲିଥିଲା। ନାସିକ୍ ପୁଲିସ ଏହି ମାମଲାରେ ଏପର୍ଯ୍ୟନ୍ତ ଆଠ ଜଣଙ୍କୁ ଗିରଫ କରିଛି। ଜଣେ ମହିଳା ଅଭିଯୁକ୍ତ ଫେରାର୍ ଅଛନ୍ତି। ଅଭିଯୋଗର ସବିଶେଷ ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ମଧ୍ୟ ଗଠନ କରାଯାଇଛି। ତଦନ୍ତକାରୀ ଦଳ ୪୦ରୁ ଅଧିକ ସିସିଟିଭି ରେକର୍ଡ଼ିଂର ସମୀକ୍ଷା କରିଛି। ଏହାସହିତ ଉଭୟ ଅଭିଯୁକ୍ତ ଓ ଅଭିଯୋଗକାରୀଙ୍କ ବୟାନ ରେକର୍ଡ଼ କରିବ। ତଦନ୍ତ ଜାରି ରହିଥିବାବେଳେ ଅଧିକାରୀମାନେ କହିଛନ୍ତି ଯେ, କୌଣସି ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ସମସ୍ତ ଦିଗକୁ ଭଲଭାବେ ଯାଞ୍ଚ କରାଯାଉଛି। ଟାଟା ସନ୍ସର ଅଧ୍ୟକ୍ଷ ଏନ. ଚନ୍ଦ୍ରଶେଖରନ୍ ମଧ୍ୟ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରିଛନ୍ତି। କମ୍ପାନୀ କୌଣସି ପ୍ରକାରର ଅସଦାଚରଣ କିମ୍ବା ବଳପୂର୍ବକ କାର୍ଯ୍ୟ ପ୍ରତି କଠୋର ଶୂନ୍ୟ-ସହିଷ୍ଣୁତା ମନୋଭାବକୁ ଦୋହରାଇଛି।

ଆଇପିଏଲ୍ ମହାସମର

# ଗୁଜରାଟକୁ ଜିତାଇଲେ ଗିଲ୍

अହମ୍ମଦାବାଦ,୧୭।୪(ଏଜେନ୍ସି): ଗୁଜରାଟ ଟାଇଟନ୍ସ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଅଧିନାୟକ ଶୁଭମନ ଗିଲ। ୫୦ ବଲରୁ ୮୬ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ଗିଲ। ଚଳିତ ଆଇପିଏଲରେ ଏହା ଗୁଜରାଟର ତୃତୀୟ ବିଜୟ। ୫ ମ୍ୟାଚରୁ ୬ ପଏଣ୍ଟ ସହ ଗୁଜରାଟ ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧିନ କୋଲକାତା ନାଇଟ ରାଇଡର୍ସ ବିଜୟ ପୁଣି ବିଳମ୍ବିତ ହୋଇଛି। ଦଳ ୬ଟି ମ୍ୟାଚ ଖେଳି ୧ ପଏଣ୍ଟ ସହ ଟେବୁଲର ଦଶମ ସ୍ଥାନରେ ରହିଛି। ଏହି ମ୍ୟାଚରେ କୋଲକାତା ୨୦ ଓଭରରେ ୧୮୦ ରନ୍ କରିଥିଲା। ଜବାବରେ ଗୁଜରାଟ ଟାଇଟନ୍ସ ୧୯.୪ ଓଭରରେ ୧୮୧/୫ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା।

अହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ କୋଲକାତା ନାଇଟରାଇଡର୍ସ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ସହ ଟିମ ସେଫର୍ଟ ପାଳି ଆରମ୍ଭ କରିଥିଲେ। ତେଣୁ କେକେଆରର ଆରମ୍ଭ ଖୁବ ଖରାପ ଥିଲା। ୩୨ ରନ୍ ମଧ୍ୟରେ ୩ ୱିକେଟ୍ ହରାଇଥିଲା କେକେଆର। ଆଜିଙ୍କ୍ୟ ରାହାଣେ ବିନା ସ୍କୋରରେ ଆଉଟ୍ ହୋଇଥିବା ବେଳେ ଅଙ୍ଗକ୍ରିସ ରଘୁବଂଶୀ ୮, ଟିମ୍ ସେଫର୍ଟ ୧୯ ରନ୍ କରି ପାଭିଲିୟନ୍ ଫେରିଥିଲେ। ଏହାପରେ ଦଳର ସ୍ଥିତି ସମ୍ଭାଳିଥିଲେ କାମେରନ୍ ଗ୍ରୀନଙ୍କ ସହ ରୋଭମ୍ୟାନ ପାୱେଲ୍। ୨୦ ବଲରୁ ୨ଟି ଲେଖାଏଁ ଚୌକା ଓ ଛକା ମାରି ୨୭ ରନ୍ କରିଥିଲେ। କାମେରନ୍ ଗ୍ରୀନ୍ ଶେଷ ପର୍ଯ୍ୟନ୍ତ ଦଳର ମଙ୍ଗ ଧରିଥିଲେ। ୫୫ ବଲରୁ ୭ଟି ଛକା ସହାୟତାରେ ୭୯ ରନ୍ କରିଥିଲେ। ରମଣଦୀପ ସିଂ ୧୭ ରନ୍ କରିଥିବା ବେଳେ ଅନ୍ୟମାନଙ୍କ ପ୍ରଦର୍ଶନ ସନ୍ତୋଷ ଜନକ ନଥିଲା। ତେଣୁ କୋଲକାତା ୨୦ ଓଭରରେ ୧୮୦ ରନ୍ କରି ଅଲଆଉଟ୍ ହୋଇଥିଲା। ବୋଲିଂରେ ଗୁଜରାଟର କାଗିସୋ ରବାଡାଙ୍କୁ ୩ଟି, ମହମ୍ମଦ ସିରାଜ ଓ ଅଶୋକ ଶର୍ମା ଦୁଇଟି ଲେଖାଏଁ, ପ୍ରସିଦ୍ଧ କ୍ରିଷ୍ଣା ତଥା ରସିଦ ଖାନ୍ ଗୋଟିଏ କରି ୱିକେଟ୍ ନେଇଥିଲେ।

୧୮୧ ରନର ବିଜୟଲକ୍ଷ୍ୟକୁ ଗୁଜରାଟ ପିଛା କରି ୧୯.୪ ଓଭରରେ ୧୮୧/୫ରନ କରିଥିଲା। ଏହି ମ୍ୟାଚରେ ଗୁଜରାଟର ପ୍ରଦର୍ଶନ ଜମାଣିଆ ରହିଥିଲା। ଖାସ କରି ଅଧିନାୟକ ଶୁଭମନ ଗିଲ ମ୍ୟାଚର ମୋଡ ସମ୍ପୂର୍ଣ୍ଣ ବଦଳାଇ ଦେଇଥିଲେ। ଗିଲଙ୍କ ସହ ସାଇ ସୁଦର୍ଶନ ୫୭ ରନ୍ କରିଥିଲେ। ଗିଲ୍ ୫୦ ବଲରୁ ୮ଟି ଚୌକା ଓ ୪ଟି ଛକା ସହାୟତାରେ ୮୬ ରନ କରିଥିଲେ। ସୁଦର୍ଶନ ୧୬ ବଲରୁ ୨୨ ରନ୍ କରିଥିଲେ। ୱିକେଟକିପର ବ୍ୟାଟର ଜୋଶ ବଟଲର ୧୫ ବଲରୁ ୨୫, ସ୍ପିନର ୱାଶିଂଟନ ସୁନ୍ଦର ୧୩ ରନ, ଗ୍ଲେନ ଫିଲିପ୍ସ ୧୬ ବଲରୁ ୧୯ ରନ୍ ତଥା ରାହୁଲ ତେୱାଟିଆ ୭ ରନ୍ କରି ମ୍ୟାଚ ଫିନିସ କରିଥିଲେ। ବରୁଣ ଚକ୍ରବର୍ତ୍ତୀ ଦୁଇଟି, ବୈଭବ ଅରୋରା, ସୁନୀଲ ନାରିନ ଓ ରମଣଦୀପ ସିଂ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ। ଗୁଜରାଟ ଟାଇଟନ୍ସ ୫ ୱିକେଟରେ ବିଜୟଲାଭ କରି ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନକୁ ଉଠିଛି।



## ଆଜିର ମ୍ୟାଚ

- ▸▸ ବେଙ୍ଗାଲୁରୁ-ଦିଲ୍ଲୀସ୍ଥାନ
- ▸▸ ସ୍ଥାନ: ବେଙ୍ଗାଲୁରୁ
- ▸▸ ସମୟ- ଅପରାହ୍ନ ୩.୩୦
- * ସନରାଇଜର୍ସ-ଚେନ୍ନାଇ
- * ସ୍ଥାନ - ହାଇଦ୍ରାବାଦ
- * ସମୟ - ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୯ |
| ବେଙ୍ଗାଲୁରୁ | ୫ | ୪ | ୧ | ୮ |
| ରାଜସ୍ଥାନ | ୫ | ୪ | ୧ | ୮ |
| ଗୁଜରାଟ | ୫ | ୩ | ୨ | ୬ |
| ସନରାଇଜର୍ସ | ୫ | ୨ | ୩ | ୪ |
| ଦିଲ୍ଲୀ | ୪ | ୨ | ୨ | ୪ |
| ଲକ୍ଷ୍ନୌ | ୫ | ୨ | ୩ | ୪ |
| ଚେନ୍ନାଇ | ୫ | ୨ | ୩ | ୪ |
| ମୁମ୍ବାଇ | ୫ | ୧ | ୪ | ୨ |
| କୋଲକାତା | ୬ | ୦ | ୫ | ୧ |

# ବିବାଦରେ ବିରାଟ



ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ଭାରତୀୟ ଦଳର ତାରକା ଖେଳାଳି ବିରାଟ କୋହଲି ସୋସିଆଲ ମିଡ଼ିଆ ବିବାଦରେ ଖସିଛନ୍ତି। ଲିଜଲାଜ ନାମକ ଜଣେ ଜର୍ମାନୀ ଇନଫ୍ଲୁଏନସରଙ୍କ ଦ୍ୱାରା ପୋଷ୍ଟ କରାଯାଇଥିବା ଏକ ଇନଷ୍ଟାଗ୍ରାମ ଫଟୋକୁ ଲାଇକ୍ କରିଛନ୍ତି। ସୋସିଆଲ ମିଡ଼ିଆରେ ଏହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। କେତେକ ପ୍ରଶଂସକ ମଜାଦାର ମିମ ସେୟାର କରିଛନ୍ତି। ଆଉ କେତେକ ଲେଖିଛନ୍ତି ଏଥର ବୋଧ ହୁଏ ଆଲଗୋରିଦିନ ସମସ୍ୟା ଯୋଗୁଁ ଏପରି ହୋଇଛି। ଗୁରୁବାର ରାତିରେ ଏକ ଗସିପର ଏକ ସ୍କ୍ରିନ ସଟ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟ ଫର୍ମରେ ଭାଇରାଲ ହୋଇଥିଲା। ଯାହା ଫଳରେ ୟୁଜର୍ସଙ୍କ ମତାମତରେ ଝଡ ସୃଷ୍ଟି କରିଛି। ତଥାପି ଏହା ସ୍ପଷ୍ଟ ନୁହେଁ ଯେ, ପ୍ରକୃତରେ ଏହି ପୋଷ୍ଟକୁ କୋହଲି ଲାଇକ୍ କରିଛନ୍ତି ଆଲବୋରିଦିନ ହୋଇଥିବା ଏକ ତ୍ରୁଟି। ପ୍ରଥମଥର ନୁହେଁ ଗତବର୍ଷ ମଧ୍ୟ ସମାନ ଘଟଣାକୁ ନେଇ ବିରାଟ ଚର୍ଚ୍ଚାରେ ଥିଲେ। ଅବନୀତ କୌର ନାମକ ମଡେଲଙ୍କ ଫଟୋରେ ଲାଇକ୍ ମାରିବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଥିଲା।

ଜର୍ମାନୀର ଜଣେ ସୋସିଆଲ ମିଡ଼ିଆ କ୍ରିଏଟର ହେଉଛନ୍ତି ଲିଜଲାଜ। ଡିଜିଟାଲ ଦୁନିଆରେ ଦ୍ରୁତଗତିରେ ଲୋକପ୍ରିୟତା ହାସଲ କରୁଛନ୍ତି। ଜଣେ ଟ୍ରାଭେଲ ବ୍ଲଗର ଫୁଡ ଏକ୍ସପ୍ଲୋରର ଏବଂ ଗାୟିକା ଭାବେ ଜଣାଶୁଣା। ତାଙ୍କର ଦ.ଆଫ୍ରିକା ସହ ଗଭୀର ସମ୍ପର୍କ ରହିଛି। ଭାରତୀୟ ଦର୍ଶକଙ୍କ ମଧ୍ୟରେ ତାଙ୍କ ଲୋକପ୍ରିୟତା ବୃଦ୍ଧି ପାଉଛି। ଭାରତ ବାହାରେ ଦ.ଆଫ୍ରିକା, କୋରିଆ, ଭିଏତନାମ, ଶ୍ରୀଲଙ୍କା, ନେପାଳ, ଥାଇଲାଣ୍ଡ ଏବଂ ମାଳଦୀପ ସମେତ ଅନେକ ଭ୍ରମଣ କରିଛନ୍ତି। ତାଙ୍କ ଫଲୋଅର୍ସ ୪ ଲକ୍ଷରୁ ଅଧିକ। ତେବେ ଲିଜଲାଜ ସମ୍ବନ୍ଧୀୟ ଲାଇକ୍ ସମ୍ପର୍କରେ ସତ୍ୟ କଣ ତାହା ସ୍ପଷ୍ଟ ହୋଇନାହିଁ।

# ଅଧିନାୟକ ପଦ ଛାଡିବେ ପାଣ୍ଡ୍ୟା

ନୂଆଦିଲ୍ଲୀ,୧୭।୪(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣରେ ୫ଥର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ମୁମ୍ବାଇ କ୍ରମାଗତ ୪ଟି ମ୍ୟାଚ ହାରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ମୁମ୍ବାଇ ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳିଥିବା ବେଳେ କେବଳ ଗୋଟିଏ ମ୍ୟାଚ ଜିତିଛି। ତେବେ ପଏଣ୍ଟ ଟେବୁଲରେ ମୁମ୍ବାଇ ନବମ ସ୍ଥାନରେ ରହିଛି। ଗୁରୁବାର ଶ୍ରେୟାସ ଆୟରଙ୍କ ପଞ୍ଜାବ କିଙ୍ଗ୍ସ ମୁମ୍ବାଇ ଧରାଶାୟୀ କରିଥିଲା। ଦଳ ୧୯୫ ରନ୍ କରିଥିଲେ ହେଁ ଏହାକୁ ପଞ୍ଜାବ ବେଶ ସହଜରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ମୁମ୍ବାଇ ଚଳିତ ଆଇପିଏଲରେ ପ୍ରଥମ ମ୍ୟାଚରେ କୋଲକାତାକୁ ମାର୍ଚ୍ଚ ୨୯ରେ ପରାସ୍ତ କରିଥିଲା। ସେବେ ଠାରୁ ଦଳ କ୍ରମାଗତ ୪ଟି ମ୍ୟାଚ ହାରିନାହିଁ। ପଞ୍ଜାବ ଠାରୁ ହାରିବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱକୁ ସମାଲୋଚନା କରାଯାଇଛି। ମୁମ୍ବାଇର ଅଧିନାୟକ ହେବା ପରେ ପାଣ୍ଡ୍ୟାଙ୍କ ନେତୃତ୍ୱ ନେବାର ଦୁର୍ବଳତା ପଦରେ ପଡିଛି। ପୂର୍ବତନ ମନୋଜ ତିୱାରୀ କହିଛନ୍ତି ଉତ୍ତରାଧିକାରୀ କେଉଁଠୁ ଆସିବେ। ଆମକୁ ନିଜ ଦକ୍ଷତା ଦେଖାଇବାକୁ ପଡିବ। ଆପଣ କେମିତି ଖେଳୁଛନ୍ତି ତାହା ମୈଦାନରେ ଦେଖାଇବାକୁ ହେବ। ୨୦୧୫ରୁ ୨୦୨୩ ପର୍ଯ୍ୟନ୍ତ ରୋହିତ ଶର୍ମା ମୁମ୍ବାଇର ଅଧିନାୟକ ଥିଲେ। ଦଳକୁ ସେ ୫ଥର ଆଇପିଏଲ ଚାମ୍ପିଅନ କରାଇବାରେ ବଡ଼ ଭୂମିକା ନେଇଥିଲେ। ହାର୍ଦ୍ଦିକ ଏବେ ଅଧିନାୟକ ପଦ ଛାଡନ୍ତୁ। ପୁଣିଥରେ ରୋହିତ ଦଳର ନେତୃତ୍ୱ ନିଅନ୍ତୁ ବୋଲି ତିୱାରୀ ମତ ରଖିଛନ୍ତି। ୨୦୨୩ରେ କୌଣସି ଟ୍ରଫି ନଥିଲା। ୨୦୨୪ରେ ମଧ୍ୟ ଟ୍ରଫି ମିଳିଲା ନାହିଁ। ୨୦୨୫ ତଥା ଚଳିତ ବର୍ଷ ମଧ୍ୟ ଟ୍ରଫି ମିଳିବାର ସମ୍ଭାବନା ନାହିଁ କହିଲେ ଚଳେ। ତେଣୁ ମୁଁ ଭାବୁଛି ଅଧିନାୟକତ୍ୱରେ ଦୁର୍ବଳତା ରହିଛି। ତେଣୁ ନେତୃତ୍ୱ ପରିବର୍ତ୍ତନର ସମୟ ଆସିଛି ବୋଲି ତିୱାରୀ କହିଛନ୍ତି।

ମେଜର ସନ୍ଦୀପ ମେମୋରିଆଲ ସୁପର ସିରିଜ୍ ଟେନିସ୍

# ଡବଲ୍ସରେ ବଂଶଲ-ଘୋଷ ଚାମ୍ପିଅନ

ଭୁବନେଶ୍ୱର,୧୭।୪(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠସ୍ଥ ମେଣ୍ଟଶାଳାର ଗୁରୁକୂଳ ଟେନିସ୍ କମ୍ପ୍ଲେକ୍ସରେ ଆୟୋଜିତ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଆଇଟା-ଓଟା ସୁପର ସିରିଜ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ବାଳକ ଡବଲ୍ସରେ ପଶ୍ଚିମବଙ୍ଗର ହାଭିସ ବଂଶଲ ଓ ସ୍ୱପ୍ନୀଲ ଘୋଷ ଚାମ୍ପିଅନ ହୋଇଛନ୍ତି। ବଂଶଲ-ଘୋଷଙ୍କ ଯୋଡି ୬-୨, ୭-୬ ସେଟରେ ଆସାମର ସମ୍ବିଦ ବୋରା ଓ କର୍ଣ୍ଣାଟକର ଅର୍ଜୁନ ଶାସ୍ତ୍ରୀଙ୍କ ଯୋଡିକୁ ପରାଜିତ କରି ଟାଇଟଲ ହାତେଇଛନ୍ତି। ସ୍ୱର୍ଗତ ସନ୍ଦୀପ ମହାପାତ୍ରଙ୍କ ବାପା ଜଗଦାନନ୍ଦ ମହାପାତ୍ର ଯୋଗଦେଇ ବଂଶଲ ଓ ଘୋଷଙ୍କୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ। ଶନିବାର ବାଳକ ଓ ବାଳିକା ସିଙ୍ଗଲ୍ସ ବର୍ଗର ଫାଇନାଲ ଖେଳାଯିବ। ବାଳିକା ବର୍ଗର ଟାଇଟଲ ଲଢ଼େଇରେ ଓଡ଼ିଶା ସଂରଚନା ଦାସ ଓ ୟୁପିର ଆଶି ସାମସେରୀ ତଥା ବାଳକ ବର୍ଗର ଫାଇନାଲ ପଶ୍ଚିମବଙ୍ଗର ରିଷଭ କୁମାର ପ୍ରସାଦ ଓ ଆଭିସ ବଂଶଲଙ୍କ ମଧ୍ୟରେ ହେବ।



# ଯୁଦ୍ଧ ସତ୍ତ୍ୱେ ଇରାନ ଖେଳିବ ବିଶ୍ୱକପ

ପ୍ୟାରିସ୍,୧୭।୪(ଏଜେନ୍ସି): ଜୁନ ୧୧ରୁ ଫିଫା ବିଶ୍ୱକପ ଆରମ୍ଭ ହେବ। ଫୁଟବଲ ମହାକୁମ୍ଭରେ ଇରାନ ଖେଳିବ କି ନାହିଁ ଦ୍ୱନ୍ଦ୍ୱ ଲାଗି ରହିଥିଲା। ମଧ୍ୟପ୍ରାଚ୍ୟରେ ଅଶାନ୍ତି ଏହାର ମୁଖ୍ୟ କାରଣ ଥିଲା। ଶୁକ୍ରବାର ଫିଫା ମୁଖ୍ୟ ଜିଆନୀ ଇନଫାଣ୍ଟିନୋ ସ୍ପଷ୍ଟ କରିଛନ୍ତି ଯେ, ଇରାନ ଯୁଦ୍ଧ ସତ୍ତ୍ୱେ ଫିଫା ବିଶ୍ୱକପ୍ ଖେଳିବ। ପୂର୍ବରୁ ଇରାନ ତାର ଗ୍ରୁପ ଆମେରିକା ବଦଳରେ ମେକ୍ସିକୋରେ ଆୟୋଜନ କରିବା ଫିଫାକୁ ଅନୁରୋଧ କରିଥିଲା। କିନ୍ତୁ ଫିଫା ଏହାକୁ ଗ୍ରହଣ କରିନଥିଲା। ଗ୍ରୁପ୍ ଜି'ରେ ସ୍ଥାନ ପାଇଥିବା ଏସିଆର ପ୍ରମୁଖ ଦଳ ଇରାନ ଲସଏଞ୍ଜେଲ୍ସରେ ଦୁଇଟି ଓ ସିଆଟେଲରେ ଗୋଟିଏ ମ୍ୟାଚ ଖେଳିବ। ବିଶ୍ୱକପ୍ ବେଳକୁ ପରିସ୍ଥିତି ଶାନ୍ତ ହୋଇଯାଇଥିବ ବୋଲି ଅନୁମାନ କରାଯାଉଛି। ଇରାନ ନିଶ୍ଚିତ ଭାବେ ବିଶ୍ୱକପରୁ ଆସିବ। ସେମାନଙ୍କ ଖେଳାଳି କ୍ରୀଡା ପାଇଁ ଇରାନର ପ୍ରତିନିଧିତ୍ୱ କରୁଛନ୍ତି। ଭଲ ପ୍ରଦର୍ଶନ କରି ଯୋଗ୍ୟତା ହାସଲ କରିଛନ୍ତି। ତାଙ୍କ ପ୍ରଶଂଶକ ନିଶ୍ଚିତ ଭାବେ ଇରାନ ବିଶ୍ୱକପ ଖେଳୁ ବୋଲି ଚାହିଁବେ। ଏଥର ବିଶ୍ୱକପରେ ସର୍ବାଧିକ ୪୮ଟି ଦେଶ ଅଂଶଗ୍ରହଣ କରିବେ। ୩୯ ଦିନ ଧରି ଫିଫା ବିଶ୍ୱକପ ଚାଲିବ।

# ସିଏମ୍‌ଟ୍ରଫି ଭଲିବଲ, କବାଡି ପ୍ରତିଯୋଗିତା ଉଦଯାପିତ

ବ୍ୟାସନଗର,୧୭।୪(ଜିପ୍ର): ଯାଜପୁର ଜିଲ୍ଲା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ପ୍ରଥମ ସଂସ୍କରଣ ଅନ୍ତ ଜିଲ୍ଲା ସ୍ତରୀୟ ସି.ଏମ୍ ଟ୍ରଫି ଭଲିବଲ୍ ଓ କବାଡ଼ି ଉଦ୍‌ଯାପିତ ହୋଇଛି। ଚଳିତମାସ ୧୫ ଓ ୧୬ ଦୁଇଦିନ ଧରି ଚାଲିଥିବା ଖେଳରେ ଜିଲ୍ଲା ଭିତରୁ କବାଡ଼ିରେ ୧୬ ବର୍ଷରୁ କମ୍ ୨୨୪ଜଣ ଏବଂ ଭଲିବଲ୍‌ରେ ୧୪ବର୍ଷରୁ କମ୍ ୧୫୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି ବିଗତ ବର୍ଷରେ ସି.ଏମ ଟ୍ରଫିରେ ରାଜ୍ୟ ସରକାର କେବଳ ଫୁଟବଲ୍‌କୁ ସାମିଲ କରିଥିଲେ। ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖି ଚଳିତବର୍ଷ ଭଲିବଲ୍, ଖୋ-ଖୋ ଏବଂ କବାଡ଼ି ଖେଳକୁ ସାମିଲ୍ କରାଯାଇଛି। ଯାଜପୁର ଅନ୍ତର୍ଜିଲ୍ଲା ଭଲି ବଲ୍‌ରେ ୮ଟି ବାଳକଏବଂ ୫ଟି ବାଳିକା ଦଳ ଅଂଶ ଗ୍ରହଣ କରିଥିଲେ। ସେହିପରି କବାଡ଼ି ଖେଳରେ ୧୦ଟି ବାଳକ ଦଳ ଏବଂ ୬ଟି ବାଳକ ଦଳ ଫାଇନାଲ୍‌ରେ ପାଣିକୋଇଲି ନବୋଦୟ ପ୍ରୟାସ ଚ୍ୟାଲେଞ୍ଜରକୁ ୨-୦ସେଟ୍‌ରେ



ପରାସ୍ତ କରି ଚାମ୍ପିଆନ୍ ହୋଇଥିବା ବେଳେ ବାଳିକା ବିଭାଗରେ ପ୍ରୟାସ୍ ଚ୍ୟାଲେଞ୍ଜର ଦେବ୍‌ୱାରିଅର୍ସକୁ ପରାସ୍ତ କରି ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିଲା। ସେହିପରି କବାଡ଼ି ବାଳକ ବିଭାଗରେ ଇନ୍ଦ୍ରାବତୀ ଟିମ୍ ବିଜେତା ଓ ସୁବର୍ଣ୍ଣରେଖା ଟିମ୍ ଉପ ବିଜେତା ହୋଇଥିବା ବେଳେ ବାଳିକା ବିଭାଗରେ ଇନ୍ଦ୍ରାବତୀ ବିଜେତା ଓ ଋଷିକୁଲ୍ୟା ଟିମ୍ ଉପ ବିଜେତା ହୋଇଥିଲେ। ଉଦ୍‌ଘାଟନ ସମାରୋହରେ କୋରେଇ ବିଧାୟକ ଆକାଶ୍ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ୟାସନଗର ନଗରପାଳ ସୁବାସ ବଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳର ଅନ୍ତିମ ଦିନରେ ବିଜେତା ଏବଂ ଉପବିଜେତା ଦଳକୁ କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ପରିଚାଳନା କରିବାରେ ଅଭ୍ରାଂଶୁ ମହାନ୍ତି, ଅମର ସାହୁ, ଖଗେଶ୍ୱର ରଣା, ଫେଚ ସେଠୀ, ଜୁଳିଆ ପହି, ମନୁଆ ଜେନା, ସୁଶୀଳ ଦାସ, ମିଥୁନ କର, ଅସିତ ପାଲ, ରମେଶ ପଣ୍ଡା, କୃଷ୍ଣ ପଣ୍ଡା, ଅନାଦି ସାହୁ, ସୁରେଶ ସାହୁ, ମନସ୍ୱିନୀ ସାହୁ, ପୁପୁନ୍ ମଲିକ୍, ପଙ୍କଜ ସାହୁ, କରୁଣାକର ମାଝି, ପ୍ରଦୀପ କାଣ୍ଡି, ପ୍ରଦୀପ ସେନାପତି ଏବଂ ଜୟରାମ ମାଝି, ପୂର୍ଣ୍ଣଚନ୍ଦ୍ର ସେଠୀ ସହଯୋଗ କରିଥିବାର ସାଧାରଣ ସମ୍ପାଦକ ସମ୍ବିତ୍ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି।

ସୂଚନା

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୬୩୩୧୬୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୬୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ସିଏମ ଟ୍ରଫି ଖୋ ଖୋ, କବାଡି, ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର,୧୭।୪(ସବ୍ୟୁ): ୧୭୦୪ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ରାଜ୍ୟ ଖୋ ଖୋ ଆସୋସିଏସନ, ରାଜ୍ୟ କବାଡି ଆସୋସିଏସନ, ରାଜ୍ୟ ଭଲି ବଲ ଆସୋସିଏସନ ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଷ୍ଟାଡିୟମ ପଡିଆରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ୧୪ ବର୍ଷରୁ କମ ସି ଏମ ଟ୍ରଫି ଖୋ ଖୋ, କବାଡ଼ି ଓ ଭଲିବଲ ପ୍ରତିଯୋଗିତା ର ପ୍ରଥମ ସଂସ୍କରଣ ଉଦଯାପିତ ହୋଇଯାଇଛି।



ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଦୁଇଦିନ ଦୁଇଦିନ ଧରି ଫ୍ଲଡ ଲାଇଟରେ ଦିବା ରାତ୍ର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାଳକ ଓ ବାଳିକା ବିଭାଗରେ ସର୍ବମୋଟ ୩୩୮ ଜଣ ପ୍ରତିଯୋଗୀ ଏବଂ ୧୦୬ ଜଣ ଅଫିସିଆଲ ଓ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। ପ୍ରବଳ ଉତ୍ସାହ ମଧ୍ୟରେ ଦୁଇ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର କେନ୍ଦୁଝର ଜିଲ୍ଲାର ଲୋକପ୍ରିୟ ଖେଳ ଖୋ ଖୋ ବାଳକ ବିଭାଗରେ ତେଲକୋଇ ପାନ୍ଥର୍ସ ଚାମ୍ପିୟାନ ଓ ସେଣ୍ଟ ଜାଭିଆର ଫାଇଟର୍ସ ରନର୍ସ ଅପ, ବାଳିକା ବିଭାଗରେ କେଆଇସି, ନିଶାଗାଡ଼ିଆ ଚାମ୍ପିଅନ ଓ ଝୁମ୍ପୁରା କୁଇନ୍ସ ରନର୍ସ ଅପ, କବାଡ଼ି ବାଳକ ବିଭାଗରେ ଯୋଡ଼ା ୱରିୟର୍ସ ଚାମ୍ପିଅନ ଓ ତେଲକୋଇ ଗନ୍ସ ରନର୍ସ ଅପ, ବାଳିକା ବିଭାଗରେ ବୈତରଣୀ ସଦର ଚାମ୍ପିଅନ ଓ ତେଲକୋଇ ପାନ୍ଥର୍ସ ରନର୍ସ ଅପ ହୋଇଥିବା ବେଳେ ଭଲି ବଲ ବଲ ବାଳକ ବିଭାଗରେ ସଦର ଚମ୍ପିୟାନ ଓ ଘସିପୁରା ରନର୍ସ ଅପ, ବାଳିକା ବିଭାଗରେ ସଦର ଚାମ୍ପିଅନ ଓ ଝୁମ୍ପୁରା ରନର୍ସ ଅପ ହୋଇ ଅତିଥି ମାନଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ,ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ କୁମାର ରଣା, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା, ସଦର ବିଇଓ ଓଁକାର , ହରିଚନ୍ଦନପୁର ବିଇଓ ଚିନ୍ମୟ କୁମାର ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ରାଜ୍ୟରେ କ୍ରୀଡା ସଂସ୍କୃତିର ପ୍ରସାର ଓ ଗ୍ରାମାଞ୍ଚଳର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ପ୍ରକାଶ କରିବା ସହ ଏହି ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତି କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପାଇଁ କେନ୍ଦୁଝର ଜିଲ୍ଲା ଦଳ ଗଠନ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ବୃନ୍ଦ ପ୍ରତିଯୋଗୀ ମାନଙ୍କୁ କ୍ରୀଡାର ମହତ୍ୱ ଓ ଶୃଙ୍ଖଳିତ ଜୀବନର ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ସୂଚାରୁରୂପେ ପରିଚାଳନା କରିଥିଲେ। ଏଥିରେ କ୍ରୀଡା ଶିକ୍ଷକ ପ୍ରଶାନ୍ତ କୁମାର ପରିଡ଼ା, ପ୍ରକାଶ କୁମାର ବେଜ, ଶାନ୍ତନୁ ରାଉତ, ଲାଲୁ ପ୍ରସାଦ ସେଠୀ, ସାବିତ୍ରୀ ମହାନ୍ତି ଓ ପ୍ରଦୀପ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି